ଧୂଳିରୁ ଧୂଳି

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର

Digitized by srujanika@gmail.com

ମାଟିର ମଣିଷ

(ନାଟକ)

ନାଟ୍ୟରୂପକାର

ଶ୍ରୀଯୁକ୍ତ ପ୍ରାଣବନ୍ଧୁ କର

ପଦ୍ମଭୂଷଣ
ଡକ୍ଟର କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ପ୍ରଣୀତ
ମାଟିର ମଣିଷ
ଉପନ୍ୟାସର ନାଟ୍ୟରୂପ

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର

Digitized by srujanika@gmail.com

ମାଟିର ମଣିଷ

ଶ୍ରୀଯୁକ୍ତ ପ୍ରାଣବନ୍ଧୁ କର

ପ୍ରକାଶକ :
ନବ ଷ୍ଟୁଡେଣ୍ଟସ୍ ଷ୍ଟୋର
ବିନୋଦବିହାରୀ
କଟକ - ୭୫୩ ୦୦୨

ମୁଦ୍ରକ :
ପୁଷ୍ପିତା ପ୍ରେସ୍
କାଜି ବଜାର
କଟକ - ୭୫୩ ୦୦୧

ମୂଲ୍ୟ : ବାର ଟଙ୍କା ମାତ୍ର

ତୃତୀୟ ମୁଦ୍ରଣ : ୧୯୮୯

(ନାଟକର ଅଭିନୟ-ପ୍ରଦର୍ଶନ ଲେଖକଙ୍କର ଅନୁମତି-ସାପେକ୍ଷ)

MATIRA MANISHA

A dramatization of Padmabhushana Dr. Kalindi Charan Panigrahi's famous novel by Sri. Pranabandhu Kar. Published by M/s New Students' Store, Binod behari, Cuttack - 753 002 and printed in M/s Pushpita Press, Kazibazar, Cuttack - 753 001.

Third Edition : 1989 ● Price : Rupees Twelve only.

Digitized by srujanika@gmail.com

— ଉତ୍ସର୍ଗ —

ମୁଁ ପିଲା ଥିଲାବେଳେ ମୋର ବଡ଼ ଭାଇନା ଶ୍ରୀଜଗତ୍‌ବନ୍ଧୁ କର ଓ ସାନ ଭାଇନା ଶ୍ରୀ ଗୋପବନ୍ଧୁ ମିଶ୍ର ଉଭୟେ ଗଳ୍ପ ଲେଖାଲେଖି କରୁଥିଲେ । ସେଥିରୁ କେତୋଟି ଗଳ୍ପ 'ସହକାର' ଓ ଅନ୍ୟାନ୍ୟ ପତ୍ର ପତ୍ରିକାରେ ପ୍ରକାଶ ପାଇଥିଲା । ଲେଖାଲେଖି ଛାଡ଼ିଦେଇ ନ ଥିଲେ ଭାଇନା ଦୁହେଁ ଓଡ଼ିଆ ସାହିତ୍ୟରେ ଖୁବ୍ ନାଁ କରି ପାରିଥାନ୍ତେ ଏବଂ ତାଙ୍କ ପଛେ ପଛେ ମୁଁ ବି ଗୋଡ଼େଇ ପାରିଥାନ୍ତି – କିନ୍ତୁ ସେମାନେ ରହିଗଲେ । ତଥାପି ସେ ଦୁହିଁଙ୍କର ଗଳ୍ପଦ୍ୱାରା ଅନୁପ୍ରାଣିତ ହୋଇ ମୁଁ ଗଳ୍ପ ଓ ନାଟିକା ଲେଖିବାରେ ମନ ଦେଲି ।

ସେହି ଅନୁପ୍ରେରଣାର ସ୍ମୃତି ସ୍ୱରୂପ ଦୁହିଁଙ୍କର ଅତି ପ୍ରିୟ ବନ୍ଧୁ କାଳନ୍ଦୀ ବାବୁଙ୍କର 'ମାଟିର ମଣିଷ'ର ନାଟ୍ୟରୂପ ଆଜି ମୋର ଭାଇନା ଦୁହିଁଙ୍କ ହାତକୁ ଟେକି ଦେଲି ।

ପ୍ରାଣ

Digitized by srujanika@gmail.com

ଗାଳ୍ପିକର ବଚନିକା

ସାହିତ୍ୟ କେବଳ ପାଠକମାନଙ୍କ ଭିତରେ ଆବଦ୍ଧ ନୁହେଁ । ଶ୍ରୋତା ଓ ଦର୍ଶକ ମଧ୍ୟରେ ମଧ୍ୟ ଏହା ପରିବ୍ୟାପ୍ତ । ପ୍ରାଚୀନତମ ସାହିତ୍ୟ ବେଦହିଁ ପ୍ରଥମେ ଅକ୍ଷର ଉଦ୍ଭାବନ ପୂର୍ବରୁ କେବଳ ଉଚ୍ଚାରିତ ଓ ଶ୍ରୁତ ହେଉଥିଲା । ସେଥିଲାଗି ତାହାର ନାମ ଶ୍ରୁତି ।

ଆଜି ମଧ୍ୟ ସାହିତ୍ୟ ତାହାର ପ୍ରାଥମିକ ଆକାରରେ ଲୋକଗୀତ ବା ଲୋକଗାଥା ଅବସ୍ଥାରେ ସେହିଭଳି ସୃଷ୍ଟ ହୋଇଥାଏ। ପୁଣି ଦର୍ଶକ ଓ ଶ୍ରୋତାମାନଙ୍କ ପାଇଁ ଯାତ୍ରା-ସୁଆଙ୍ଗ ଭାବରେ ତାହାର ସଜୀବ ସଚଳ ରୂପାୟନ । ଏହି ପଥରେ ତାହା ଅଜ୍ଞ ନିରକ୍ଷର ଜନସାଧାରଣଙ୍କ ଭିତରେ ମଧ୍ୟ ପ୍ରବେଶାଧିକାର ପାଇଛି; ସମବେତ ଶ୍ରୋତା ଓ ଦର୍ଶକମାନଙ୍କୁ ଆନନ୍ଦ ଦେବା ସଙ୍ଗେ ସଙ୍ଗେ ଶିକ୍ଷାପ୍ରସାର ଦ୍ୱାରା ଦେଶର ନୈତିକ ମାନକୁ ଉପରକୁ ଟେକିଛି । ଲୋକଗୀତ କିମ୍ବା ଲୋକଗାଥା ଯେପରି ଉନ୍ନତ ରୂପରେ କବିତା କିମ୍ବା ଗଳ୍ପ-ଉପନ୍ୟାସର ଆକାର ନେଇଛି, ଯାତ୍ରା-ସୁଆଙ୍ଗର ନାଗରିକ ରୂପ ସେହିପରି ନାଟକ । ଲୋକଗାଥା କିମ୍ବା ଲୋକଗୀତ ଯେପରି ଯାତ୍ରାସୁଆଙ୍ଗରେ ରୂପାୟିତ, ଗଳ୍ପ ଉପନ୍ୟାସର ମଧ୍ୟ ସେହିପରି ନାଟ୍ୟରୂପ କରାଯାଇଥାଏ । ସବୁ ଦେଶ ଓ ସାହିତ୍ୟରେ କାବ୍ୟ ପୁରାଣର ନାଟକୀୟ ରୂପ ବହୁକାଳରୁ ପ୍ରଚଳିତ ଅଛି । ଗଳ୍ପ ଉପନ୍ୟାସ ମଧ୍ୟ ଏହି ଭାବରେ ପରିବେଷିତ ହେଉଛି ।

ଗତ କୋଡ଼ିଏ ବର୍ଷ ମଧ୍ୟରେ "ମାଟିର ମଣିଷ" ଉପନ୍ୟାସଟିକୁ ମଧ୍ୟ ଓଡ଼ିଶାର ବିଭିନ୍ନ ସ୍ଥାନରେ ଓ ସ୍କୁଲ କଲେଜମାନଙ୍କରେ ବିଭିନ୍ନ ନାଟ୍ୟରୂପ ଦେଇ ମଞ୍ଚସ୍ଥ କରାଯାଇଛି । କେତେକ ସ୍ଥାନରୁ ଉପନ୍ୟାସ ଲେଖକର ଅନୁମତି ନେବା ଆବଶ୍ୟକ ମନେ ହୋଇଛି, କେଉଁଠାରେ ତାହା ହୋଇନାହିଁ । କେତେକ ପାଣ୍ଡୁଲିପି କିମ୍ବା ଅଭିନୟ ଦେଖିବାର ଅବକାଶ ଲେଖକକୁ ମିଳିଛି; କେଉଁଠି ଅବା ତାହା ମିଳିନାହିଁ ।

ଯେତିକି ମନେ ପଡ଼େ, ବର୍ତ୍ତମାନ କଟକ ଖ୍ରୀଷ୍ଟ କଲେଜର ଅଧ୍ୟାପକ ଶ୍ରୀଯୁକ୍ତ ଶ୍ରୀଧର ଦାସ ଜଗତ୍‌ସିଂହପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଥିବା

Digitized by srujanika@gmail.com

ସୁପରିଚିତ ଗାଳ୍ପିକ ଓ ନାଟ୍ୟକାର ଶ୍ରୀ ପ୍ରାଣବନ୍ଧୁ କର ବର୍ତ୍ତମାନ ନାଟ୍ୟରୂପଟି ଦେଇଛନ୍ତି ଏବଂ ନାଟକ ପ୍ରତିଯୋଗିତା ଉପଲକ୍ଷରେ । ସଙ୍ଗୀତ ନାଟକ ଏକାଡେମି ପକ୍ଷରୁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ଏଥିରେ ଯୋଗ ଦେଇଥିଲେ । କଟକସ୍ଥ ନ୍ୟାସନାଲ୍ ମ୍ୟୁଜିକ୍ ଏସୋସିଏସନ ଆନୁକୂଲ୍ୟରେ ନାଟକଟି ମଞ୍ଚସ୍ଥ କରାଯାଇଥିଲା । ୧୯୫୯ ଖ୍ରୀଷ୍ଟାବ୍ଦ ଜାନୁଆରୀ ପ୍ରାରମ୍ଭରେ ଭୁବନେଶ୍ୱରଠାରେ ଭାରତୀୟ ପି. ଇ. ଏନ୍. କର୍ତ୍ତୃକ ଯେଉଁ ନିଖିଳ ଭାରତ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ସେଥିରେ ଲେଖକ ପ୍ରତିନିଧିମାନଙ୍କୁ ଓଡ଼ିଶାର ରାଜ୍ୟପାଳ ଶ୍ରୀ ଯଶୋବନ୍ତ ନାରାୟଣ ସୁକଠଣକର କଟକ ରାଜଭବନରେ ଏକ ରାତ୍ରି ଭୋଜନରେ ଆପ୍ୟାୟିତ କରିଥିଲେ । ରାଜଭବନରେ ମଧ୍ୟ ଏହା ନ୍ୟାସନାଲ ମ୍ୟୁଜିକ ଏସୋସିଏସନ ଦ୍ୱାରା ଭାରତର ସବୁ ଅଞ୍ଚଳରୁ ଆସିଥିବା ଲେଖକମାନଙ୍କ ସମକ୍ଷରେ ପ୍ରଦର୍ଶିତ ହୋଇଥିଲା । ଓଡ଼ିଆ ଭାଷା ଜାଣି ନ ଥିଲେ ମଧ୍ୟ ସେମାନଙ୍କ ପକ୍ଷରେ ବୁଝିବା ଆଦୌ କଷ୍ଟକର ହେଲା ନାହିଁ ବୋଲି ଅନେକେ ମତବ୍ୟକ୍ତ କରିଥିଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଏବଂ ଅନ୍ୟାନ୍ୟ ମନ୍ତ୍ରୀମାନଙ୍କ ସମକ୍ଷରେ ମଧ୍ୟ ସମୟରେ ଏହା ପ୍ରଦର୍ଶିତ ହୋଇଛି । ଏହି ସୂତ୍ରରେ ଉପନ୍ୟାସ ଲେଖକ ଏକାଧିକବାର ଏହାର ଅଭିନୟ ଦେଖିବାର ସୁଯୋଗ ପାଇଛି । ମୂଳ ଉପନ୍ୟାସର ଭାଷା, ଭାବ ଓ ଘଟଣାଗୁଡ଼ିକୁ ନାଟ୍ୟକାର ଅକ୍ଷୁର୍ଣ୍ଣ ରଖିବା ଲାଗି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅବହିତ ଅଛନ୍ତି । ଅଳ୍ପଦିନ ପୂର୍ବେ ଗତ ନଭେମ୍ବର ତା ୮ ତାରିଖରେ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ତାହା ପୁଣି ଅଭିନୀତ ହୋଇଛି ଏବଂ ଦୈନିକ "ପ୍ରଜାତନ୍ତ୍ର"ର ନାଟକସମାଲୋଚକ ତାହାର ଉଚ୍ଚ ପ୍ରଶଂସା କରିଛନ୍ତି । ଉପନ୍ୟାସ-ଲେଖକ ଏଥିଲାଗି ନାଟ୍ୟକାରଙ୍କ ନିକଟରେ କୃତଜ୍ଞ । ପାଣ୍ଡୁଲିପି ଅବସ୍ଥାରୁ ନାଟକଟି ଏବେ ଉନ୍ନୀତ ହୋଇ ଛାପା ଅକ୍ଷରରେ ପ୍ରକାଶିତ ହେଉଥିବା ଆହୁରି ଆନନ୍ଦର କଥା ଏବଂ ସୁଯୋଗ୍ୟ ପ୍ରକାଶକ ଶ୍ରୀ ଶ୍ରୀଧର ମହାପାତ୍ର ଏଥିଲାଗି ଧନ୍ୟବାଦାର୍ହ ।

କଟକ
ଡିସେମ୍ବର ୮, ୧୯୬୦

କାଳନ୍ଦୀଚରଣ ପାଣିଗ୍ରାହୀ

Digitized by srujanika@gmail.com

ନାଟକ ବିଷୟରେ ଦି କଥା

ଏ ବହିଟି "ମାଟିର ମଣିଷ" ଉପନ୍ୟାସର ନାଟ୍ୟରୂପ । ବର୍ତ୍ତମାନ ଯୁଗରେ ପାଶ୍ଚାତ୍ୟ ସାହିତ୍ୟର ପ୍ରସିଦ୍ଧ ଉପନ୍ୟାସଗୁଡ଼ିକୁ ନାଟକରେ ରୂପାନ୍ତରିତ କରିବା ପାଇଁ ବେଶୀ ସମୟ ଲାଗୁନି—କିନ୍ତୁ ଆମ ଦେଶରେ ସେ ମନୋଭାବ ବଡ଼ ମନ୍ଥର । ପ୍ରାୟ ତିରିଶ ବର୍ଷ ତଳେ "ମାଟିର ମଣିଷ" ଉପନ୍ୟାସଟି ପ୍ରକାଶ ପାଇ ଓଡ଼ିଆ କଥା ସାହିତ୍ୟ ଦୁନିଆରେ ଚହଲ ପକେଇ ଦେଇଥିଲା । ତାପରେ ବହୁ ଉପନ୍ୟାସ ପ୍ରକାଶ ପାଇଥିଲେ ମଧ୍ୟ "ମାଟିର ମଣିଷ"ର ମୂଲ୍ୟ ସେହିପରି ଅତୁଟ ରହିଛି ଏବଂ ସ୍କୁଲ କଲେଜର ପାଠ୍ୟପୁସ୍ତକ ରୂପେ ଆଜି ମଧ୍ୟ ନିର୍ବାଚିତ ହେଉଛି । କିନ୍ତୁ ଏହି ଦୀର୍ଘ ସମୟ ମଧ୍ୟରେ କେହି ଏ ଉପନ୍ୟାସଟିକୁ ମଞ୍ଚ-ଉପଯୋଗୀ କରିବାକୁ ପ୍ରୟାସ କରି ନ ଥିଲେ । ହାଇସ୍କୁଲର ଛାତ୍ର ଥିଲାବେଳେ ଏ ଉପନ୍ୟାସଟି ପଢ଼ି ମୋର ହୃଦୟ ବରଜୁର ଆଦର୍ଶ ପ୍ରତି ବିଶେଷଭାବରେ ଆକୃଷ୍ଟ ହୋଇଥିଲା । ଛକଡ଼ି ପ୍ରତି କିପରି ଗୋଟାଏ ଘୃଣାଭାବ ଆସିଥିଲା । ସେତେବେଳେ ଅବଶ୍ୟ 'ମାଟିର ମଣିଷ'କୁ ନାଟ୍ୟରୂପ ଦେବାପାଇଁ କୌଣସି କଳ୍ପନା ନ ଥିଲା, କାରଣ ମୁଁ ଯେ ଦିନେ ନାଟକ ଲେଖିବି ଏ କଥା ମୁଁ ନିଜେ ଜାଣି ନ ଥିଲି । ବହୁଦିନ ପରେ ମୁଁ ଯେତେବେଳେ ସାହିତ୍ୟ କ୍ଷେତ୍ରରେ ପ୍ରବେଶ କଲି, ଏ ଉପନ୍ୟାସଟି ମୋ ଆଖିରେ ନୂଆ ରୂପ ନେଇ ଦେଖାଦେଲା ।

ସ୍ୱାର୍ଥତ୍ୟାଗ, ଛକଡ଼ି ପ୍ରତି ସ୍ନେହମମତା, ବାପ ଶ୍ୟାମ ପଧାନର ଆଦେଶ, ଉପଦେଶକୁ ମାନିଚଳିବା ଏବଂ ହାରି ବୋଉର କୌଣସି ପ୍ରକାର ସ୍ୱାର୍ଥପୂର୍ଣ୍ଣ ମନୋଭାବ ପ୍ରତି କଠୋର ବ୍ୟବସ୍ଥା ଗ୍ରହଣ ଭିତରେ ମୁଁ ବରଜୁକୁ ଏକ ଆଦର୍ଶବାଦୀ ଭାବରେ ଗ୍ରହଣ କରିପାରିଲି ନାହିଁ । ଏସବୁ ଗୁଣଗୁଡ଼ିକ ସମାଜର ଏକ ବ୍ୟକ୍ତିବିଶେଷ ବରଜୁ ଚରିତ୍ରରେ ମୂଳରୁ ଅତି ସ୍ୱାଭାବିକ ରୂପେ ରହିବା ଅସମ୍ଭବ ନୁହେଁ । ଏସବୁ ଜୀବନର ମହତ୍ ଆଦର୍ଶ ଏବଂ ଏଇ ଆଦର୍ଶର ଅନୁଧାବନ ମଣିଷର କର୍ତ୍ତବ୍ୟ—ଏଇ ଜ୍ଞାନ ନେଇ ଚଷାପୁଅ ବରଜୁ ଧିଁକୁ ଶାସନ କରିନାହିଁ ବା ଘରଛାଡ଼ି ଚାଲିଯାଇନାହିଁ – ବରଜୁ ଭାଗବତ ପଢ଼ି ତାର ତାତ୍ପର୍ଯ୍ୟ ବୁଝିପାରିଚି ବୋଲି ଏସବୁ ମହତ୍ ଆଦର୍ଶ ନିଜ କାର୍ଯ୍ୟ ଭିତରେ ପ୍ରକାଶ କରିନାହିଁ—କରିଚି, କାରଣ ପିଲାଦିନରୁ ସେ ବାପର ଚରିତ୍ର ଦ୍ୱାରା ପ୍ରଭାବିତ

Digitized by srujanika@gmail.com

ହୋଇଛି ବୋଲି ଏବଂ ନିଜସ୍ୱ ଗୁଣଯୋଗୁଁ – ଭଗବତ ତତ୍ତ୍ୱ ତାର ଏଇ ପ୍ରକୃତି ଗତ ଗୁଣର ବିକାଶରେ ସାହାଯ୍ୟ କରିଛି ମାତ୍ର । ଏଇ ଦୃଷ୍ଟିକୋଣରୁ ମୁଁ ବିରଜୁ ଚରିତ୍ର ବିସ୍ତର ମୋ ନାଟକରେ କରିଛି – ଛକଡ଼ି ପ୍ରତି ଯେଉଁ ଘୃଣାଭାବ ମୋର କିଶୋରସୁଲଭ ମନରେ ଥିଲା ତାହା ବୁଲିଗଲା – ତାକୁ ମୁଁ ଭଲପାଇଲି – ମୋ ଆଖିରେ ଛକଡ଼ି ଗୋଟିଏ ଗାଉଁଲି ଆର୍ଟିଷ୍ଟ ଭାବରେ ଦେଖାଦେଲା – ନିଠେଇ ମାଙ୍ଗ ପାରିବା, ପାନଖାଇ ପାଟି ରଙ୍ଗେଇବା, ମୁଣ୍ଡରେ ସିନ୍ଦୁର କଲି ମାରିବା, ଯାତକୁ ଯାଇ କେଳା ନାଟ ଦେଖିବା, ଆଉ ନିଜର ସୁନ୍ଦରୀ ସ୍ତ୍ରୀ ପ୍ରତି ଆକୃଷ୍ଟ ହୋଇ ତା ମନ ପାଇବାକୁ ଚେଷ୍ଟା କରିବା ଭିତରେ ମୁଁ ଏକ କଳାକାର ମନର ସନ୍ଧାନ ପାଇଲି । ଘରକଥା କିଛି ନ ବୁଝି ସବୁ ଭାଇଭାଉଜଙ୍କ ଉପରେ ଛାଡ଼ିଦେଇ ମଉଜ ମଜଲିସ କରିବା ମନୋଭାବରେ ଛକଡ଼ିର ଦାୟିତ୍ୱହୀନତା ପ୍ରକାଶ ପାଇଲେ ମଧ୍ୟ ତାର ସରଳ ବିଶ୍ୱାସ ଓ ଉଦାରତାର ପରିଚୟ ମିଳେ । ସୁନ୍ଦରୀ ସ୍ତ୍ରୀ ପ୍ରତି ମୋହ ଏବଂ ହରି ମିଶ୍ରଙ୍କର କୁପରାମର୍ଶର ପ୍ରକୋପରେ ଛକଡ଼ିର ଭାଇଭାଉଜଙ୍କ ପ୍ରତି ସ୍ନେହ ଭକ୍ତି ଓ ଝିଆରି ପୁତୁରାଙ୍କ ପ୍ରତି ସ୍ନେହକୁ ଲୁପିରଖିବା ଫଳରେ ତା ମନରେ ସାଙ୍ଘାତିକ ଦ୍ୱନ୍ଦ୍ୱ ଆସିଛି । କିନ୍ତୁ ଆର୍ଟିଷ୍ଟ ଅନ୍ତରର ପ୍ରକୃତ ରୂପ ଶେଷକୁ ଅତି ସୁନ୍ଦର ଓ ସ୍ୱାଭାବିକ ଭାବରେ ପ୍ରକାଶ ପାଇଛି ।

ବିରଜୁକୁ ଅତିମାନବତ୍ୱର ତଳକୁ ଖସେଇ ଆଣି ଏବଂ ଛକଡ଼ିକୁ ଏକ ସ୍ୱଭାବ ସୁନ୍ଦର ମଣିଷ ଭାବରେ ଦେଖିଲାପରେ 'ମାଟିର ମଣିଷ'ର ସାହିତ୍ୟିକ ମୂଲ୍ୟ ମୋ ଆଖିରେ ଖୁବ୍ ବଢ଼ିଗଲା – ଏ ଦୁହିଁଙ୍କୁ ମଞ୍ଚ ଉପରେ ଦେଖିବାର ବିଶେଷ ଆଗ୍ରହ ହେଲା ।

୧୯୫୪ ମସିହାରେ ଭାରତୀୟ ନୃତ୍ୟ–ନାଟକ ସଙ୍ଗୀତ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ନିଖିଳ ଭାରତ ନାଟକ ପ୍ରତିଯୋଗିତାରେ ଯୋଗ ଦେବାପାଇଁ ଏକାଡେମୀର ଓଡ଼ିଶା ଶାଖା ତରଫରୁ ଗୋଟିଏ ନାଟକ ପ୍ରତିଯୋଗିତା ହେବାର ସ୍ଥିର ହେଲା । ନ୍ୟାସନାଲ ମ୍ୟୁଜିକ ଆସୋସିଏସନର କେତେକ ବନ୍ଧୁଙ୍କଠାରୁ ଏଥିପାଇଁ ଗୋଟିଏ ନାଟକ ଲେଖିଦେବାର ଅନୁରୋଧ ଆସିଲା – ବଡ଼ ଅଡୁଆରେ ପଡ଼ିଲି । କେହି ନାଟକଟିଏ ଲେଖିଦେବାକୁ କହିଲେ ମୋର ଉତ୍ସାହ ବଢ଼ିବା ବଦଳରେ ଆତଙ୍କ ଦେଖାଦିଏ । ହୁଁ ବା

Digitized by srujanika@gmail.com

ନାହିଁ କିଛି କହି ନ ପାରି କେତେଦିନ ଟାଳି ଦିଏଁ—ମୋର ଏହିପରି ଏକ ନିଶକ୍ତ ଅବସ୍ଥା ଦେଖି ଦୁଇଟି ବନ୍ଧୁ – ଓଡ଼ିଶାର ସୁପରିଚିତ ନାଟକ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ରୀ ନିତାଇ ପାଲିତ ଓ ସୁ ଅଭିନେତା ଶ୍ରୀ ଗୋବିନ୍ଦ ତେଜ ଦିନେ ସକାଳେ ମୋ ପାଖରେ "ମାଟିର ମଣିଷ" ଉପନ୍ୟାସଟି ଧରି ପହଞ୍ଚିଲେ । ବଳେଇ ମାଛ ଝାଁପିଲା ଭଳି ଦୁଇ ବନ୍ଧୁଙ୍କର ଏ ପ୍ରସ୍ତାବକୁ ଝାଁପିନେଲି । ମୋର ବହୁଦିନର ଇଚ୍ଛା ଯେ ଏପରି ନାଟକାୟିତ ଭାବରେ ରୂପ ପାଇବ ଭାବି ନ ଥିଲି ।

"ମାଟିର ମଣିଷ"ର ନାଟ୍ୟରୂପ ପ୍ରତିଯୋଗିତା ମଞ୍ଚରେ ଦେଖାଦେଲା ନୂଆ ରୂପରେ । କଥାବସ୍ତୁରେ ହାତ ନ ଦେଇ ଏବଂ କାଳନ୍ଦୀବାବୁଙ୍କର ସଂଳାପର ଅଧିକାଂଶ ଅବିକଳ ରଖି ମୁଁ ଉପନ୍ୟାସଟିକୁ ମଞ୍ଚପାଇଁ ଖାଲି ଟିକିଏ ସଜେଇ ଦେଇଛି ଯାହା—ସେଇ ସଜେଇଦେବାଟାହିଁ ହେଲା ତାର ନୂଆ ରୂପ । ଗୋଟିଏ ରୂପବତୀ ନାରୀର ହାତ, କାନ, ନାକରେ ମୁଁ ଝିଣ୍ଟିଆ ଚକଚକିଆ ଗହଣା ପିନ୍ଧେଇଦେବା କାମ କେବଳ କରିଛି ।

ଶ୍ରୀ ପାଲିତ ଓ ଶ୍ରୀ ତେଜ ଉଭୟେ ମତେ ଅନୁରୋଧ କଲେ ସମୁଦାୟ ନାଟକଟିକୁ ଗୋଟିଏ ସ୍ଥାୟୀ ଦୃଶ୍ୟ (set) ଉପରେ ସଜାଇବାକୁ । ବହୁତ ଭାବି ଦେଖିଲି ସମ୍ଭବ ନୁହେଁ – କାରଣ ଉପନ୍ୟାସର ଚରିତ୍ରଗୁଡ଼ିକ ବିଭିନ୍ନ ସମୟ, ଅବସ୍ଥା ଓ ସ୍ଥାନ ଭିତରେ ପ୍ରକ୍ଷିପ୍ତ । ସେମାନଙ୍କୁ ଗୋଟିଏ ସ୍ଥାୟୀ ଦୃଶ୍ୟର ପରିଧିରେ ବାନ୍ଧି ରଖିଲେ ଉପନ୍ୟାସର ଉଦ୍ଦେଶ୍ୟ, ମୌଳିକତା ଓ କଥାବସ୍ତୁରେ ଆଞ୍ଚ ଆସିବ ଏବଂ ମୋର ପ୍ରୟାସ ମଧ୍ୟ ବ୍ୟର୍ଥ ହେବ । ତଥାପି ଗୋଟିଏ ସ୍ଥାୟୀ ଦୃଶ୍ୟ (ଗାଁର ପଧାନ ଘରର ଅଗଣା) ଉପରେ ଯଥା ସମ୍ଭବ ଘଟଣା ଓ ସଂଳାପ ଦେଇ ବାକି ଦୁଇ ତିନୋଟି ଭିନ୍ନ ଦୃଶ୍ୟ ସୃଷ୍ଟି କରିବାକୁ ବାଧ୍ୟ ହେଲି । ଓଡ଼ିଶା ରଙ୍ଗମଞ୍ଚ ଇତିହାସରେ ଏଇ ପ୍ରଚେଷ୍ଟା ବୋଧହୁଏ ପ୍ରଥମ ।

ଶ୍ରୀ ଗୋବିନ୍ଦ ତେଜ ସେଟ୍‌ଟିକୁ ବାସ୍ତବ କରିବା ପାଇଁ ବିଶେଷ ଯତ୍ନ ନେଇଥିଲେ । ସେଇ ସେଟ୍‌ଟି ଗାଁଗଣ୍ଡାର ଯେ କୌଣସି ଗୋଟିଏ ଚଷା ଘରର ପ୍ରକୃତ ଅଗଣା ଓ ମାଟିଘରର ଭ୍ରାନ୍ତି ଜାତ କରିବାରେ ସମର୍ଥ ହୋଇଥିଲା— ଏହା ନାଟକର ସଂଳାପ ଓ ଅଭିନୟରେ ଯଥେଷ୍ଟ ଶକ୍ତି ସଂଯୋଗ କରିଛି ।

ଶ୍ରୀ ନିତାଇ ପାଲିତଙ୍କର ନିର୍ଦ୍ଦେଶନା, ନାଟକର ଅଙ୍ଗସୌଷ୍ଠବ ବୃଦ୍ଧି ଦିଗରେ ପ୍ରଚେଷ୍ଟା ଓ ମୌଳିକ ଚିନ୍ତା ବାସ୍ତବିକ ଅଭିନନ୍ଦନୀୟ । ଦାଣ୍ଡିଗ୍ରାମାଞ୍ଚଳରୁ

Digitized by srujanika@gmail.com

କେତେକ ପଦ ଆଣି ଓଡ଼ିଶାର ପ୍ରସିଦ୍ଧ ବୀଣାବାଦକ ଶ୍ରୀ ଭୁବନେଶ୍ୱର ମିଶ୍ରଙ୍କର ସ୍ୱର ସଂଯୋଜନାରେ ଶ୍ରୀ ପାଲିତ ଯେଉଁ ସଙ୍ଗୀତ ପରିବେଷଣ କରିଥିଲେ ତାହା ସ୍ଥାନକାଳ ପାତ୍ର ବିବେଚନାରେ ଅତ୍ୟନ୍ତ ଉପଯୋଗ୍ୟ ହୋଇଥିଲା ।

ପ୍ରସ୍ତୁତ ନାଟକଟି ସାମୂହିକ ପ୍ରଚେଷ୍ଟାରେ ପ୍ରାଦେଶିକ ନାଟକ ପ୍ରତି-ଯୋଗିତାରେ ତିନି ଜଣ ବିଚାରକଙ୍କ ଦ୍ୱାରା ପ୍ରଥମ ସ୍ଥାନ ଲାଭ କଲା – କିନ୍ତୁ ଦିଲ୍ଲୀକୁ ଏ ନାଟକଟି ନ ଯାଇ ଦ୍ୱିତୀୟ ସ୍ଥାନ ପାଇଥିବା ନାଟକଟି ଗଲା – "ମାଟିର ମଣିଷ"ର ଗାଉଁଲି ପଖାଳଖିଆ ଜୀବନ କୁଆଡ଼େ ଦିଲ୍ଲୀବାଲାଙ୍କ ମନକୁ ପାଇବ ନାହିଁ, ଏ ଭଳି ମତ କେତେକ ଦେଲେ ବୋଲି ଶୁଣିଲି ।

ଯାହାର କଥାବସ୍ତୁ କେବଳ ଭାରତ ସାରା ଭୂଖୀମୂଲିଆଙ୍କ ଜୀବନର ପ୍ରତୀକ ନୁହେଁ – ସାରା ପୃଥିବୀର, ତା ପୁଣି ଦିଲ୍ଲୀବାଲାଙ୍କ ମନକୁ ପାଇବନି ଶୁଣି ହସ ମାଡ଼ିଲା – ଆମ ଦେଶରେ ନାଟକ ବିଚାରର ଏହା ଗୋଟିଏ ପ୍ରକାରର ନମୁନା । ପୁରୀରେ ନାଟକଟି ଦେଖିସାରି ଶ୍ରୀମତୀ କମଳାଦେବୀ ଚଟ୍ଟୋପାଧ୍ୟାୟ ଏହାର ବିଶେଷ ପ୍ରଶଂସା କରିଥିଲେ ଏବଂ ପ୍ରଥମ ସ୍ଥାନ ପାଇଥିଲେ ମଧ୍ୟ ଏହା ଦିଲ୍ଲୀ ପ୍ରତିଯୋଗିତାକୁ ପଠାଗଲା ନାହିଁ ଶୁଣି ବିସ୍ମୟ ପ୍ରକାଶ କରିଥିଲେ । ଯାହାହେଉ ନାଟକଟି ଓଡ଼ିଶାର ଜନସାଧାରଣ, ମିଷ୍ଟର ଆଲେକ୍ସ ଏଲମୋର ଏବଂ ପି ଇ. ଏନ୍. ସଭ୍ୟମାନଙ୍କ ଦ୍ୱାରା ବିଶେଷଭାବରେ ପ୍ରଶଂସିତ ହୋଇଛି ।

"ମାଟିର ମଣିଷ" ନାଟକ ଉପରେ ଯେ କେତେକ ପ୍ରତିକୂଳ ସମାଲୋଚନା ନ ହୋଇଛି ତା ନୁହେଁ । ମୂଳରୁ ଶେଷଯାଏଁ ପ୍ରାୟ ସମସ୍ତ ନାଟକଟି ଗାମ ପଧାନର ଅଗଣାରେ ଅଭିନୀତ ହେବାଦ୍ୱାରା ପେଶାଦାର ରଙ୍ଗମଞ୍ଚରେ ଦୃଶ୍ୟବହୁଳ ନାଟକ ଦେଖିବାରେ ଅଭ୍ୟସ୍ତ କେତେକ ସମାଲୋଚକ ମତ ଦେଇଛନ୍ତି ଯେ ନାଟକଟି କ୍ଳାନ୍ତିକର ଓ ଶୁଷ୍କ ବୋଧହୋଇଛି – ଏପରି ମତ ଦେବା ସେମାନଙ୍କ ପକ୍ଷରେ ଖୁବ୍ ସ୍ୱାଭାବିକ – କାରଣ ନାଟକଟିରେ ନାଚ ଓ ସଙ୍ଗୀତ ନାହିଁ । ହାସ୍ୟରସ ଖୁବ୍ କମ ସ୍ଥାନରେ ଅଛି – ତା ବି ଜୋରଜବରଦସ୍ତି ସୃଷ୍ଟି ହୋଇ ନ—ଅତି ସାବଲୀଳ ଭାବରେ ଗାଉଁଲି ଚରିତ୍ର ଛକଡ଼ି, ହରି ମିଶ୍ର, ଧରମା ବା ସନିଆ ଚରିତ୍ର ଭିତରେ ତାହା ଫୁଟି ଉଠିଛି । ତେଣୁ ନାଟକଟିର ସୂକ୍ଷ୍ମ ଭାବଚଳନୀକୁ ଛୁଇଁ ନ ପାରିଲେ ତାହା ଶୁଷ୍କ ଲାଗିବା ବିଚିତ୍ର ନୁହେଁ ।

Digitized by srujanika@gmail.com

ନାଟକଟି ବିଷୟରେ ଏତିକି ।

କାଳିନ୍ଦୀ ବାବୁ ମୋ ନାଟକ ପାଇଁ 'ଗାଳ୍ପିକର ବଚନିକା' ଲେଖିଲି ବେଳେ, ନିଜ ନାଭିର କସ୍ତୁରୀ ଗନ୍ଧରେ ବିହ୍ୱଳ ହୋଇ ମୃଗ ବଣରେ ଘୂରି ବୁଲିଲା ଭଳି ଏ ନାଟକର ମହତ୍ତ୍ୱ କେଉଁଠୁ ଆସିଲା ବୋଲି ସ୍ଵବ ନିଶ୍ଚୟ ବିସ୍ମୟ ପ୍ରକାଶ କରି ନ ଥିବେ – କାରଣ ଏ ନାଟକର ମହତ୍ତ୍ୱ ସମ୍ପୂର୍ଣ୍ଣ ଭାବରେ ତାଙ୍କରି ନିଜସ୍ୱ – ମୋର ନୁହେଁ । ତାଙ୍କର ବଚନିକାଦ୍ୱାରା ମୋତେ ସମ୍ମାନିତ କରିଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ ।

ଓଡ଼ିଶାର ଖ୍ୟାତନାମା ଚିତ୍ରଶିଳ୍ପୀ ଓ ସୁକବି ଶ୍ରୀ ଗୋପାଳ କାନୁନ୍‌ଗୋ ମୁଁ ଲେଖାଲେଖି ଆରମ୍ଭ କଲାଦିନଠାରୁ ମୋ ପ୍ରତି ଓ ମୋର ଗଳ୍ପ ଏକାଙ୍କିକା ପ୍ରତି ଅଶେଷ ଶ୍ରଦ୍ଧା ପ୍ରକାଶ କରି ଆସିଛନ୍ତି । ତେଣୁ ମୋର କୌଣସି ବହିର ପ୍ରଚ୍ଛଦପଟରେ ତାଙ୍କ ତୂଳିକାର ସ୍ପର୍ଶ ପାଇବା ମୋର ବହୁଦିନର ଆକାଙ୍‌କ୍ଷା ଥିଲା – ସ୍ନେହଶୀଳ ଅଗ୍ରଜଭାବରେ ମୋର ଅନୁରୋଧକୁ ଅପେକ୍ଷା ନ କରି ସେ ପ୍ରଚ୍ଛଦ ପଟଚିତ୍ରଟି ଆଙ୍କି ଦେଇ ମୋତେ ତାଙ୍କ ପାଖରେ କୃତଜ୍ଞ କରିଛନ୍ତି ।

ଯେଉଁମାନେ ମୋ ନାଟକଟିକୁ ଅତି ଜୀବନ୍ତ ଭାବରେ ବିଭୁବାର ମଞ୍ଚରେ ରୂପାୟିତ କରାଇ ଓଡ଼ିଶାରେ ଓ ବାହାରେ ମୋର ସୁନାମ ଆଣି ଦେଇଛନ୍ତି ସେମାନେ ହେଉଛନ୍ତି ଶ୍ରୀ କୃଷ୍ଣବିହାରୀ ପ୍ରସାଦ, ଡାକ୍ତର ଶ୍ରୀ ବିଭୁତି ତ୍ରିପାଠୀ, ନିର୍ଦ୍ଦେଶକ ଶ୍ରୀ ନିତାଇ ପାଲିତ, ଅଭିନେତା ଓ ମଞ୍ଚ ପ୍ରଯୋଜକ ଶ୍ରୀ ଗୋବିନ୍ଦ ତେଜ, ମଞ୍ଚସ୍ଥାପକ ଶ୍ରୀ ବିଧୁଭୂଷଣ ପରିଜା ଓ ଅଭିନୟ କରିଥିବା ଶିଳ୍ପୀବୃନ୍ଦ – ସେମାନଙ୍କ ପ୍ରତି ମୋର କୃତଜ୍ଞତା ଅଶେଷ ।

ନାଟକଟି ବହୁଦିନ ଆଗରୁ ପ୍ରକାଶ ପାଇବା ଉଚିତ ଥିଲା; କିନ୍ତୁ ମୋର ହେଳାରେ ତା ସମ୍ଭବ ହୋଇ ନାହିଁ । ବିଳମ୍ବ ହେଲେ ବି ଶ୍ରୀଧର ବାବୁ ଓ ତାଙ୍କ ପୁତ୍ର ଶ୍ରୀମାନ୍ ଅଭିରାମର ଅଦମ୍ୟ ଉତ୍ସାହ ଓ ଚେଷ୍ଟା ନାଟକଟିକୁ ଲୋକ-ଲୋଚନକୁ ଆଣିବାରେ ମୋତେ ବିଶେଷ ସାହାଯ୍ୟ କରିଥିବାରୁ ମୁଁ ସେ ଦୁହିଁଙ୍କଠାରେ ବିଶେଷ ଭାବରେ ଋଣୀ ।

ଚିକାଗୋ (ଆମେରିକା)

ତା ୧-୧-୭୧ ପ୍ରାଣବନ୍ଧୁ କର

Digitized by srujanika@gmail.com

ପୁନଃ ପ୍ରକାଶନ ଉପଲକ୍ଷେ

ଓଡ଼ିଶାର ପ୍ରଖ୍ୟାତ ଯଥା ବୟୋବୃଦ୍ଧ କବି, ଔପନ୍ୟାସିକ ଓ ଗାଳ୍ପିକ ପଦ୍ମଭୂଷଣ ଡକ୍ଟର କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କର ଯଶସ୍ୱୀ ଉପନ୍ୟାସ "ମାଟିର ମଣିଷ" ର ମୋ ରଚିତ "ନାଟ୍ୟରୂପ" ବହୁବର୍ଷ ଧରି ଅଜ୍ଞାତବାସ କଲା ପରେ ଆଜି ନିଉ ଷ୍ଟୁଡେଣ୍ଟସ ଷ୍ଟୋର, କଟକର ସତ୍ତ୍ୱାଧିକାରୀ ତାଙ୍କୁ ଅଜ୍ଞାତବାସରୁ ଲୋକଲୋଚନକୁ ଆଣିଥିବାରୁ ମୁଁ ତାଙ୍କୁ ଅଶେଷ ଧନ୍ୟବାଦ ଦେଉଛି । ୧୯୬୦ ମସିହାରେ ନାଟକର ପ୍ରଥମ ସଂସ୍କରଣ ଓ ୧୯୬୭ ମସିହାରେ ତାର ପୁନଃମୁଦ୍ରଣ ଗ୍ରନ୍ଥ ମନ୍ଦିର କଟକର ସତ୍ତ୍ୱାଧିକାରୀଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ବହୁଦିନ ପରେ ନାଟକଟିର ପୁନଃ ପ୍ରକାଶନ ନ ହେବାରୁ ମୋ ନିକଟକୁ ଏହାର ପୁନଃ ପ୍ରକାଶ ପାଇଁ ବହୁ ଅନୁରୋଧ ଆସିଲା । ଏ ଯାବତ୍ ମଧ୍ୟ ଆସୁଛି । ବିଭିନ୍ନ କାରଣ ଓ ପରିସ୍ଥିତି ଦୃଷ୍ଟିରୁ ମୁଁ ନାଟକଟିର ପୁନଃ ପ୍ରକାଶ କରି ପାରିଲି ନାହିଁ । ସେଥିମଧ୍ୟରୁ ଦୁଇଟି କାରଣ ମୁଁ ଉଲ୍ଲେଖ କରୁଛି ।

ପ୍ରଥମଟି ହେଲା—ବହୁ ଖ୍ୟାତି ଅର୍ଜନ କରିଥିବା "ମାଟିର ମଣିଷ" ଉପନ୍ୟାସର "ନାଟ୍ୟରୂପ" ପ୍ରାୟ ସତୁରି ଗତ କଟକର କଳାମନ୍ଦିର ମଞ୍ଚରେ, ବ୍ରହ୍ମପୁର ଓ ମଫସଲର ବିଭିନ୍ନ ସ୍ଥାନରେ ଅଭିନୀତ ହୋଇ ବିଶେଷ ଜନପ୍ରିୟତା ଲାଭ କଲା ପରେ ତାର ପୁନଃ ପ୍ରକାଶନ ପାଇଁ କୌଣସି ପ୍ରକାଶକଙ୍କ ଦ୍ୱାରସ୍ଥ ହେବାକୁ ମୁଁ ଆଦୌ ଇଚ୍ଛା କଲିନାହିଁ । କହିରଖେ ମୋର କୌଣସି ପ୍ରକାଶିତ ଏକାଂକିକା ସଂକଳନ ବା ପୂର୍ଣ୍ଣାଙ୍ଗ ନାଟକର ପ୍ରକାଶନ ପାଇଁ ମୁଁ କେବେହେଲେ କୌଣସି ପ୍ରକାଶକଙ୍କୁ ଅନୁରୋଧ କରିନାହିଁ । ମୋର ପୁସ୍ତକ ପ୍ରକାଶକମାନେ ଏକଥା ଅସ୍ୱୀକାର କରିବେ ବୋଲି ମୁଁ ଭାବୁନାହିଁ । ଏକଥା କହିବାରେ ମୋର ଅହଂ ପ୍ରକାଶ ପାଇଲା ବୋଲି ଯଦି କେହି ଭାବନ୍ତି ତେବେ ମୁଁ ନାଚାର । ସୃଷ୍ଟିର ମୂଲ୍ୟ ଥିଲେ ତାର ସ୍ୱୀକୃତି ସମାଜରେ ସବୁକାଳରେ ରହି ଆସିଛି । ସେଥିପାଇଁ ଲବିଂ (lobbying) ବା ଉମେଦାରୀ କରିବାକୁ ପଡ଼େନାହିଁ ।

Digitized by srujanika@gmail.com

ଦ୍ୱିତୀୟ କାରଣଟି ହେଲା ବୋଧହୁଏ—ଥରେ ପ୍ରକାଶିତ ପୁସ୍ତକକୁ ଅନ୍ୟ କେହି ପ୍ରକାଶ କରିବାକୁ ଇଚ୍ଛା କରନ୍ତି ନାହିଁ । ଯଦି କୌଣସି ସାହିତ୍ୟିକ ସୃଷ୍ଟି ଲୋକପ୍ରିୟତା ଲାଭ କରିଥାଏ ତେବେ ତାର ପୁନର୍ମୁଦ୍ରଣ ପାଇଁ ଅନ୍ୟ ପ୍ରକାଶକମାନେ ପଛୁନ୍ତି କାହିଁକି ?

ଖୁବ୍ ସୁଖର କଥା ସାହିତ୍ୟପ୍ରେମୀ ଶ୍ରୀ କୃଷ୍ଣ କେଶବ ଦାସ ନାଟକଟିର ମୂଲ୍ୟ ଉପଲବ୍ଧି କରି ଓ ପାଠକ ବା ଦର୍ଶକ ବଜାରରେ ଏହାର କାଟତି ପ୍ରତି ଭ୍ରୂକ୍ଷେପ ନ କରି ନୂଆ କଳେବର ଦେଇ ଏହାର ପୁନଃ ପ୍ରକାଶ ପାଇଁ ଆଗେଇ ଆସିଲେ । ସେଥିପାଇଁ ମୁଁ ଆନ୍ତରେ ତାଙ୍କୁ ମୋର ସାଧୁବାଦ ଜଣାଉଛି ।

୩୯୭ ଶହୀଦନଗର
ଭୁବନେଶ୍ୱର – ୭୫୧ ୦୦୭ — ପ୍ରାଣବନ୍ଧୁ କର
ତା ୨୧ । ୮ । ୮୯

Digitized by srujanika@gmail.com

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ

[ଗ୍ରାମ ପ୍ରଧାନ ଘରର ଅଗଣା — ଅଗଣାର ଦୁଇପଟକୁ ଦୁଇଟି ଘର... ଘର ଦୁଇଟିର ପଛପଟେ ଗୋଟାଏ ବୁଲ ଅବା ମାଟିପାଚେରି — ସେଇ ପାଚେରିରେ ଗାଁଦାଣ୍ଡକୁ ଯିବାପାଇଁ ଗୋଟିଏ କବାଟ — ଅଗଣାର ବାଁପଟ ଘରକୁ ଟିକିଏ ଛୁଇଁ ଓ ପାଚେରି ପାଖରେ ଗୋଟିଏ ତୁଳସୀ ଚଉରା — ଡାହାଣପଟେ କେତେ-ଗୁଡ଼ିଏ କଦଳୀଗଛ...ଗୋଡ଼ ଧୁଆଧୋଇ କରିବାପାଇଁ ଗୋଟିଏ ମାଟିକୁଣ୍ଡ — କୁଣ୍ଡ ପାଖରେ ଗୋଟିଏ ଚଟକା ପଥର — ପାଚେରିକୁ ଡେରି ହୋଇ ରହିଛି ହଳ ଓ ଲଙ୍ଗଳ...ଗୋଟିଏ କୃଷିଘରର ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ — ବାଁପଟ ଘରର ବାରଣ୍ଡାରେ ଠୁଙ୍କା ହୋଇ ବସିଛି ପ୍ରଧାନ ବୁଢ଼ୀ — ମୁଣ୍ଡରେ ଦ'ହାତ ରଖିଛି — ସମୟ ବେଳବୁଡ଼ ।]

ପ୍ରଧାନ ବୁଢ଼ୀ : ବେଳ ବୁଡ଼ିଲାଣି ଆସି — ଚଗଲଟା ଏ ଯାଏଁ ଯାତରୁ ଫେରିଲାନି ? ଟୋକାଟା ସକାଳ ପହରୁ ଗଲା ଯେ — ଭୋକ କରୁନି ତାକୁ ? କ ଯାତଦେଖା ଦଶା ଲୋ ମା —

ହାରବୋଉ : ଭୋକ କଲେ ଘରେଘରେ ସିଏ ଆସିବେନି ? — ତମେ କାହିଁକି ଏମିତି ହଉଚ ?

ପ୍ରଧାନ ବୁଢ଼ୀ : ଆଲେ...ତମୁକୁ ସବୁ କାହିଁକି ବାଧିବ —.. ମୋ ମନ ଜାଣୁଚି । ଗଣ୍ଡେ ପଖାଳ କୋଉ ସାତ ସକାଳେ ଖାଇ ଯାତକୁ ଯାଇଚି ଯେ ଏତେ ବେଳ ହେଲାଣି । ଭୋକରେ ମୋ ପିଲାଟା ଆଉଟପାଉଟ ହୋଇ ଯାଉଥିବ ।......

ଆଲେ, ଏ' ସାନ ବୋହୂ — ଆଲୋ ଆସିବୁଟି — ତୋ ମୁଣ୍ଡଟା ଖୋଟପଳ ଆଡୁଆ ହୋଇଚି — କୁଣ୍ଡେଇ ଦିଏଁ — ଦ'ଦିନ ହେଲା ତେଲ ଟିକିଏ ବାଜିନି ମୁଣ୍ଡରେ ।

Digitized by srujanika@gmail.com

ହାବିବୋଉ : ମଲା—କ'ଣ ପିଲା ହୋଇଚନ୍ତି କି ? ଏତିକ ବସି ବସି ଚଉତ କରୁଥିବ । ତମେ ତ ଜରରେ ଉଠି ବସିପାରୁନ ।

ପଧାନ ବୁଢ଼ୀ : (ହସି ହସି) କଲେ ! ଖଣ୍ଡେଇଲୁଣୀର ଝିଅ, ତତେ କ'ଣ କହୁ କଣ ନଥେଲ—ମନକୁ ପସୁଗଲ୍ ?

ହାବିବୋଉ : (ଗର ଗର ହୋଇ) ଆମେ ତ ଗରିବ ଘର ଝିଅ—ଆମର କାହିଁକି ଏବେ କ'ଣ କରିବ ମ ? (ଶୁଖୁଥିବା ଧାନ ଗଦେଇବାକୁ ଲଗିଲ ।)

ପଧାନ ବୁଢ଼ୀ : ଆଲେ ଏଇଟା କେଡ଼େ ଅପନାମୀଟାମ୍—ପିଲା ବୋହୂଟା ଆଇଚ ଯେ ଦିନେ ତ ସେ କ'ଣ ଖାଇଲା, କ'ଣ ନପେଇଲା ପଚାରିବୁନ । ମୁଣ୍ଡଟା ଖୋଟପର ଅଡୁଆ ହୋଇଥିବ ଯେ ଦିନେ କହିବୁନ—ଆସିବୁଟି ଲେ—ମୁଣ୍ଡଟା ବାନ୍ଧିଦିଏଁ । ଆଉ ଖାଲି କଥା କହିଲ ବେଳକୁ····· ।

ହାବିବୋଉ : (ଫଁଟାଫେଁଟ) କାହିଁକି ମ ? ପିଲ ବୋହୂ ! ମୋ ହାବି ସୁନାଙ୍କ ଠାରୁ ପିଲ·····ଆହା ଦୁଧଖାଇ ଜାଣି ନ ଥିବ···ମୋ ପିଲ ଖୁସିକ ତ ଝୋକରେ ଆଉଟୁ ପାଉଟୁ ହେଉଥିବେ ଯେ ତାଙ୍କ ପେଇଁ ଦିନେ କିଏ ଗଣ୍ଡାଏ ବଡ଼ାଭାତ ରାନ୍ଧି ଦିଏନ କି, ପଖାଳ ମୁଠାଏ ବାଢ଼ି ଦିଏନ । ଆଉ ମୋର କାହିଁକି ଧାଁ ପଡ଼ିଚମ ବାଲେଙ୍କଙ୍କର ହସିମଜା କରିବାକୁ ?

ପଧାନ ବୁଢ଼ୀ : ଆଲେ ଏ·····ଯାନ ଯାଆଟା ଉପରେ ବାଦ କରୁଚୁ ? —ରୁ ସିମିତ ଶିଖେଇବୁ ସିଏ ସିନା ସିମିତ ହବ ।

ହାବିବୋଉ : ତମେ ଶିଖୋଉନା ?

ପଧାନ ବୁଢ଼ୀ : (ରାଗିଯାଇ) ମୁଁ ତତେ ଶିଖେଇ ଶିଖେଇ କ'ଣ ହେଇଗଲା··· ଆଉ ତାକୁ ଶିଖେଇବ । ତମ ଇଛା ଯାହା କର—ମତେତ ଯମ ଘୋଷାରିଲଣି । କେତେବେଳେ ପ୍ରାଣଟା ଠକ୍‌କିନା ଛାଡ଼ିଯିବ । ···ମୋ ବାଇରେ ଶାଗପଟାଳ, ସଜନାଗଛ ଅଛି ମ···ମୋ ପେଇଁ କିଛି କରିବାକୁ ମୁଁ କହୁନମ—ମୋ ମା···

Digitized by srujanika@gmail.com

ହାସ୍ୟବୋଉ : ହେଇଟି ସକାଳ ପହରୁ ଧାନ ଗଣ୍ଡାଏ ଖରାରେ ପଡ଼ିଛି ଯେ ଗୋଟେଇ ପକେଇବାକୁ କାହା ହାତ ଚଳୁନ । ମୁଁ ଯୋଉଠା ନ କରିବି ସେଇଠା ହବନି·····କାହିଁକି ମ ? ·····ମୁଁ କ'ଣ ଏକା ଖାଇ ଯାଉଚି କି ?

ପଧାନ ବୁଢ଼ୀ : ଛୁଆ ଲୋ । ସବୁବେଳେ ଗାଳି ଦେଇ ଲାଗ ବଣରା । ସବୁବେଳେ ଘରଭଙ୍ଗା କଥା···

ହାସ୍ୟ ବୋଉ : ହଁ, ତମର ଆଉ କି ବୁଝାମଣା କି ? ମୁହିଁ ଧାନ ଉଠେଇବି, କୁଟିବି, ଖୋଇବି, ପେଇବି । ଆଉ ମୁହିଁ ପୁଣି ଘର ଝାଡ଼ିବି । ସବୁ ଦୋଷ ତ ମୋର···ଆଉମାନେ ଗୋଟିକିଯାକ ଭୂରସୀ·····।

ପଧାନ ବୁଢ଼ୀ : ଆଲୋ ଏ—ସାନ ବୋହୂଟା ଉପରେ ଏତେ ବାଦ କରୁଚୁ କାହିଁକି ମ – ମଲ୍ଲୁନି ଲୋ ନଅଁଶୀ ଘରର ଝିଅ । ନୂଆ ହେଇ ଆଇଚି — ଶାଶୁ, ଶଶୁର ଅଛନ୍ତି; କମିତି ପଦାକୁ ବାହାରିବ ?

ହାସ୍ୟବୋଉ : ହଁ, ସେଇ ଆରରେ ସେ ତଅପୋଇ ହେଇ ବସିଥାଉ – ଆଉ ମୁଁ ଖଟି ଖଟି ମରେ । ସିଏ ସରବରାକାରର ଝିଅ – ଗେଲବସରିଆ ହେଇ ବଢ଼ିଚି ।·····'

ପଧାନ ବୁଢ଼ୀ : ମୁଁ ତୋ ସାଙ୍ଗେ କଥାରେ ପାରିବ ନାହିଁ ଲୋ ମା··· (ଉଠି) ଆଲୋ ଏ ନେଢ··· ! ଧାନ ଗଣ୍ଡାକ ବୋଝରେ ପୁରେଇ ଘରେ ଥୋଇ ଦବୁଟି·····କୁଆଡ଼େ ଯେ ଗଲା ଟୋକାଟା·····!

ହାସ୍ୟ ବୋଉ : ଆଉ ଟିକିଏ କଅଁରେଇ କରି ଡାକ ମ ?

[ପଧାନ ବୁଢ଼ୀ ତାର ଘର ଭିତରକୁ କ୍ୟାନ୍ଥେଇ କୁନ୍ଥେଇ ଚାଲିଗଲା । ନେଝମଣିର ପ୍ରବେଶ – ମୂହଁଟାକୁ ଝାମ୍ପି କରିଛି – ଚମ ଚମ ହୋଇ ବୋଝରେ ଧାନ ଗୋଟେଇବାକୁ ଆରମ୍ଭ କରେ –]

ନେଝମଣି : ମଲାଟରେ – କେତେ ବଖରା ମୋ ନାଆଁରେ ପଡ଼ୁଛି ! କାହିଁକି ମ ? ମୁଁ କ'ଣ କାହାର ଖାଏ ନା ଧାରେ ? ମୋର ଉପରେ ତରୁ

Digitized by srujanika@gmail.com

ଚରେଇବାକୁ ସମତେ ସବୁବେଳେ ସୁନ୍ଧି ବଇଚନ୍ତି କଅାଁ ମ ?

(ହାବୁବୋଉ ଘରକୁ ପ୍ରସ୍ଥାନ ଓ ବୁଢ଼ୀ ସହ ପ୍ରବେଶ)

ହାବୁବୋଉ : ଶୁଣ, ତମର ଗୁଣରେ ବୋହୂ ପରୁ ମଲ ମାନ୍ଥକ ମ' ବୋଲ କହେ ନାହିଁ······କ'ଣ କହୁଚ ଶୁଣ······

ପଧାନ ବୁଢ଼ୀ : କଲେ ନେତ ! ବଡ଼ ଘା' ସିଏ – ତା କଥାରେ କଥା କଉଚୁ ? ···ମୁଁ ଆଉ ପାରୁବନି······ଦ ଯାଆ ଦ ଭଉଣୀ ପରକା ସିନା ଚରନ୍ତି । କେଇ କାହା ଶିରୀ ଦେଖି ପାରୁନ ? ବଡ଼ ପୁଅ ବେଗୁରୁ ଜାଉଁଲେ ଆଉ ବାକା ରହିବ ? ଛୁ···ଛୁ···କାହା ଘର ଝିଅ ···କାହା ଘର ବୋହୂ – ଶାଶୁ, ଶଶୁର ଜଇ ଥାଉଁ ଥାଉଁ ତ ଇମିତ ହେଲଣି··· ·

[କ୍ରମେ ଅଗଣା ଅନ୍ଧାରିଆ ହୋଇ ଆସିଲା ; ବୁଡ଼ିଯାଉଥିବା ସୂର୍ଯ୍ୟର ନାଲିଆ କିରଣ ଅଗଣାରେ ପଡ଼ିଲା···]

···ନେତ, ଯାଆ ଲେ ଦେଇଗି···ଚଉରୀ ମୂରେ ସଞ୍ଜତା ବସେଇ ଦେ' ଯାଆ – ଟଗଲୀଟା ଆସିଲାନି ଏତେ ବେଳ ଯାଏଁ······ମୋ ଧିଅଟା କ'ଣ ହେଇଯାଉଚ ଲୋ ହାବୁବୋଉ······ମୁଁ ଆଉ ଠିଆ ହେଇ ପାରୁବନି······ନବୁଝି ହାବୁବୋଉ···ଗୁଲିବାକୁ ବଳ ପାଉନି ···ମତେ ଟିକିଏ ଶୁଆଇ ଦେଇଆ······(ହାବୁବୋଉ ଶାଶୁକୁ ଧରଧର ନେଇ ଘର ଭିତରକୁ ପ୍ରସ୍ଥାନ ।)

ନେତମଣି : (ଉଠିଯାଉ ଯାଉ) ସାଙ୍ଗେ ସାଙ୍ଗେ ଯାଇ ବୁଢ଼ୀକି ଫୋଡ଼ଦେଲ ଲୋ ମା ?···

[ହାବୁ ଓ ସୁନାର ପ୍ରବେଶ]

ସୁନା : ଖୁଡ଼ି, ଖୁଡ଼ିମ'···ଦାଦ କାହିଁକି ଏତେ ଡେରି କରୁଚମ ?

ନେତମଣି : ମୁଁ କମିତ କହିବ ? ତମେ ଜାଣିଥିବ, ତମ ଦାଦ ଜାଣିଥିବ –

(ପ୍ରସ୍ଥାନ)

ସୁନା : ଦେଇମ – ଖୁଡ଼ିଟା ଆମକୁ ମୋଟେ ସୁଖ ପାଉନି ।

Digitized by srujanika@gmail.com

ହାସ୍ୟ : ଏଇ···ପାଟି କରନା···ଖୁଡ଼ୀ ଶୁଣିଲେ ଦବ ଧରକର ତତେ···।

[ବାହାରୁ ଛକଡ଼ିର କଣ୍ଠସ୍ୱର ଶୁଭିଲା ।]

ଛକଡ଼ି : ବୋଉ, ବୋଉ, ବୋଉମ !

ହାସ୍ୟ : ହେଇ ଲୋ, ଦାଦ ଆଇ ଲଣି··· (ସୁନାର ଦଉଡ଼ ଦଉଡ଼ ପ୍ରସ୍ଥାନ – ହାସ ବୁଢ଼ୀ ମା' ନିକଟକୁ ଯାଇ) ଯା' ଲୋ, ଏ ମା'···ଦାଦ ଆଇଲାଣି ଯାତରୁ···

ପଧାନ ବୁଢ଼ୀ : (ଭିତରୁ) ହସ ଲୋ–ଆସିଲୁ···ମତେ ଟିକେ ପିଣ୍ଡାକୁ ନେଇଯିବୁ –

[ପଧାନ ବୁଢ଼ୀର କୋଠରୀରେ ପ୍ରବେଶ–ସୁନା ଛକଡ଼ିର ହାତଧରି ପ୍ରବେଶ ···ଛକଡ଼ିର କାନ୍ଧରେ ପାଟଲା ଗାମୁଛା–କାନରେ ଦକ୍ଷିଣୀ ନୋଳି–ହାତରେ ସୁନାଖିଲ–ଧଳା କାମିଜ ଉପରେ କଳା ୱାଇସ୍ କୋଟ (waist-coat) କାଟରେ ରୁପା ଭୁଣ୍ଡିର ବଟୁଆ ଝୁଲୁଛି–ମୁଣ୍ଡ ଚକ୍‌କଣ ହୋଇ ଲୁଣ୍ଡା ହୋଇଛି । କପାଳରେ ଗୋଟିଏ ଲମ୍ବା କଲି···ଡାହାଣ ହାତରେ ଗୋଟିଏ ଠେଙ୍ଗା ଝୁଲେଇ ଧରିଛି ।]

ସୁନା : (ଅସ୍ଥିର ଭାବରେ) ଦାଦ, ମୋପେଇଁ କ'ଣ ଆଣିଚୁ ଯାତରୁ ଦେ ।

ଛକଡ଼ି : ହଁ ଦଉଛି·····ନେ···ମୁଁ ଟିକିଏ ଗୋଡ଼ହାତ ଆଗେ ଧୁଏଁ ।

ସୁନା : ନାଇଁ, ନାଇଁ–ତୁ ଦେ ମୋତେ ଆଗ···

ଛକଡ଼ି : ହଉ ଦଉଚି···

[ହାତରେ ଜଳନ୍ତା ବଳିତା ଧରି ନେତମଣିର ପ୍ରବେଶ··· ବଳିତାର ଆଲୋକରେ ତା'ର ମୁହଁଟି ଆଲୋକିତ ହୋଇଛି – ତୁଳସୀ ମୂଳକୁ ଗଲାବେଳେ ସେ ଥରେ କଡ଼େଇ ଛକଡ଼ି ମୁହଁକୁ ଚାହିଁଲା··· ଛକଡ଼ି ହସି ହସି ତା ମୁହଁକୁ ଚାହିଁଲା – କିନ୍ତୁ ନେତମଣି ତା ହସର ଉତ୍ତରରେ ମୁହଁଟା ଛୁଆଁଇ ଅନ୍ୟ ଆଡ଼େ ଘୁରେଇ ନେଇ ତୁଳସୀ ଚଉରାମୂଳେ ଯଜ ବଳିତା ଦେଖାପାଇଁ ବସି ପଡ଼ିଲା । ପଧାନ ବୁଢ଼ୀ

Digitized by srujanika@gmail.com

ହାସ ଉପରେ ଭରାଦେଇ ଥର ଥର ବାରଣ୍ଡା ଉପରେ ଦେଖାଦେଲା···
ହାସ୍ର ବାଁ ହାତରେ ଡବରଟିଏ ଧରିଥିଲା—ବାରଣ୍ଡାରେ ଚଢ଼ିଲା ।]

ପଧାନ ବୁଢ଼ୀ : କିରେ ଚଗଲା···! ରାତି ଏତେ ହେଲାଣି···ସକାଳୁ ଗଲୁ ଯେ ଏତେ ବେଳକୁ ଆସୁଚୁ ?·· ତତେ ଭେକ ଶୋଷ କରୁନ !

ଛକଡ଼ି : ବୋଉ, ସନ୍ତୁବୁଢ଼ୀଟା·····ରୁ କଣ କହୁଚୁ ନା ରାତି ଏତେ ହେଲାଣି ।

ପଧାନ ବୁଢ଼ୀ : ଆଲୋ ଏ ନେଉ···ଚଗଲା ଆଇଲାଣି···ତା ପାଇଁ କ'ଣ ଦଟା ସନ୍ତୁର ଦିଅ···ସକାଳ ରୁ'ଣ ସେ ତୁଣ୍ଡରେ ଦବନାଇଁ । (ଛକଡ଼ି ତା ବୋଉ ନିକଟକୁ ଯାଇ ତା ପାଖରେ ବସିଲା) ହଇରେ ପୁଅ···କ'ଣ ଏତେ ବେଳଯାଏଁ ଯାତରେ କରୁଥିଲୁ ?

ଛକଡ଼ି : ସୁନାଯୋଡ଼ି ମେଳଣ ରୁ କ'ଣ ଦେଖିନୁ ନେ ମତେ ପଚାରୁଚୁ···
···ଏତେ ବଡ଼ ମେଳଣଟା···ଛାଡ଼ିକରି ଆସିବାକୁ କଣ ମନ ହଉଥିଲା କଲୋ ବୋଉ·····? ପଇସା ଖ୍ଲେଳିଲି, ଘୋଡ଼ା ଚକରେ ଘୂରିଲି···
ସାମଲାଲା ଦେଖିଲି । ପିଲାମାନଙ୍କ ପାଇଁ ଭୂଜା ମୁଆଁ କିଣିଲି ।

ସୁନା : ଦାଦ ! ଆମପେଇଁ କଣ୍ଢେଇ ଆଣିନୁ ? ଦେ ମତେ କଣ୍ଢେଇ ।

ପଧାନ ବୁଢ଼ୀ : ମୋ ପିଲାଟାକୁ ଟିକଏ ହାଲିଆ ମାରିବାକୁ ଦବୁନ କଲୋ ଟୋକି ?

[ନେଉମଣି ବଲିତା ବଢ଼ାଇ ମୁଣ୍ଡିଆମାର ପ୍ରସ୍ଥାନ]

ଛକଡ଼ି : କଲୋ ବୋଉ···ରୁ କାଇଁକି ଏମିତି ଅରୁଚୁ ? କ'ଣ ଜର ହେଲା ଫେରେ ?

ପଧାନ ବୁଢ଼ୀ : ନାଇଁ ମ ପୁଅ, କଛୁ ନାଇଁ···

ଛକଡ଼ି : (ମା' ଦିହରେ ହାତ ମାରି) ଏଁ ! ଦିହ ତାତିରେ ଖଇ ଫୁଟୁଚି, କହୁଚ କଛୁ ନାଇଁ ? ବା' ଆସିନ ? ···ଖାଇ ?

Digitized by srujanika@gmail.com

ପଧାନ ବୁଢ଼ୀ : ଶାଶୁଝିଆ ଫେଶନ ତା କାମରୁ···ଆଉ ତୋ ବାʼ ଯାଇଚ କଙ୍କଆ ଭଙ୍ଗିବାକୁ ।

ଛକଡ଼ : କୋଉ କଙ୍କଆ ?

ପଧାନ ବୁଢ଼ୀ : ଧୋବାସାଇ ଆଉ କେଉଟସାଇ କଙ୍କଆ···ମାଡ଼ପିଟି···ତୋ ବାʼ ଯାଇଚ ସେ କଙ୍କଆ ଭଙ୍ଗିବାକୁ··· ।

ଛକଡ଼ : ବାʼ କାହିଁକି ସେ କଲି ଭିତରେ ପଶୁଚ ବୋଉ ? କଏ ତେଲ ଠାଲ ଦବ ବୋଇଲେ ?

ପଧାନ ବୁଢ଼ୀ : ତୋ ବାʼ ଧୁଅରେ ଟିପ ଦବ କଏ ରେ ? ସିଏ ନ ଗଲେ କଙ୍କଆ ଭଙ୍ଗିବ ?

ଛକଡ଼ : ହଉ, ତୁ ବୋଉ ଗୁଲଲ୍ ଶୋଇବୁ····· ।

ପଧାନ ବୁଢ଼ୀ : ନାହିଁମ ପୁଅ, ମତେ ଏଇଠି ବସିବାକୁ ଭଲ ଲାଗୁଚ – ତାଢଟା ଟିକଏ ହୁ କନା ପଶି ଯାଇଚ ସେ···ଗୁଡ଼ସିବ – ଦେଲୁ କୁଆଗୁଡ଼ାକପେଇଁ କʼଣ ଆଣିଚୁ · ସେ ଟୋକଟା ମୁହଁମାର ସେଠି ଠିଆ ହୋଇଛୁ ।

ଛକଡ଼ : (ସୁନାର ଶୁଖିଲ ମୁହଁକୁ ଗ୍ରହିଁ) ଆʼ ସୁନା ! ଆଲେ ହାରୁ !··· (ଗଣ୍ଠିଲ ଖୋଲି ଆଗ କୋରୁ ଓ ଖଇ ବାହାର୍ କରି ସୁନା ଓ ହାରୁର ହାତକୁ ଦେଲ ।)

ସୁନା : (କୋରୁ ଖାଉଁ ଖାଉଁ) ଆଉ କʼଣ ଆଣିଚୁ···ଦେଲୁ ?

ଛକଡ଼ : ଆଉ କଅଣ ? କୋରୁ ଝଇତ ଖାଇଲ···ଆଉ ଫେର୍ କʼଣ ? ଯାଅ, ଶୋଇବ ଯାଅ··· ।

ସୁନା : ସେ କଥା ହେଇ ପାରିବନ···କଣ୍ଢେଇ କାହିଁ ?

[ସୁନାର ଗ୍ରୁର ବର୍ଷର ସାନ ଭଉଣୀ ଚେମା ଆଖି ମଲି ମଲି ପ୍ରବେଶ କଲି ଓ ଛକଡ଼ କୋଳ ପାଖକୁ ଆସିଲି ।]

ଚେମା : ବାଦ, ମୋଲ କଣ୍ଢେଇ କାହିଁ ?

Digitized by srujanika@gmail.com

ଛକଡ଼ି : (ତାକୁ କୋଳ ଦେଇ) ଅ.ଗ କୋଳ ଖୋଆ···କଣ୍ଢେଇ ପଛେ··· (ଟେମା କୋଳ ଧରି ଖାଇଲା – ଛକଡ଼ି ତା ପକେଟରୁ ନାଲି ହୋଇ ଗୋଟାଏ କ'ଣ ବାହାର କଲା – ସୁନା ଓ ହାସର ଲୋଭପୂର୍ଣ୍ଣ ଦୃଷ୍ଟି ସେ ଜିନିଷଟି ଉପରେ ପଡ଼ିଲା – ଆଲୁଅ ପାଖରେ ଛକଡ଼ି ତାକୁ ଧରିଲା – ହଂସଟିଏ । ଛକଡ଼ି ତାକୁ ଦେଲା···ସେଇଟା କୁଁ କୁଁ ବୋବେଇଲା – ଛକଡ଼ି ତାକୁ ଚପି ଉପରକୁ ଟେକି ଧରି) କିଏ ନେବ ?

ସୁନା : (ପାଟି କରି) ମୁଁ ନେବି······ ।

ଟେମା : ମୁଁ ନେବି ଦାଦା, ମୁଁ ନେବି··· ।

ଛକଡ଼ି : ନାଇଁ ଏଇଟା ଟେମା ନେବ (ଟେମାକୁ ଦେବାରୁ ସୁନା କାନ୍ଦିବାକୁ ଆରମ୍ଭ କଲା)

ହାସ : କାନ୍ଦୁଚୁ କିଆଁ ? ତୁ କ'ଣ ଛୁଆଟିଏ ହୋଇଚୁ ?

ଛକଡ଼ି : (ଗଣ୍ଠିଲିରୁ ବେଙ୍ଗି ବାଇଦ, ସପ୍ତସ୍ୱର ଇତ୍ୟାଦି ବାହାର କରି) ନେହ, ନେହ, ଏମିତି କାହିଁକି ରଡ଼ି ଛାଡ଼ୁଚ ? (ପେଁକାଳି ବଜାଇବାକୁ ଆରମ୍ଭ କରିଦେଲା । ବୁଢ଼ା ଶାମ ପଧାନର ପ୍ରବେଶ ।)

ଶାମ : ଓହୋ – ଘରେ ପାଦ ଦେଲା କି ନ ଦେଲା, ପିଲାଗୁଡ଼ାଙ୍କୁ ଧରି ଅ.ଗ କେଁକଟର ନଗେଇଲା ।

ଛକଡ଼ି : ବା'ଲୋ – ବୋଉକୁ ଖରି ଜର –

ଶାମ : ଏଁ ଫେରେ ଜର ହେଲା ? ବଇଦର ଚନ୍ଦ୍ରସମରେ ବି ଜର ଛାଡ଼ୁନି । (ବୁଢ଼ୀ ନିକଟକୁ ଯାଇ)

ପଧାନ ବୁଢ଼ୀ : କାହିଁକି ତମେ ସେ ଟଗଲଟା କଥା ଶୁଣୁଚ ? ତାଠଟା ପଶିଯାଇଚ – ଛାଡ଼ୁ ଜିବନି······

ଶାମ : (ବୁଢ଼ୀ ଦେହରେ ହାତ ମାରି) ତାଠନେଇ ଖରି ଫୁଟୁଚି – କହୁଚୁ କହୁ ହେଉନି ? ···ଧିଏରେ ଧିଏରେ ଜଣକୁ ମାରିବାକୁ ଖୁସି ଲାଗୁଚି ?··· ମୁଁ ଯାଏଁ ବଇଦ ପାଖକୁ···

Digitized by srujanika@gmail.com

ପଧାନ ବୁଢ଼ୀ : (ଧମକେଇ) ନାଇଁ···ଏ ରାତରେ ଇଲେ ଅଧକୋଣେ ବାଟ ଯିବ···ଜଙ୍ଗଲ ବାଟ···ବାଘ ଭୟ···ନାଇଁ ନାଇଁ କାଲି ସକାରେ···

ଶାମ : ଭୋର କଥାରେ ? କ'ଣ ମରବାକୁ ବଲେଡ଼ୁଚୁ···

ପଧାନ ବୁଢ଼ୀ : ମା' ଲେ ମା···ତମ କଥାରେ ଫେରେ କଏ କଥା କହବ··· ତମେ କ'ଣ କାହା କଥା ଶୁଣିବ ?

ଶାମ : ହଉ, ତୁ ଯା' ଶୋଇବୁ । ବସନ୍ନ ଏଠି । ଏ ଛକଡ଼ ! ଯାଆ··· ବୋଉକୁ ଘର ଭିକରକୁ ନେଇ ଯା । (ବରଜୁର ପ୍ରବେଶ) ହେଇ ପୁଅ ତ ଆଇଲାଣି···ଆରେ ବାପ···ତୋ ବୋଉର ବଡ଼ ଜର······

ବରଜୁ : (ମା' ପାଖକୁ ଯାଇ ଓ ତା ଦେହରେ ହାତ ମାର) ଉଃ, ଖଇ ଫୁଟୁଚ ।

ଶାମ : ମୁଁ ଯାଉଚ ବଇଦ ଡାକ—ତୁ ଥା ମା' ପାଖରେ—

ବରଜୁ : ତୁ ଯିବୁ ବା' ? ଏଇ ରାତରେ ଜଙ୍ଗଲବାଟ—ମୁଁ ଯାଉଚ, ବଇଦକୁ ଡାକ ଆଣିବ । (ବରଜୁର ପ୍ରସ୍ଥାନ)

ପଧାନ ବୁଢ଼ୀ : ଆଟଲ ହେ,···ଆଲେ ଚଗଲକୁ ଗଣ୍ଡେ ବାଢ଼ିଦଅ···

ଶାମ : ଯାଉନୁରେ ଛକଡ଼ ? ···ଯା ଖାଇବାକୁ (ବୁଢ଼ୀକୁ ଲକ୍ଷ୍ୟ କର) ଚ୍ଛଲବୁଡି···ଚ୍ଛ···ତତେ ଆଉ ବସିବାକୁ ହବନ···।

ପଧାନ ବୁଢ଼ୀ : ମୋ ଚଗଲ ଖାଇନ, ଶାଶୁଷିଆ ଖାଇନ···କ ତମେ ଖାଇନ —ଆଉ ମୁଁ ଯିବ ଶୋଇବାକୁ ?

ଶାମ : (ବୁଢ଼ୀକୁ ଧର) ଚ୍ଛଲ, ବାଢଙ୍ଗି କାଢ଼ନ—ତୁ ଆଖି ବୁଜିଲେ ଏ ସଂସାର ସରିଯିବ··· (ବୁଢ଼ୀକ ଧର ଧର ଶାମ ପଧାନର ଘର ଭିତରକୁ ପ୍ରସ୍ଥାନ—ଛକଡ଼ ରନ୍ଧାଘର ଆଡ଼କୁ—ସୁନା, ହାସ୍ ଓ ଚେମା ଖେଳନା ଧର ପ୍ରସ୍ଥାନ କଲାଦେଲେ ହାସ୍ ବୋଉର ପ୍ରବେଶ)

ହାସ୍‌ବୋଉ : ଦାଦା କ'ଣସବୁ କଣ୍ଢେଇ ଆଣିଚ ତମ ପେଇଁ ଦେଖି—

Digitized by srujanika@gmail.com

ସୁନା : ହେଇଟି ବୋଉ, ମୋ ପେଇଁ ପେଟହିଁକାଳୀ—ଆଉ ହାବୁ ଦେଇତ
ଏଇଟା ସପତଘୋର······

ଚେମା : ମୋଲ ଏଇ ହ°ଚଟା ଦାବ୍ଧ ଆନଚ ।

ହାବୁ ବୋଉ : ହଉ ସ୍କଲ, ଶୋଇବ ସ୍କଲ—ଏ—ହାବୁ—ରୁ ଏଡ଼ୁ ଟିଏ
ହେଲୁଣି, କାମ ଦଶୁନ ତତେ ? ଗଲୁ ମାଆ ଗୋଡ଼ ଟିକଏ
ଘଷିଦବୁ ।···

ଶାମ : (ଭିତରୁ) ହଉ, ଥାଉ, ଥାଉ,—ଛୁଆଟାକୁ କାମ ନ କରେଇଲେ
ହଉଚ ? ଯାଅ—ତାଙ୍କୁ ଖାଇବାକୁ ଦଅ···ଶୁଅନ୍ତୁ ସେମାନେ ।

[ଶରଧା ବୋଉର ପ୍ରବେଶ—ହାବୁ ବୋଉକୁ ଦେଖି]

ଶରଧା ବୋଉ : ହାବୁବୋଉ···ଚଗଲା ବୋଉ—କୁଆଡ଼େ ଗଲ କଲେ
ସବୁ ?

ହାବୁ ବୋଉ : ତାଙ୍କ ଦହ୍ମ ଅଂଜ ଖୁଣ ଖଗ୍‌ପ···କାହିଁକ ଡାକୁଚ ?

ଶରଧା ବୋଉ : ସ୍କଉର ଘର ଯାଇଥେଲ ଯେ ଆସିଥେଲ ମାଣେ ଉଧାର
ନବାପାଇଁ—

ପ୍ରଧାନ ବୁଢ଼ୀ : ଆଲେ ହାବୁ ବୋଉ ! କାହା ସାଙ୍ଗେ କଥା ହଉଚୁ ?

ହାବୁ ବୋଉ : ଶରଧା ବୋଉ ଆଇଚନ୍ତି—ସ୍କଉର ଘର ଯାଇଚ ଯେ···

ପ୍ରଧାନ ବୁଢ଼ୀ : ଦଉନୁ ତାକୁ ସ୍ବଦ୍ଧର ମାଣେ ?

ହାବୁ ବୋଉ : ସ୍କଉର ତ ଆମର ବେଶୀ ନାହିଁ···

ପ୍ରଧାନ ବୁଢ଼ୀ : ନ ଥାଉ—ତା କାମଟା ଚଳଯାଉ···ସୁଧ ବକାଣ ମାଗି
ଆଇଚି···ଦେ ଗଣ୍ଡେ ଦେ··· ।

ହାବୁ ବୋଉ : ହଉ ଠିଆ ହୁଅ···ଆଣି ଦଉଚ··· । (ହାବୁବୋଉର ପିଲଙ୍କୁ
ନେଇ ପଯାନ ।)

Digitized by srujanika@gmail.com

ଶରଧୀ ବୋଉ : ହଉ ମୁଁ ଠିଆ ହେଉଚ ଏଇଠି—ହେଇଗି ଆ···
(ସ୍ୱଗତ) ମୋ ମାଆଲେ···ଦାନ୍ତା ତ ଦଉଚ, ଆଉ ଇଆର କାଛିଙ୍କ ପିନ୍ଧାଣ ଚମକୁଚ ବା ? (ବୁଢ଼ୀର ଦୁଆର ନକଟକୁ ଯାଇ) ଆହେ ଚଗଲ ବୋଉ, ଡମ ଧୁଅ ଆଜ କ'ଣ ବେଶୀ ହେଲ କ ?

ପଧାନ ବୁଢ଼ୀ : ହଁ ଲେ ଶରଧୀ ବୋଉ···! ଜରଟା ଆଜ କାପିଚ···ଘୁଉର ନେଲୁ ?

ଶରଧୀ ବୋଉ : ହାବୁ ବୋଉ ଯାଇଚ ଆଣିବାକୁ···ମୁଁ କାଲ ସକାରେ ଶୁଝି ଦେବ ଯେ····

ପଧାନ ବୁଢ଼ୀ : ହଅ ମ—ଶୁଝିବାକୁ ଏତେ ତରବର କଆଁ···ତୋର ଯେତେବେଳେ ସୁବିଧା ହବ ଦବୁ ।

[ହାବୁ ବୋଉର ଘୁଉଲ ଧର ପ୍ରବେଶ]

ହାବୁ ବୋଉ : ନଅ !···

ଶରଧୀ ବୋଉ : (କାନ ଦେଖାଇଲ—ହାବୁ ବୋଉ ତା କାନରେ ଘୁଉଲ ଡାଳ ଦେଲ) —ଯାଉଚ ହେ ଚଗଲ ବୋଉ । (ପ୍ରସ୍ଥାନ)

ହାବୁ ବୋଉ : ମଲ ମୋର—କ ମାଗେଣା ଖାଇଲେ··ଘର ନାଇଁ ଦର ନାଇଁ, ଧପଡ଼ାଣ ବୁଢ଼ୀ ପାଖକୁ, ଘୁଉର ଦଅ, ନୁଣ ଦଅ, ମାଲପା ଟୋପେ ଦଅ··ପାଇଲ ଗଡ଼ଆ ବାହୁଚ । (ପ୍ରସ୍ଥାନ)

[ରଙ୍ଗମଞ୍ଚ ଅନ୍ଧକାର—ତା ପରେ ଦେଖାଗଲ ଛକଡ଼ି ବସି ପାନ ଖାଉଛ—ତା ଶୋଇବାଘର ଦୁଆରପିଣ୍ଡାରେ ଗୋଟିଏ ଡିବରୀ ଜଳୁଛ ।]

ଶାମ : (ପ୍ରବେଶ) କରେ ଖାଇଲୁ ?

ଛକଡ଼ି : ହଁ ଖାଇଲି—ବା'ଲେ, ମୁଁ କଲକତା ଯିବି···

ଶାମ : କ'ଣ କହିଲୁ ?···କଲକତା ଯିବୁ ?

ଛକଡ଼ି : ହଁ !

Digitized by srujanika@gmail.com

ଶାମ : କାହିଁକି ?

ଛକଡ଼ି : ଚଟକଲରେ କାମ କରିବି··· ।

ଶାମ : ଚଟକଲରେ କାମ କରିବୁ ? କାହିଁକି ରେ ? ଗାଁ ମାଟି କ'ଣ ଗନ୍ଧେଇଲାଣି କି ?···"ବାପ ଚେଲ ବନେ ନଣ୍ଡା ନା, ପୁଅ ବୁଲେଇ ବେଣ୍ଟି ରଖୁଚି"···ହା'ରେ ଏ, ଏ, – ବାପ ଅଜା ସାତ ପୁରୁଷ ତ ଏଇଥିରେ ଗଲେଣି – ଆଉ ତୁ ଗୁଡ଼ାଏ ବେଶୀ ରୋଜଗାର କରି ପଥର ସୁନ୍ଦରୀ କରିବୁ ?···

ଛକଡ଼ି : ନାହିଁ ବା' ମୁଁ ଯିବି···

ଶାମ : ହଁ ଯିବୁନି କାହିଁକି ? କଲିକତିଆଙ୍କ ଚେରିକଟା ମୁଣ୍ଡ ଦେଖି, ଲୁହା ଲିଟକଣ ଦେଖି, ମନ ଛକର ପକର ହଉଚି···ମା' ଇଆଡ଼େ କଡ଼ରି ଧଇଲାଣି, ପୁଅର ରଙ୍ଗରସ ଦେଖ – ଯା' ଯା' ଶୋଇବୁ ଯା··· (ଶାମ ପଧାନର ପ୍ରସ୍ଥାନ – ଛକଡ଼ି ମୁହଁ ଖରକରି ବସି ପାନ ଭାଙ୍ଗିଲା – କିଛି ସମୟ ପରେ ପାହୁଡ଼ ଝୁମ ଝୁମ କରି ନେତମଣିର ପ୍ରବେଶ –···ଛକଡ଼ି ମୁରୁକି ହସି –)

ଛକଡ଼ି : କଲେ, ତୁ ଖାଇଲୁ ନାହିଁ କଲେ ?

ନେତମଣି : (ଶୁଷ୍କ କଣ୍ଠରେ) ମତେ ଭୋକ ନାହିଁ ।

ଛକଡ଼ି : କାହିଁକି ? ଧିଅ ଖରାପେ ?

ନେତମଣି : ତେମେ ସେଥିରୁ କ'ଣ ପାଇବ ?

ଛକଡ଼ି : ମଲ – ଏମିତି ଟାଣି ଟାଣିକରି କଥା କାହିଁକି କହୁଚୁ ବା ?

ନେତମଣି : ମୋ କଥା ସେମିତି··· (କହି ଘର ଭିତରକୁ ଗଲାବେଳେ)

ଛକଡ଼ି : (ହାତଧରି ଅଟକେଇଲା) କଣ ହେଇଚି ତୋ'ର ?

ନେତମଣି : (ହାତ ଛଡ଼ାଇ) ଯା' ଖରି । ସେ ପୁଅଗୁଡ଼ାକ ତୋ ବଡ଼, ଖଉକି, ଝିଆରୀ, ପତ୍ନୀଙ୍କୁ ଦେଖେଇବୁ··· ।

Digitized by srujanika@gmail.com

ଛକଡ଼ି : ଆରେ କଥା ନାହିଁ, ବାରତା ନାହିଁ···ଏମିତିଗୁଡ଼ାଏ ହେଲେ କ'ଣ ହବ ?

ନେତମଣି : ଆଉ କମିତିଗୁଡ଼ାଏ ହୁଅନ୍ତୁ···ଧାନ ଗଣ୍ଡାଏ ଶୁଖାଇ ଦେବାକୁ ହାତ ଛୁଡ଼ିପଡ଼ୁଚ, ପୋଡ଼ି ଯାଉଚନ୍ତି, ଜଳି ଯାଉଚନ୍ତି – କାହିଁକି ମ ? କାଆଁର ମୁଁ ଖାଏ ନାଁ ଧାରେ ? କଆଁ ନାଗି ଯିବାକୁ କାହିଁକି ସମସ୍ତେ କହୁବେ ମ ?

ଛକଡ଼ି : କାହିଁକି ତୁ ସିମିତି କହୁନୁ ?

ନେତମଣି : ମୁଁ କଅଣ କହିବି ମ ? କହିଲେ ତ ବର୍ଷିଶଯାକ ଖାଇ ଗୋଡ଼େଇବ । ତତେ ଯେବେ କିଛି କହୁ ନ ଆସେ, ତେବେ ହାତଧରି ବାହା ହେଇଥିଲୁ କଆଁ ?

ଛକଡ଼ି : ଆଲୋ, ସେଇଟା କଏ ? ଷୋଇଆଣୀ ନା ଭଣ୍ଡାରୁଣୀ – ? ଏ ଘର କ'ଣ ତା'ର ? ସେ ଯେମିତି ଗୋଟାଏ – ତୁ ବି ସେମିତି ଗୋଟାଏ – ତତେ କହିବାକୁ ସେ କଏ ?

ନେତମଣି : (ମୁହଁ ମୋଡ଼ି ଦେଇ) ଶୁଙ୍ଘି ଶୁଙ୍ଘି କହିଲ ସଇଥିବ ଲୁଣ !

ଛକଡ଼ି : ଆଲୋ, ତୁ ଆଗ ପଦକୁ ପଦ ଜବାବ ଦେ – ତେଣିକି ମୁଁ ବୁଝିବିନି ?

ନେତମଣି : ହଁଅ – ତୁ ତ ଖାଲି ବୁଝି ପକେଇବାକୁ ଖମ୍ବୁଆରୁ – ଏତେକାଳ ପରି କହିଥିଲ, ତୁ' ତା ପିଲାଙ୍କୁ ଛୁଇଁବୁନି ବୋଲି ?

ଛକଡ଼ି : କଲେ, ବା' ପରି ପଇସା ଦେଇଥିଲେ ତାଙ୍କ ପେଇଁ କଣ୍ଢେଇ କୋରି ଆଣିବାକୁ – ମୁଁ କ'ଣ ହାତରୁ ଦବାକୁ ଯାଆନ୍ତି ?

ନେତମଣି : କାହିଁକି ମ ? – ଗାଁ ଭିତରୁ ଆଉ କଅଣ କେହି ଯାତରି ଦେଖି ଯାଉ ନ ଥିଲେ କି ?

ଛକଡ଼ି : ମଲ – ଘର ଭିତରୁ ମୁଁ ଯାଉଚି – ପର ହାତରେ କଏ ପଇସା ଦିଏ ? ଆଲୋ ହେ, ଖାଇ ଖାଉଜ ସିନା ଭଗାରି – ପିଲାଗୁଡ଼ାକ କି ଦୋଷ କରିଛନ୍ତି ?

Digitized by srujanika@gmail.com

ନେଙ୍ଗମଣି : ହଉ, ଋଷି ଦେ ତୋ ଝିଅଆସ୍ତା ପୁରୁଷ ପୁଆଗ···

ଛକଡ଼ି : ହଉ, ଆଉ ସେ କଥା – ତୋର କଥା ହବ – ଦେଖିବୁନ ଚାଲ, ଭିତରକୁ ଚାଲ·····   (ଉଠି ଛିଡ଼ା ହେଲା)

ନେଙ୍ଗମଣି : ନାଇଁ ତୁ ଯା'···ମୁଁ ଏଇ ପିଣ୍ଡାରେ ଶୋଇବି ।

ଛକଡ଼ି : ପିଣ୍ଡାରେ ଶୋଇବୁ ? କଲେ କଅାଁ ?

ନେଙ୍ଗମଣି : ତୁ ଯା' ଏଠୁ – କଥା କହନା – ମୋ ଧ୍ୟାନ ଜଳୁଚି ଖାଲି ତୋ ପୁଆଗିଆ କଥା ଶୁଣି ···   (ପିଣ୍ଡାରେ କାନି ପାରି ଶୋଇଲା ।)

ଛକଡ଼ି : ହାଉଜ ଏଇନେ ଇଆଡ଼େ ଆସିବ – ଦେଖିଲେ କ'ଣ କହିବ ? (କଅାଁ ଲେଇ) ···ଚାଲ···ମୋ ସୁନାଟା ପରା··· (ପାଖରେ ବସି)

[ହାବୁର ପ୍ରବେଶ]

ହାବୁ : ବାଦ ଲୋ, ବାଦ, ଧପଡ଼ ଆ···ମାଥାର କଷଣ ହେଇଯାଉଛି ।··· ···

ଛକଡ଼ି : ଏଁ ? କ'ଣ ହଉଚି ?   (ଉଠି ଛିଡ଼ା ହେଲା)

ହାବୁ : ବାଉଶ ଘୁଉଶ ହଉଚି···ଜେଜେ କହିଲା ବେଢ଼ିଗ ଆ –

ଛକଡ଼ି : ହଉ, ଚାଲ ଯାଉଚି – (ହାବୁର ପ୍ରସ୍ଥାନ – ଛକଡ଼ି ଉଠି ବାହାରିଲା ବେଳକୁ ନେଙ୍ଗମଣି ଧଡ଼ପଡ଼ ହୋଇ ଉଠି)

ନେଙ୍ଗମଣି : ମଲା ମୋର ମା' ପୁଆଗ – ···ବୁଢ଼ୀକି ତ ଜର ହେଇଚି – ବାଉଶ ଘୁଉର ହଉଚନ୍ତି – ତୁ ଯାଇଁ କ'ଣ କରିବୁ ?

ଛକଡ଼ି : ନାଁ, ନାଁ – ବା' ଡାକୁଚି – ବୋଉର କ'ଣ ହଉଚି ଦେଖି ଆସେଁ ।

ନେଙ୍ଗମଣି : ଆ, ଘର ଭିତରକୁ ଆ··· (ଈଷତ୍ ହସି) ଆଉ ଟିକିଏ ଗ୍ରୁଡ଼ ଗଲେ ହବନି ? (ଛକଡ଼ିର ହାତ ଧରି) ଘର ଭିତରକୁ ଆ'ମ – ମଲା···ଏଇନେ ଏତେ ପୁଆଗେଇ ଡାକୁଥିଲୁ · ଆଉ ମୁଁ ଡାକିଲା ବେଳକୁ··· (ଛକଡ଼ିକୁ ତା'ର ଇଚ୍ଛା ବିରୁଦ୍ଧରେ ଭିଡ଼ି ନେଇଗଲା ଘର ଭିତରକୁ···କବାଟ ଆଉଜେଇ ଦେଲା – ବାହାରୁ ଡାକ –)

Digitized by srujanika@gmail.com

ବରଜ୍ : ହାସ୍ତ ଲୋ, ଏ ହାସ୍ତ ! କବାଟ ଫିଟେଇଲୁ···

ହାସ୍ତ : (ଭିତରୁ) ଯାଉଚ ଲୋ ବା' ଯାଉଚ (ଡିବରି ଧରି ହାସ୍ତର ପ୍ରବେଶ—ହାସ୍ତ ଆଗେ ଆଗେ ଚାଲିଚ ।)

ବରଜ୍ : ମା' କମିତି ଅଛୁ ?

ହାସ୍ତ : ମା' ବାଉରି ଗୁଉରି ହଉଚ—ଦାଦକ ଡାକଲ୍—ଦାଦ କଇଲ ଯାଉଚ ବୋଲି—କାହିଁ ଆସିଲାନ ତ ?

ବରଜୁ : ଦାଦ ହାଲିଆ ହୋଇ ଯାଚରୁ ଫେରିଚ···ନଦ ମାଡ଼ି ଥିବ··· ହଉ ବଇଦେ ! ···ଆସ ଏଇ ବାଟେ··· (ସମସ୍ତଙ୍କର ପ୍ରସ୍ଥାନ)

[ଅତି କୋମଳ ସ୍ୱରରେ ସଙ୍ଗୀତ ମୂର୍ଚ୍ଛନା—କିଛି ସମୟ ପାଇଁ ମଞ୍ଚ ଶୂନ୍ୟ—ହଠାତ୍ ଦୂରରୁ କୁକୁରର ଶବ୍ଦ··ତା' ପରେ ଭିତରୁ ଶୁଣାଗଲା ବରଜୁର କଣ୍ଠସ୍ୱର ।]

ବୋଉ, ବୋଉ ! ···ଏଁ ! ଦଦ୍ଧ ହାତ ଅଣ୍ଟା ! —ବଇଦେ—ବଇଦେ, ସବୁ ସରିଗଲା—(ଚିତ୍କାର) ବୋଉ, ବୋଉ, ବୋଉ !···

[ହାସ୍ତ ବୋଉ ଓ ହାସ୍ତର ଚିତ୍କାର କ୍ରନ୍ଦନ]

ଛକଡ଼ି : (ହଠାତ୍ କବାଟ ମେଲାଇ ବାରଣ୍ଡାରେ ଠିଆ ହେଲା—ମୁହଁରେ ବେଦନାର ଚିହ୍ନ—ତା ପରେ ଦୌଡ଼ି ଯାଇ ବୁଢ଼ୀର ଦୁଆରବନ୍ଧ ଆଗରେ ବସିପଡ଼ି ଚିତ୍କାର କରି କାନ୍ଦି ଉଠିଲା) ବୋଉ ! ବୋଉ !···

● ଦ୍ୱିତୀୟ ଦୃଶ୍ୟ

[ବରଜୁ ଘରର ଅଗଣା—ପିଣ୍ଡାରେ ଶାମ ପଧାନ ବସିଛି । ବରଜୁ ଶାମ ପଧାନର ଗୋଡ଼ ଘଷୁଚି ।]

ଶାମ : ବୁଢ଼ୀ ତ ଚାଲିଗଲା ବାପା—ମୋ ଆଶା ଆଉ ରହୁନ—ବୁଢ଼ୀ ପଛେ ପଛେ ମୁଁ ବି··

Digitized by srujanika@gmail.com

ବରଜୁ : ଏମିତ କଅଣ ଗୁରେ କହୁଚୁ ବା ?

ଶାମ : ମତେ ଆଉ ବଞ୍ଚେଇବାକୁ ଯେତେ ଚେଷ୍ଟା କଲେ ବ ଆଉ ହବନ ରେ ବାପ, — ବୁଢ଼ୀକ ଛାଡ଼ ପରବାସରେ ରହପାରବନ… ।

ବରଜୁ : ହଉ, ହଉ, — ଅଚ୍ଛତ ସେ କଥା — ସବୁବେଳେ କାହିଁକ କହ ହଉଚୁ ?

ଶାମ : ଆରେ ବାପା, ମୁଁ କ'ଣ କହୁଚ କ ? ମୋର ତ ଆଉ ବେଶୀ ଦନ ନୁହେଁ — କେତେବେଳେ କୋଉ କଥା — ରୁ ଘ୍ୟକସ୍ଥ କର ବାର ଆଡ଼େ ବୁଲବୁ — ତତେ ଟିକଏ ଦେଖି ପାରବ କ ନାହିଁ । ରୁ ଏ ଘ୍ୟକସ୍ଥ ଛାଡ଼ଦେ ବାପ —

ବରଜୁ : ହଉ ଦେଖିବା —

ଶାମ : ଦେଖିବା, ଦେଖିବା ବୋଲ ତ କେତେ ଥର କହଲୁଣି — ଜ'ରେ ଦରକାର କ'ଣ ? ଆମେ ଅଲପକ ଲୋକ — ଆମର ଏତେ ଆଡ଼ମ୍ବର କାହିଁକ ? ମାଟି ଚାଡ଼ ଚାଡ଼ ତ ବାପ ଅଜା ସାତ ପୁରୁଷ ଗଲେଣି — ଲଙ୍ଗଳମୁଣ୍ଡା ଛାଡ଼ କଲମ ଧଇଲେ ଆମେ କୋଉ ସରଗକୁ ଉଠିଯିବୁ ?

ବରଜୁ : ସେ କଥା ମୁଁ କହୁନ ଯେ ବା' — ହେଲେ ଘ୍ୟକସ୍ଥଟା ଭ୍ରୁସ୍ କନା ଛାଡ଼ ଦେଲେ ଅସୁବଧା ହେବ । ବର୍ଷକୁ ବର୍ଷ ଯାହା ଗୁଣ୍ଡେ ପାଏ କଣା ହଉଛୁ — ସେତକ ତ ଆଉ ହବନ — ?

ଶାମ : ହଅ — ନ ହେଉ — ହଇ ରେ ଘ୍ୟକସ୍ଥ ଡାଲଗଛ ଛାଇ — ଷଣକେ ଅଚ୍ଛ ଷଣକେ ନାହିଁ — ତାକୁ ଗୋଟେ ଘ୍ୟହିଁ ବସିବ ?

ବରଜୁ : ମୁଁ ସେ କଥା କହୁନମ — ବା' — ଘ୍ୟକସ୍ଥଟା ଥିବାରୁ ସିନା ଢ' ପଇସା ସଞ୍ଚି ପାରୁଚେ ।

ଶାମ : ହେ ଢ' ପଇସା ସଞ୍ଚିବା ଏବେ ନ ହେଲ, ସଞ୍ଚିବ ଗୋଟେ କ'ଣରେ ? ପୁଅ ଯୋଗ୍ୟ ହେଲେ ଧନ କାହିଁକ ସଞ୍ଚୁ — ପୁଅ ଅଯୋଗ୍ୟ ହେଲେ, ଧନ କାହିଁକ ସଞ୍ଚୁ — ଧନ ସଞ୍ଚିବାଟା କେତେବେଳେ ହେଲେ ନୁହେଁ ।

Digitized by srujanika@gmail.com

ବରଜୁ : ଧନ ସମ୍ପତ୍ତିଟା କ'ଣ ଖରାପ ?

ଶାମ : ଖରାପ ? ଖାଲି ସେତିକି ? ଘୋର ପାପ – ଆମ ଗାଁ ହରି ମିଶ୍ରଙ୍କୁ ଦେଖୁନୁ ? କେତେ ରାଣ୍ଡୀ ଖଣ୍ଡୀଙ୍କ ତଣ୍ଟି ଚପି ସମ୍ପତ୍ତି କରିଛନ୍ତି । ସମ୍ପତ୍ତି ନୁହେଁ ତ ଖାଲି ତତଲା ନିଶ୍ୱାସ, ଦୁନିଆଟାକୁ ଜାଳି ପାଉଁଶ କରି ଦବ ।

ବରଜୁ : ହରି ମିଶ୍ର କରୁଚ ବୋଲି କଣ ସମସ୍ତେ ସେଇଆ କରିବେ ?

ଶାମ : କହୁ ହବନା ରେ ବାପା – ଲୋଭ ଗୋଟାଏ ଭାରି ଖରାପ ଜିନିଷ । (ପ୍ରବେଶୀ ଧରମୁ ବାଉରିକୁ ଦେଖି) କ'ରେ ଧରମୁ ! – ଏତେ ସକାଳୁ ? ହଉ,···ବ, ବ ।

ଧରମୁ : ତମକୁ ଟିକିଏ ଫିଖର ଆଇଲି ପଧାନେ ! ଶୁଣିଲି ବୁଢ଼ୀ ଗଲା ଦିନଠୁଁ ତମ ଦେହ ଖରାପ – ।

ଶାମ : ହଁ ରେ ବାପା – ଆଉ ଧଉଡ଼ ଧାପଡ଼କୁ ବଳ ପାଉନି – ।

ଧରମୁ : ତେମେ ପଧାନେ ପଦାକୁ ନ ବାହାରିବାରୁ ଆଉ ଗାଁଦାଣ୍ଡ ସୁନ୍ଦର ଦିଶୁନି –

ଶାମ : ସେତିକି ହୋଇଥିଲା ସେତିକିରେ ବାପ – ଆଉ ଗୁରା ନାହିଁ – । ସେଇଥି ପାଇଁ କହୁଥିଲି ବରଜୁକୁ – ଅମୀନ ଚାକିରି ଛାଡ଼ି ଦେ ବୋଲି – ମୋର କେତେବେଳେ କ'ଣ ହୋଇଯିବ ।

ଧରମୁ : ହଁ, ବରଜୁଆଇ – । କାହିଁକି ତମେ ସେ ଅମୀନଗିରି କରିଚ କହିଲ – ? ଗୋଟେ ପଇସା ତ ଅଧିକ ହୋଇ ହାତକୁ ଆଣିବ ନାହିଁ – ବୁଝିଲ ପଧାନେ, ଲୋକେ କାବା ହୋଇ କ'ଣ କହୁଚନ୍ତି ଶୁଣୁଚ ? କହୁଚନ୍ତି ନଙ୍କାରେ ହରି ଶବଦ । ବନ୍ଦୋବସ୍ତ ଅମୀନ ହେଇ ଫେରେ ପଇସା ନ ଖାଇବ । ଦ' ଦ' ଟା ବନ୍ଦୋବସ୍ତ ଆମେ ଦେଖି ଆସିଲୁ – ବରଜୁ ଭଳିଆ ଭାରି ସଚ୍ଚୋଟିଆ – କାହାଠାରୁ ବାଇଗଣ କଷିଟାଏ ବି ନବ ନାହିଁ ।

Digitized by srujanika@gmail.com

ଶାମ : ସେଇତା ପରା — ଖାଲି ପରର ଗୋଲାମି କରି ଜଣଙ୍କର ତଳିପା ଚାଟି ଚାଟି ଲାଭ କ'ଣ ? ଖାଲି ମଣିଷପଣିଆ ଟିକକ ଯିବ ।

ବରଜୁ : ହଉ, ତୁ ଯାହା କହୁଚୁ ମୁଁ ସେଇଆ କରିବି । ମାଟିତଡ଼ା ତ ଆମର ବେଉସା — ସାତପୁରୁଷୀ — ମୁଁ ଅମିନ ଚାକରୀ ଛାଡ଼ି ଦେବି ।

ଧରମୁ : ସେଇଆ କର ବରଜୁଆଇ ! — ପଧାନେ ଆଉ କେତେ ଦିନ — ତମେ ଗାଁ ବାହାରେ ସବୁବେଳେ ରହିଲେ ଆଉ ଚଳିବ ନାହିଁ — ହରିମିଶ୍ରଙ୍କ ଉତ୍‌ପାତ ବଢ଼ିବ ଆଉରି । ତମ ବାପ ପୁଅଙ୍କୁ ସିନା ତାଙ୍କର ଯାହା ଡର — ନଇଲେ... ମାଲି ମକଦ୍ଦମା କଲି ନଷିପଠାକୁ ତ ଆଉ ପଧାନେ ପାରିବେ ନାହିଁ — ବଳ ହଟିଲାଣି — ବୁଢ଼ୀ ଗଲାଦିନଠୁ ଫାଁ। ଗାଲ ଦେଇ ବସିଲେଣି — ତମେ ବରଜୁଆଇ ଏଥର ଗାଁ ହାଲ୍‌ଚାଲ ବୁଝ । ନଇଲେ ଆମେ ସବୁ ଉଚ୍ଛନ — ।

ଶାମ : ବରଜୁ ! ଧରମୁଁ ଯାହା କହୁଚି ମିଛ ନୁହେଁ ରେ । ତୁ ମୋ ନାଁ ରଖିବୁ — ଆଉ ସେ ଛକଡ଼ିଆ ତ ମଣିଷ ହେଲା ନାହିଁ । ଚଳେଇବୁ ତାକୁ । ପିଲା ଲୋକ — ଯାଅ, ମୋ ଧିଅଟା କାହିଁକି ଭାରି ଅସକଟିଆ ଲାଗୁଚିରେ ।

ବରଜୁ : (ଉଦ୍‌ବିଗ୍ନ ହୋଇ) ଏଁ, ଦିହ ଭଲ ଲାଗୁ ନାହିଁ ? ଚାଲିଲୁ ବା' ଶୋଇବୁ — ଚା...

ଶାମ : ମତେ କେମିତି କେମିତି ଲାଗୁଛି ରେ ବରୁଜୁ — ପରୁଅନା ଆସିଗଲା ବୋଧେ...।

ବରଜୁ : କାହିଁକି ତୁ ସେଇ କଥା ଏତେ ଥର କଉଚୁ ବା' — ମୁଁ ସମ୍ଭି ପାରୁନି । ଧିଅ ଟିକଏ ଅସକଟିଆ ଲାଗୁଚି — ମୁଁ ଯାଉଚି ବଇଦକୁ ଡାକି ଆଣିବି — ପାନେ ଔଷଧରେ ଭଲ ହେଇ ଯିବ ।

ଶାମ : ନାହିଁ, ଆଉ କହିବନି — ତୁ ରାଗୁଛୁ — ହଉ ମତେ ଟିକଏ ଧରିଲୁ । (ବରଜୁ ଶାମ ପଧାନକୁ ଧରି ଧରି ତା ଘରକୁ ନେଇ ଗଲାବେଳେ) ବୁଢ଼ୀ ଏଇ ଘରେ ଗଲା — ମୁଁ ବି...

Digitized by srujanika@gmail.com

ବରଜୁ : (ଆଖି ଛଳ ଛଳ କରି) ତତେ ଆଉ ପାରି ହବନି ବା' — ବୋଉ ଗଲା ଦିନୁ ତୁ ଦିନ ରାତି ଖାଲି ସେଇଟା ରଟିହଉଚୁ ।

ଶାମ : ତୁ ପରତେ ଯାଉନାହୁଁ ପୁଅ ? ମୋର ସିମିତି ନ ହଉଥିଲେ, କାହିଁକି ସିମିତି କହନ୍ତି ?

ବରଜୁ : ଧରମୁ — ! ଯିବୁଟି ବଇଦକୁ ଡାକି ଆଣିବୁ — ।

ଧରମୁ : ହଉ ବରଜୁଆଇ — ମୁଁ ଧପଡ଼ି ଯାଇ ସାଙ୍ଗେ ସାଙ୍ଗେ ବଇଦକୁ ଡାକି ଆଣୁଚି । (ପ୍ରସ୍ଥାନ)

[ପଧାନ ବୁଢ଼ାକୁ ତା ଘରେ ଶୁଆଇବାକୁ ଗଲାବେଳେ ହାଗୁବୋଉର ପ୍ରବେଶ]

ହାଗୁବୋଉ : ସୁନା ଲୋ — ଏ ସୁନା —

ସୁନା : (ଭିତରୁ) — ଯାଉଚି ବୋଉ — (ସୁନାର ପ୍ରବେଶ)

ହାଗୁବୋଉ : ଦେଖିଲୁ ସୁନା, କେଜେଇ କ'ଣ ହେଲା —

[ସୁନାର ପ୍ରସ୍ଥାନ ଓ ପ୍ରବେଶ]

ସୁନା : ବୋଉ, ଜେ ଜେ ଶୋଇଚି । ତା ଧୁଅ କ'ଣ ହଉଚି — ବା' ତା ଗୋଡ଼ ଆଉଁସି ଦଉଚି ।

ବରଜୁ : (ଭିତରୁ) ସୁନା ଲୋ ! ଏ ସୁନା ! ତୋ ବୋଉକୁ ଇଆଡ଼କୁ ଡାକିଲୁ । (ହାଗୁବୋଉର ଶାମ ପଧାନ କୋଠରୀକୁ ପ୍ରସ୍ଥାନ — ସୁନା ଦାଣ୍ଡଆଡ଼େ ଯାଉଥିଲାବେଳେ ଛକଡ଼ିର ପ୍ରବେଶ ।)

ଛକଡ଼ି : (ଏଣେ ତେଣେ ଚାହିଁ, ସୁନାର ଗାଲ ଟିପିଦେଇ ଆଦର କରି) କୁଆଡ଼େ ଯାଉଚୁ କଲେ ସୁନା ?

ସୁନା : ଖେଳିବାକୁ — (ଦାଦାର ହାତ ଧରି) ଦାଦା ଲୋ ! ତୁ କାହିଁକି ମତେ ଆଉ କାଖଉନାହିଁ ?

Digitized by srujanika@gmail.com

ଛକଡ଼ି : (ବ୍ୟସ୍ତ ଚଳରେ–କାନ୍ଥ ଖୀତଫସ୍ତ ସ୍ୱରରେ ଏଣିକି ତେଣିକି ସ୍ୱହ୍ନି) କାଖଉନ ? ରୁ ପସ୍ ବଡ଼ ହେଇ ଗଲ୍ଣି । (ସୁନାକୁ ଆଉ ଟିକିଏ ଆଦର କରି) ଯା, ଖେଡ଼ିରୁ ଯା···ତୋ ଖୁଡ଼ି କୋଉଠି ?

ସୁନା : (ଦଉଡ଼ି ଦଉଡ଼ି ପ୍ରସ୍ଥାନ ବେଳେ) ଗଞ୍ଜାଶାରେ ।

[ଛକଡ଼ି ଶାମ ପଧାନ ଦୁଆର ନିକଟକୁ ଗଲାବେଳେ ପଛରୁ ନେତ୍ରମଣିର ପ୍ରବେଶ ।]

ନେତ୍ରମଣି : ଶୁଣି ଯାଆ··· ।

ଛକଡ଼ି : (ଶଙ୍କି ଓ ପଛକୁ ସ୍ୱହ୍ନି ଦୋଷୀଭଳି ବସି) ମତେ ଡାକୁଚୁ ?

ନେତ୍ରମଣି : ହଁ, ହଁ, ତତେ · ଶୁଣ··· ।

ଛକଡ଼ି : (ନିକଟକୁ ଯାଇ) କଅଣ ?

ନେତ୍ରମଣି : ବୁଢ଼ାଙ୍କ ଧିଅ କଅଣ ହେଲଣି–ବୁଢ଼ୀ ଡାକିଲଣି ବୁଢ଼ାକୁ ।

ଛକଡ଼ି : (ବିରକ୍ତ ହୋଇ) କଅଣ ଏମିତି ଗୁସ୍ସେ କହୁଚୁ ?

ନେତ୍ରମଣି : ମଲ ଯା···ମତେ ଯାହା ବୁଝିଲ କଇଲ–କ'ଣ ଫାଶି ଦବୁ ? ଯାଉନୁ–ନିଜେ ଯାଇ ଦେଖେ··· ।

ଛକଡ଼ି : ହଉ ଥାଉ–ବୋଉ ଗଲାଦିନୁ ତୋ ପାଟିଟା ଖର ହୋଇ ଗଲଣି–ମୁଁ ଯାଏଁ, ବା'ର କ'ଣ ହେଲା ଦେଖେଁ–

ନେତ୍ରମଣି : ହଁ ଜାଣିଥା–ବୁଢ଼ା ଯାହା ଯୋଉଠି ରଖିଛ–ସବୁ ସିମିତ ବଡ଼ ପୁଅକୁ ଦେଇ ନ ଯାଏ । ତତେ ଡାକିଠ କରିଦେଲ । ସେତେବେଳେ ମୁହଁ ଚୁପ୍ କରି ବସି ସିବୁନି ।

ଛକଡ଼ି : ଭୂଜନହ–ମଢ଼ ନ ପଡ଼ୁଣୁ ଶାଗୁଣା ବେଢ଼ିଗଲେଣି–ଖର ମୁହଁ ବଢ଼ି ବଢ଼ି କଥା କହୁଚ ।

ନେତ୍ରମଣି : ହଉ, ଯେତେବେଳେ ଖାଇ ଖାଉନ ତତେ ଉଚ୍ଛନ କରିବେ, ସେତେବେଳେ ବୁଝିବୁରେ ଅଣ୍ଡିରା–ଏବେ ପୋଇଲା କଥା ପିତା ଲାଗୁଚି ।

Digitized by srujanika@gmail.com

ଛକଡ଼ି : ହଉ, – ସେ କଥା ମୁଁ ବୁଝିବି । (ଛକଡ଼ିର ପ୍ରସ୍ଥାନ – ନେଇମଣି ମୁହଁ ମୋଡ଼ି ଡମ ଡମ ହୋଇ ନିଜ ଘରକୁ ପଶିଗଲେ ।)

● ତୃତୀୟ ଦୃଶ୍ୟ

[ପୂର୍ବଘଟନାର ଦ'ସ୍ବରଦିନ ପରେ – ସମସ୍ତ ଦିପହର – ବରଜୁ ଅଗଣାର ଦୃଶ୍ୟ – ଶାମ ପଧାନ ଟଳି ଟଳି ତୁଳସୀ ଚଉରା ମୂଳ ଆଡ଼େ ଯାଉଥିଲାବେଳେ ବରଜୁର ପ୍ରବେଶ ।]

ବରଜୁ : ତୁ କାହିଁକି ଉଠି ଆସିଲୁ କଇଲୁ ବା' ? [ଛକଡ଼ିର ପ୍ରବେଶ]

ଶାମ ପଧାନ : ହଁ, ଏଥର ମୁଁ ଜାଣିଲି – ମୁଁ ମା' ବୃନ୍ଦାବତୀଙ୍କ ପାଦତଳେ ଆଖି ବୁଜିବି । (ଛକଡ଼ି ଦଉଡ଼ିଯାଇ ଗୋଟେ ସପ ଆଣି ଅଗଣାରେ ପକେଇଦେଲା – ବରଜୁ ଶାମ ପଧାନଙ୍କୁ ସେଠି ଶୁଆଇଦେଲା ।)

ବରଜୁ : ବା' ତୁ ଭଲ ହେଇଯିବୁ, କାହିଁକି ଏମିତି ବେସ୍ତ ହଉଚୁ ?

ଶାମ : ବେସ୍ତ ମୁଁ ମୋଟେ ହଉନି । ପରୁଆନା ଆସିଗଲା – ହଁ ବପ, ତମେ ତ ଯୁଥ ମୋ' ପାଖରେ । କାହାନ୍ତି ବୋହୂମାନେ, ପିଲାମାନେ ?

ବରଜୁ : (ହାବୋଉକୁ ଲକ୍ଷି) ଡାକ ଦେ ସଭିଙ୍କି । (ହାବୋଉର ପ୍ରସ୍ଥାନ)

ଛକଡ଼ି : (ବାଷ୍ପରୁଦ୍ଧ କଣ୍ଠରେ) ବା'—ବା' ଲେ – ତୁ କାହିଁକି ଏମିତି ହଉଚୁ କଇଲୁ ?

ଶାମ : (ଛକଡ଼ି ମୁହଁକୁ ଲକ୍ଷି ସାମାନ୍ୟ ହସି) କଅଣ ହଉଚି ? ତୋର ଫେରେ ଭାବନା କ'ଣରେ ଚଗଲା ? ତୋଅର ବାପ ସମାନେ ଭଇ ଅଛୁ—ତା କଥା ମାନି ଚାଲିବୁ । ଅମାନ୍ୟ କରିବୁନି । (ହାବୋଉ, ନେଇମଣି ଓ ପିଲାମାନଙ୍କର ପ୍ରବେଶ) ଆସିଗଲ ମୋ ମାଆମାନେ

Digitized by srujanika@gmail.com

ହଉ ବସ, ଦେଖ, ଦି' ଯା' ହୁସିଆର ଚାଲିବ । କଲଗୋଳ କରିବ ନାହିଁ । ଏଇ ମାଇକିନିଆଙ୍କ ପେଇଁ ଘର ଭାଙ୍ଗେ । ତମେ ଦି'ହେଁ ମୋ ଘରେ ଯେମିତି କଳି ନ ପୂରାଅ — ମୋ ସାତପୁରୁଷରେ ଯାହା ନାହିଁ — (ବରଜୁକୁ ଚାହିଁ) ବାପା ବରଜୁ ହେଜ ରଖିବୁ ମୋ କଥା — ଯୋଡ଼ିଏ ବୋଲି ତ ଭାଇ । ବିଲ ମଝିରେ ହୁଡ଼ା ନ ପଡ଼େ, କି ଘର ମଝିରେ ପାଚେରି ନ ଉଠେ । (ଛକଡ଼ିକୁ ଚାହିଁ) ହଇରେ ଚଗଲା — ଶୁଣିଲୁଟି ସବୁ — ? (ବରଜୁ, ଛକଡ଼ି ଶାମ ପଧାନକୁ ଅନେଇ ରହିଲେ । ବୁଢ଼ା ଦି' ହାତ ଦି' ପୁଅଙ୍କ କୋଳରେ ରଖି ଟିକିଏ ଆଖି ବୁଜିଲା ବରଜୁ ହାରୁ ବୋଉକୁ ଚାହିଁ ଚାହିଁ କହିଲା —)

ବରଜୁ : ମାହାର୍ଦ୍ଦ ଅଛୁ ଘରେ ? (ହାରୁ ବୋଉ ମୁଣ୍ଡ ଟୁଙ୍ଗାଇ ହଁ କଲା ।) ଦୁଧ କଣିକାଏ ଆଣି ବା' ପାଟିରେ ଦିଅ —

[ହାରୁବୋଉ ଗଲାବେଳେ ସମସ୍ତଙ୍କ ଅଲକ୍ଷ୍ୟରେ ହାରୁ ପିଠିକୁ ଚିପିଦେଲା—ତାକୁ କ'ଣ ଆଖି ଠାରିଦେଇ ଗଲା – ତା ପରେ ଶାମ ପଧାନ ଜଳ ଜଳ କରି ଉର୍ଦ୍ଧ୍ୱକୁ ଚାହିଁଲା – କାହାକୁ ଯେପରି ଖୋଜିଲା ଓ ଫେରି ଆଖି ବୁଜିଲା ।]

ହାରୁ : (ପାଟି କରି) ଜେଜେ, ଆମ ପେଇଁ କ'ଣ ରଖିଚୁ ?

ଶାମ : (ବୁଢ଼ା ଆଖି ଖୋଲିଲା ଓ ଫିସ୍‌ଫିସ୍ ଗଳାରେ ପଚାରିଲା) ଏଁ ··· କ'ଣ କହିଲୁ ?

ବରଜୁ : (ବିରକ୍ତ ହୋଇ ଓ ହାରୁ ମୁହଁକୁ କଟମଟ କରି ଚାହିଁ) ନାଇଁ କିଛି ନାଇଁ – (ହାରୁକୁ) କିଏ ତତେ ଏ କଥା କହିବାକୁ ଶିଖେଇଲା ?

ହାରୁ : (ଭୀତସନ୍ତ୍ରସ୍ତଭାବରେ) ବୋଉ ତ ମତେ କହିଲା — କହିବା ପେଇଁ —

ଶାମ : ଏଁ ! — କଅଣ ହାରୁ କହିଲା ?

ଛକଡ଼ି : ହାରୁ କହିଲା କ'ଣ ତାଙ୍କ ପେଇଁ ରଖିଚୁ ?

Digitized by srujanika@gmail.com

ଶାମ : (ସ୍ମିତ ହସି ଓ ଗୋଟିଏ ଆଙ୍ଗୁଠି ଉପରକୁ ଟେକିଦେଇ) ତମ ପେଇଁ ··ଧରମ···ଧରମ··· !

[ହାଗବୋଉ ମାହାର୍ଦ୍ଦ ଆଣି ବୁଢ଼ା ପାଟିରେ ଦେଲା – ପଧାନ ବୁଢ଼ା ସମସ୍ତଙ୍କ ମୁହଁକୁ ଥରେ ଚାହିଁ ଦେଇଗଲା ଓ ତା'ପରେ ତା'ର ଆଖି ବନ୍ଦ ହୋଇଗଲା ଶେଷଥର ପାଇଁ – ନାଡ, ନାରୁଣୀ ଓ ବୋହୂମାନେ କାନ୍ଦ ଉଠିଲେ – ଛକଡ଼ି ଓ ବରଜୁ ଅପଲକ ନେତ୍ରରେ ବାପ ମୁହଁକୁ ଚାହିଁ ରହିଲେ । ··· ଏହି ସମୟରେ କାଖରେ ବାଡ଼ି ଯାକି ହରି ମିଶ୍ରଙ୍କର ପ୍ରବେଶ ।]

ହରି ମିଶ୍ର : ଆରେ ବରଜୁ···ଆରେ ଛକଡ଼ି···କାନ୍ଦ ଶୁଣି ପଶି ଆସିଲି···କ'ଣ ହେଲା ଫେରେ ? ··· (ବରଜୁ ଓ ଛକଡ଼ି ନିରୁତ୍ତର ରହିଲେ । ମିଶ୍ରେ ଚଉରି ମୂଳକୁ ଚାହିଁ ବିସ୍ମୟର ଛଳନା କରି –) ଏଁ ପଧାନ ବୁଢ଼ା ! ଆ ହା ହା ହା – କି କଥା ହେଲା ରେ···କିଛି ତ ଶୁଣା ନ ଥିଲା ? ଆ ହା ହା···ଗାଁରୁ ଗୋଟାଏ ମଣିଷ ଚାଲିଗଲା ! ଆପୁଷିରେ କେତେ ମାଲିମକଦ୍ଦମା ଫଇସଲା କରି ଦେଉଥିଲା··ଯାନିଯାତ୍ରା, ବାହା ପୁଆଣୀ···ଶ୍ରାଦ୍ଧ ବରଷିଆ – ସବୁଥିକୁ ପଧାନବୁଢ଼ା । ବୁଢ଼ାବୁଢ଼ୀ ତକାତକି ହୋଇ ଚାଲିଗଲେ – ହଁ କପାଳବନ୍ତ ଲୋକ··ଦିନ ପନ୍ଦରଟାରେ ଦି'ଜଣଯାକ ଖସିଗଲେ । ହଉ – ମୁଁ ଯାଏ···ବୁଢ଼ାର ଶୁଦ୍ଧିକ୍ରିୟା ଭଲରେ କରିବ···ମୁଁ ଯାଏଁ – (ଗଲାବେଳେ) ଆ ହା ହା···ଗାଁର ଗୋଟେ ତରି ଖସି ପଡ଼ିଲା···ହଁ, ଆଉ କ'ଣ ଚାରା ? ସାତଖଣ୍ଡ ମାଟି ତ ସମସ୍ତେ ଜଣିଚନ୍ତି··ତମ୍ଭାରେ କ'ଣ କିଏ ମୁଣ୍ଡ ବାନ୍ଧି ଆସିଚି ? (ଧରମୁର ପ୍ରବେଶ ଓ ପ୍ରସ୍ଥାନରତ ମିଶ୍ରଙ୍କ ପଛପଟୁ ତାଙ୍କୁ କଟମଟ କରି ଚାହିଁବା ।)

— ମଞ୍ଚ ଅନ୍ଧାର —

Digitized by srujanika@gmail.com

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ

[ପୂର୍ବ ଦୃଶ୍ୟ··ବରଜୁ ବସି ଭାଗବତ ପଢ଼ୁଛି ।]

ଏବେ ତୁ ଶୁଣ ଏକ ଚତ୍ତେ ।
ଭାବେ କହିଲ ମୁହିଁ ତୋତେ ॥

ଏ ଭବେ ତୁଟଇ ସଂସାର ।
ବୋଲଇ ନିଗମ ବିସ୍ତର ॥

ଏହା ସଂସାର ଜନ ହିତେ ।
ଶ୍ରୀ ଏକାଦଶ ଭାଗବତେ ॥

କହଇ ଦାସ ଜଗନ୍ନାଥ ।
କୃଷ୍ଣ ଚରଣେ ଦେଇ ଚିତ୍ତ ॥

[ହାଡ଼ିବୋଉ ପାଖରେ ବସି ଭାଗବତ ଶୁଣୁଛି ଓ କାଠି ମାଡ଼ିମାଡ଼ିରେ ଦାପଟା ତେଜ ତେଜ ଦେଉଛି—ପାଠ ଶେଷ ହେଲା ପରେ ପରେ ବରଜୁ ପୋଥି ବାନ୍ଧିବାକୁ ଆରମ୍ଭ କଲା ।]

ବରଜୁ : ହିଁ, କ'ଣ ପଚାରୁଥିଲୁ ?

ହାଡ଼ିବୋଉ : ବର ଦେଖିବାକୁ କିମିତି ? ହାଡ଼ିନାଣି ହେଉଛନ୍ତି··· ?

ବରଜୁ : ହିଁ ହେଉଛି··· ।

ହାଡ଼ିବୋଉ : କଣ ନା ଗୋଟା ?

ବରଜୁ : ଚମ୍ପା କୂଳରେ ତୋ ଝିଅ ପାଇଁ ଖାଲି ଯାଇବଢ଼ିଲା ବରଗୁଡ଼ାକ ମିଳିଯିବେ···

[ଉଠି ଘର ଭିତରକୁ ପ୍ରବେଶ ଓ ହାଡ଼ିବୋଉ ତା'ର ଗଢ଼ ପଥକୁ ଚାହିଁ ରହିବା···ବରଜୁ ଗୋଟାଏ ଛେପା ଲଗା ବେଣ୍ଟ ଓ କାଠ

Digitized by srujanika@gmail.com

ଧର ବାହାର ଆସିଲା ଏବଂ ଦୁଆର ପାହାଚରେ ବସି ବେଣ୍ଟ ଘୃଷି ବାକୁ ଲାଗିଲା ।]

ହାବୋଉ : ମୁଁ ଆଉ ଏ ଘର ଚରେଇ ପାରିବିନି··· ।

ବରଜୁ : (ସପ୍ରଶ୍ନ ଦୃଷ୍ଟିରେ) କାହିଁକି କ'ଣ ହେଲାକି ?

ହାବୋଉ : ଶାଶୁ ଥିଲେ—ଶଶୁର ଥିଲେ—ସବୁ କଥା ଚପି ରହୁଥିଲି । ଏବୁକୁ ଏବୁକୁ ସମସ୍ତଙ୍କ ମୁହଁ ଫିଟିଲା; ଏ ପୁଣି ମାଙ୍କଡ଼ ଛୋକାଟାଏ ମତେ କହିବ ଖାଇକି !

(ନେଳମଣି କାନ୍ଥ ପଛପଟେ ଠିଆହୋଇ କାନେଇବାର ଦେଖାଗଲା ।)

କାହିଁକି ବା ? ତୁଁ'ଟା କଏରେ ? ଦନେ ତ କୁଟା ଖଣ୍ଡକ ଦ'ଖଣ୍ଡ କରିବୁନି । ···ଜଣେ ମଣିଷ—ଦଉଡ଼ି ଦଉଡ଼ି କଣ୍ଟା ହେଲଣି···ବାର ଦୁଆର ବୁଲି ବୁଲି ଖାଲି ଦ' ବକତ ଖାଇଲା ବେଳକୁ ଆସିବୁ—ମତେ କହିବୁ କ'ଣ ନା ଖାଇକି···ମାଇପ କଥା ତହୁଁ ବଡ଼େ,—ଢିଆରିଲେ ମତେ କରିବ ଘିଣ୍ଟ ଆଣ୍ଡୁ କୁଡ଼ୀ । (ବରଜୁକୁ ଅନ୍ୟ ମନସ୍କ ଦେଖି) କ'ଣ କହିଲି ଶୁଣିଲଟି ?

ବରଜୁ : ଏଁ ? କଅଣ କହିଲୁ ?

ହାବୋଉ : (କପାଳରେ ହାତମାରି) ହା ମୋ କପାଳ—ଏତେବେଳଯାଏ ମୁଁ ବକର ବକର ହଉଥିଲି ଆଉ କଥା ତେବେ ?

ବରଜୁ : ମୁଁ କେମିତ ଯାଣିଲି ?

ହାବୋଉ : (ରାଗରେ ଗମଗମ ହୋଇ ଉଠିଯାଇ) କାନରେ ଗମର ପୋଲବଣ୍ଡା ପଶିଥିଲା କି ? କାନ ପାଖଟାରେ କଥା କହୁଚ ଏଡ଼େ ପାଟି କରି—କାନରେ ପଶିଲା ନାହିଁ ?

ବରଜୁ : ତୋ କଥା ଶୁଣିବାକୁ ମୋର ବେଳ ନାହିଁ—ଯା କାମଦାମକୁ ର— ଉଟର ଉଟର କାହିଁକି ହଉଚୁ ? କହୁଥିବୁ ତ ଛକଡ଼ି ଆଉ ତା' ସ୍ତ୍ରୀ କଥା—ଶୁଣି ଶୁଣି କାନ ବଧିର ହୋଇ ଗଲାଣି । (ଉଠି ଠିଆ ହେଲା ।)

Digitized by srujanika@gmail.com

ହାସବୋଧ : (ଗୁଲି ଯାଉ ଯାଉ) ସାଇ ବେରଙ୍କୁ କାନ କଥିଗ ହୋଇଯାଏ ଯେ – ଖାଲି ମୋ ନା'ରେ ଯେ ଯାହା କହିଲା···ସେତେବେଳେ ବେରଙ୍କୁ କାନ ମେଲିଥାଏ । (ପ୍ରସ୍ଥାନ)

[ଛକଡ଼ିର ପ୍ରବେଶ ଓ ସାଇଙ୍କୁ ଦେଖି ସଙ୍କୁଚିତ ହୋଇଯିବା ।]

ବରଜୁ : କରେ ଛକଡ଼ି ! ଦିନ ଯାକତ ଘରେ ଦେଖାନାହିଁ – ତୁ ଏଡ଼ୁଟିଏ ହେଲୁଣି – ଏମିତି ବାବେନାଭୂତ ହେଇ ବୁଲୁଥିବୁ ? ଘରବାଡ଼ି କଥା ବୁଝୁ ଟିକଏ ?

ଛକଡ଼ି : ସାଇ, ତୁ ତ ବୁଝୁଚୁ – ମତେ ସେ ସବୁ ପଇଟିବ ନାହିଁ ।

ବରଜୁ : ଆଉ କୋଉ ଦିନ ପଇଟିବ ? ବାହାହେଲୁ, ଏଥର ଟିକଏ ସଂସାରରେ ମନ ଦୁଇ···

ଛକଡ଼ି : ମୋ ମୁଣ୍ଡରେ ପଶୁନି ଜମା···

ବରଜୁ : (ହସି) ଚଗଲମି କଲେ ମୁଣ୍ଡରେ କେମିତି ପଶିବରେ ଟୋକା ? ହଉ ହଉ ଯା···ତୋଉଣି ମନେ ପି' ଦେ ଯା – ଝିଅବୋ ଡରରେ ବୁଲି ବୁଲି ଧିଅ କଳାକାଠ ପଡ଼ିଗଲିଣି ।

[ବରଜୁର ବେଣ୍ଟ ଓ କାଠ ଯଥା ସ୍ଥାନରେ ରଖି ପ୍ରସ୍ଥାନ – ଗୁଣଆଡ଼କୁ ଗୁହିଁ ଲୁଚିଥିବା ସ୍ଥାନରୁ ବାହାରି ଆସିଲା ନେଳମଣି ।]

ନେଳମଣି : ବଡ଼ସାଇ ସୁଆଗିଆ ହଉଥିଲୁ ପରା ? ଏବେ ଦେଖ୍ –

ଛକଡ଼ି : (ବିସ୍ମିତ ହୋଇ) କଅଣ ହେଲା ଫେରେ ?

ନେଳମଣି : ମାଇପଟା ତାଙ୍କର ନ ହୋଇ ତୁ ତାଙ୍କର ହବୁ ? ତୁ ସିନା ସାଇ ସାଇ ହୋଇ ବୋହି ଯାଉଚୁ···

ଛକଡ଼ି : କଥାଟା କଣ ହେଇଚି – କହୁନୁ – ଖାଲି ଗୁରେ···

ନେଳମଣି : ମୁଁ ପାଚେରି ପାଖେ ଠିଆ ହୋଇ ଶୁଣୁଥିଲି – ମାଇପ କେତେ ମିଛ ସତ ନଗେଇ କହୁଚି – ଘଇତା ସେଥିରେ ପୁଣି କହୁଚି –

Digitized by srujanika@gmail.com

କାହିଁକି ! ଘର ପାଇଁକି ପାନଢୋଉ୍ ସବୁ କରିବ ନ ?···ଖାଲି ବସିକରି ଫାଲୁଆ ଗୁଣ୍ଡା ମାରିବ ?···

ଛକଡ଼ି : ଭାଇ ଏ କଥା କହିଲା ତୁ ଶୁଣିଚୁ କାନରେ ?

ନେତମଣି : ଆଲୋ, ଦେ'ଖେ ଲୋ !···ମରଦଟା ବିଶ୍ୱାସ କରୁ ନ ? ଆଉ କାନରେ ନ ଶୁଣି କ'ଣ ନାକରେ ଶୁଣନ୍ତି ? ମୋ ଆଖି ଛୁଇଁ କହୁଚ··· ମିଛ ହୋଇଥିଲେ ମୋ ଆଖି ଫୁଟିଯିବ·· (କାନ୍ଦିବାର ଛଳନା କରି !) ତୁ କାହିଁ କ ପରତେ ଯିବୁରେ···ତୋ ଭାଇ ନ ହେଇ କ'ଣ ମୁଁ ହେବ ?···ମୁଁ ଏ ଘରର କିଛି କରିବନି···କମିତି ଗାଣ୍ଡୀ ଗାନ୍ଧିବାଡ଼ି ଦବ···ଦଉ !

ଛକଡ଼ି : (ନରମିଯାଇ) ଏ, ନେତ ! ତୁ ଏମିତି କାନ୍ଦେନି···ତୋ କାନ୍ଦ ଦେଖିଲେ ମୋ ଗୁଡ଼ି କଅଣ ହୋଇଯାଏ··· ।

ନେତମଣି : ହଉ, ଆଉ ସେ ପୁଆଗ ଗୁଡ଼···ଗିରସ୍ତ ହୋଇ ଭାଇଯା କଥାକୁ ତ ବିଶ୍ୱାସ କରୁନୁ···ଆଉ······

ଛକଡ଼ି : କରୁଚ ଲୋ ନେତ, କରୁଚ – ଆଲୋ ଗାଁ ଲୋକେ ତ ଭାଇଟାକୁ ପରଶଂସାରେ ପୋତି ପକାଉଚନ୍ତି – ସିଏ ଘର ଭିତରେ ଏମିତି ମାଇପ ବୋଲି ହବ ବୋଲି କଏ ଜାଣିଥ କହିଲୁ ?

ନେତମଣି : ତୁ ମାଇପ ବୋଲି ନୁହ ବୋଲି ସମସ୍ତେ ସେଇଆ ବୋଲି ଭାବୁଚୁ, ନାହିଁ ?

ଛକଡ଼ି : ହରି କକେଇ ଯାହା କହୁଥିଲେ – ସତ କଥା···

ନେତମଣି : (ଆଗ୍ରହରେ) ଏଁ କ'ଣ କହୁଥିଲେ କ ?

ଛକଡ଼ି : କହୁଥିଲେ, ଭାଇକୁ ଜୋର ଚଳାଇନୁ, ତୋ ପିଠି ସାଇଁକି ସାଇଁକି କରି ସବୁତକ ମାରିବ । ଅମାନ କାମ ଛାଡ଼ି ଦେଲା···ଦେଖିବୁ ରଇଥା ···କିଛି ଭାଗ ଦବନି ।

ନେତମଣି : ମୋ କଥା ସତକ ମିଛ ହେଲେ ଏବେ···

Digitized by srujanika@gmail.com

ଛକଡ଼ି : ହରି କଳେଇ ଯେତେ ହେଲେ ପରି ବାହ୍ମଣ ଲୋ···ଛଉଣି ପାଟକରେ ରଜା । ଆମ ଭଲତ ଆଉ ଚଷାଭୂଷା ହେଇ ନାହାନ୍ତି··· ଶାସ୍ତ୍ରର ପଞ୍ଚତନ୍ତ୍ର – ଲୋକ ମୁଣ୍ଡକୁ ସୁହିଁଦେଲେ ପରି ପେଟ କଥା କହି ଦେବେ ଲୋ···ଆଉ ମାହାଲିଆକୁ ଗାଁ ପଞ୍ଚେଇତ ପେରେସିଡେଣ୍ଟ ···ହୁଃ···।

ନେଳମଣି : ହେଲେ ତୋ ଭାଇ ତାଙ୍କୁ ଦ' ଆଖିରେ ଦେଖି ପାରନ୍ତି ନା···।

ଛକଡ଼ି : କୁଆଡ଼ୁ ଦେଖି ପାରିବ ? ଭାଇ ବା' ଓଲି ଧରିଚ···ବା'ଙ୍କୁ ପିନା ଉପରେ କହୁ-କହୁ ନ ଥେଲି – ରଇଥା ମୁଁ ଭାଇକ କହୁଚ ଏଥର··· ମୁଁ କଲିକତା ଯିବି – ଏଠି ରଇବିନ ।

ନେଳମଣି : କଲିକତା ଗଲେ ତ ସବୁ ଫଇସଲି – ଆଉ କ'ଣ ?

ଛକଡ଼ି : କ'ଣ ଫଇସଲି ?

ନେଳମଣି : ଫେରିଲା ବେଳକୁ ତୋ ଘରସବୁ ସାଫେ ହେଇ ଯାଇଥିବ ।

ଛକଡ଼ି : ନେଳ, ସତ କହୁଚୁ ତୁ । ମୁଁ ଅଛି ବୋଲି ପିନା ? ନଇଲେ ମାଇପ ବୋଲରେ ପଡ଼ି ଘର ଭାଇ ମୋତେ ଚଡ଼ା କାଟେ ? ତୋର ସତେ କେତେ ବୁଦ୍ଧିଲୋ ନେଳ ? ହରି କଳେଇ କଉଥିଲେ ପରି – ବୁଝିଲୁ ଛକଡ଼ି ! ଭାଇଯାକି ତୋର ଘର ନଷ୍ଟାବନ୍ତି; ତୋ ଘର କରେଇ ଦବ – ଖାଲି ତୁ ତା କଥା ମାନୁଥିବୁ ।

ନେଳମଣି : ମଲାଯା ମୋ କଥା ଫେରେ କଏ ମାନ ଚରିବ ? ହଇରେ – ତୁ ସେଦନ ତାଆସ ଖେଳ ଆସିଲା ବେଳକୁ ଦୁଧ ଥେଲା ?

ଛକଡ଼ି : (ମୁଣ୍ଡ ହଲାଇ) କାହିଁ ନାହିଁତ···

ନେଳମଣି : କୁଆଡ଼ୁ ରଇବ ? ତଣ୍ଟିଯାଏ ଢୁଆ ଗୁଳିକୁତ ଗିଳେଉଚ । ସେ ଦନ ତୁ'ଣ ବ କମ ଥେଲ · ଘାତଗୃହ ଜାଉଆ ହେଇ ଯାଇଥେଲ··· କାହିଁକ ମୁଁ ? ମୋର କ'ଣ ଛ'ଟା ନ'ଟା ଅଛନ୍ତି କ ? ଗୋଟାଏ ବୋଲିତ ମଣିଷ – ସେ ଗଣ୍ଡିଏ ମନବୋଧ କରି ଖାଇ ପାରିବନ ?

ଛକଡ଼ି : (ଗେହ୍ଲେଇ) ତୋର ବ ହାଡ଼ କଣ୍ଠା ବେହେଲିଣି ଲୋ ନେଳ ।

Digitized by srujanika@gmail.com

ନେହମଣି : ମୋ କଥା ଆଉ କାହିଁକି ?

ଯଦୁ : (ବାହାକୁ ଯଦୁର ପାଟି ଶୁଭିଲା) ବରଜୁଆଇ, ଏ – ବରଜୁଆଇ, ଅଛୁକିରେ ?

ଛକଡ଼ି : ନେଉ ଯା' ଯା' ପଳା – ଯଦୁଭାଇ ଆସୁଚି···

[ନେହମଣିର ପ୍ରସ୍ଥାନ ଓ ଯଦୁର ପ୍ରବେଶ]

ଯଦୁ କିରେ ଛକଡ଼ି ! ବରଜୁଆଇ ଫେରିଲାଣି ନଈପୁରରୁ – ?

ଛକଡ଼ି : ଫେର କଣ ଫେଟରେ କୁଆଡ଼େ ଯାଇଚି···ଏଇଲେ ତ ଗଲା—ରୁ ଦେଖିନୁ ବାଟରେ ?

[ଛକଡ଼ିର ପ୍ରସ୍ଥାନ ଓ ବରଜୁର ପ୍ରବେଶ]

ଯଦୁ : (ଖୁସି ହୋଇ) ହେଇ ଆସିଲାଣି ତ ବରଜୁଆଇ –

ବରଜୁ : କ'ରେ କୁଆଡ଼େ ? ଆ, ଆ, ବ' –

ଯଦୁ : (ପିଣ୍ଡାରେ ବସି) ବରଜୁଆଇ, ସବୁ କପାଳରେ ଭାଇ – ସବୁ କପାଳ···

ବରଜୁ : କାହିଁରେ ? କ'ଣ ହେଲାକି ?

ଯଦୁ : ଗଲାସନ ଆମ୍ଭ ଗୁଆକ କେଡ଼େ ସୁବଧାରେ ଉତୁରିଗଲା – ଦେଖିଚୁତ ···ଏଥର ଗଛ ଗୁଆକ ଯେମିତ ମୁରୁକୁଟିଆ ହେଇଚି, ଖର୍ଚ୍ଚା ଉଠିବ କି ନାହିଁ –

ବରଜୁ : ତହିଁକି ତୋ'ର କି ଭୁଷ ? ଆମେ ତ ହେଲେ ଚଷା, ପାରୁ ପଣଯନ୍ତେ ଖଟିବା ସିନା, ···ତେଣିକି ନ ହେଲେ କାହା ହାତରେ ଅଛି ?

ଯଦୁ : କୋଉ କଥା ଆମ ହାତରେ ଅଛିରେ ଭାଇ ? କଇଚି ପରା – "କର୍ମ ମୋହର ନିଜ ଗୁରୁ, ଭାଙ୍ଗିବ କେତେ ରୁ ପଶୁରୁ – " କରମ ହେଉଚି ସବୁ, ମାଟିକୁ ସୁନା କରିବ – ସୁନାକୁ ମାଟି କରିବ –

Digitized by srujanika@gmail.com

ବରଜୁ : (ହସି) ଆଖି ଆଗରେ ଦେଖୁନୁ—ହରି ମିଶ୍ରଙ୍କ ଘର···କରମଟା କେଡ଼େ ଘଳଘ—

ଯଦୁ : ହଇରେ ବରଜୁଆଇ···ସଂସାରରେ ଧରମ ଅଛି ବୋଲି କ'ଣ କହୁବା କହୁଲୁ ? ଖାଲି ପୁରୁଣ ଭାଗବତରେ—ହରି ମିଶ୍ରଟା ବାମ୍ଭୁଣଟା,—କୋଉ ହାଣ୍ଡି ପାଣ ହେଲେ ହେଇଥାନ୍ତି···କଅଣ ନ କରୁଚ ? କେତେ ଘର ନ ଭାଙ୍ଗୁଚ ? କେତେ ଚଣ୍ଡି ନ ଚପୁଚ ସିଏ—ଏଁ ? ଦେଖିଲୁ ତ ସେଦିନ କ'ଣ କଲା—ବନ୍ଦୋବସ୍ତ ଦପୋଟି ଆଗୁଟାରେ, ଜଗନ୍ନାଥଙ୍କ ଧଣ୍ଡା ତୁଳସୀ ଛୁଇଁ ହଲପ କରି ଜେନା ପୁଅର ଜମି ଗୁସ୍ତ ନେଇଗଲା—ପଚିଶ ଜଣଙ୍କ ଆଗରେ ଫେରେ ? କେଡ଼େ କଥାଁ ଚିଲୋରେ ? ସଂସାରରେ ଧରମ ଅଛି ବୋଲି କିଏ କହିବ ?

ବରଜୁ (ବିରକ୍ତ ହୋଇ) ଅଛିରେ ଯଦୁ ଅଛି । ଧରମ ନ ଥିଲେ ମଣିଷ ବଞ୍ଚି ପାରନ୍ତା ନାହିଁ···ଆମେ ପାପୀ ବୋଲି ଧରମ କୁଆଡ଼େ ଯିବ ? ହଇରେ ! ଆମ ବାପ ପୁଅ, ଭାଇ ଭାଇ, ଗିରସ୍ତ ଭାରିଯା ଭିତରେ ତ ଅପନ୍ତ—ମାରପିଟ—ଆଉ ହରି ମିଶ୍ର ଭଲ ଲୋକ କଥାଁ ଆମ ଭିତରେ କଳିଆ ନଗେଇ ଦେବନି ? କହୁଲୁ ?

ଯଦୁ : ନାହିଁ ରେ ଭାଇ, ସବୁ ଏଇ କପାଳ । ହରି ମିଶ୍ରର କପାଳ ଦେଖୁନୁ ? ସେଇ ମାହାଜନ, ସେଇ ପେରସିଡେଣ୍ଟ,—ପୁଲିସି, ହାକମ ହୁକୁମା ସବୁ ତାର ହାତରେ ।

ବରଜୁ : କପାଳ କଥାଁ ଟିକିଏ ହେବ ? ମୁଁ କଥାଁ ଜମା ବିଶ୍ୱାସ କରିବ ? ଆମର କାମ ଚୈପିଲ ଆମେ ନଉନ ପଟିଆ ହଉଚେଁ······"ଆପଣା ହସ୍ତେ କନ୍ୟା ଛେଦ, ତାର କେ ଅଛି ପ୍ରତିବାଦୀ ?"··· ।

ଯଦୁ : ହଁ ସେଇଆ ତୁହେଁ ଆଉ କଅଣ ? ତୁ ପାଠ ଶାଠ ପଢ଼ିଚୁ···ଆମେ ହେଲୁ ମୂର୍ଖ ଲୋକ ··· ତୁ ଭାଗ୍ଯ ନାକରା କଥା କହୁନୁ । ହେଇଥିନ ବରଜୁଆଇ ! ସଜ ହେଇଗଲା ଅସି···ମୁଁ ଯିବ । ହଁ, ଗୋଟେ କଥା

Digitized by srujanika@gmail.com

ମନେ ପଇଲା··ରୁ ଯାଇଥିଲୁ ନଣପୁର·····କ'ଣ ହାସ୍ୟପେଇଁ
ବର ଠିକ୍ କଲୁ ?

ବରଜୁ : ହଁ ଠିକ୍ ହେଲା, ···ବରଷକ ତଳେ··ପିଲାଟି ସୁଧାରିଆ — ହାସକୁ
ମାନବ — ଆମର ଭଳିଆ ତ·····ମୁଠିଏ ଖାଇବାକୁ, ଖଣ୍ଡିଏ ପିନ୍ଧିବାକୁ
ଥିଲେ ହେଲା —

ଯଦୁ : ବା'ଘର କେବେ କରୁଚୁ ?

ବରଜୁ : କେବେ ଆଉ କ'ଣ ପଚାରୁଚୁ ? ଏ ଯେନ ପରି ଆଉ ଗୋଟେ
ଢଅ ନାହାକ କହିଲା — ଏଇ ମୋଟେ ଆଉ ଦିନ ଦଶଟା···

ଯଦୁ : ଏତେ ବେଇଗି ? — ରୁ କ'ଣ ସଜାଲ କରିଚୁ ସବୁ ?

ବରଜୁ : ଯାହା ହେଇଚି — ହାତକୁ ତ' ହାତ କରିଦେଲେ ଗଲା — ହିଁଅ
ବୋଝ, ବେଇଗି ବିଦା କରିଦେଲେ ଗଲା···

ଯଦୁ : ହେଲେ ବରଜୁଆ'ଇ ! ଗୋଟାଏ କଥା, ଏ ଛକଡ଼ିଟା ମ' — ଘର
ସଲରେ ପଡ଼ିବାକୁ ବସିଲାଣି ।

ବରଜୁ : (ଚମକିଯାଇ) ରୁ କେମିତି ଜାଣିଲୁ ?

ଯଦୁ : ମୁଁ ଦେଖିଲିଣି ତାକୁ — କେତେ ଥର ମିଶ୍ରଙ୍କ ପାଖରେ ବସି କଥଣ
ଝୁସୁରୁଟାପର ହଉଚି ।

ବରଜୁ : ନାଇଁମ, ସେଇଟା ଗୋଟାଏ ମଣିଷରେ ଲେଖା ହେଲାଣି ?·····
ତଗଲାଟାଏ·····ସିଏ ତାର ବାଇଟାଙ୍କର ଭଲ ବୁଝୁଚି ।···ଟିକିଏ
ବସି ଯାଇଥିବ କେତେବେଳେ ମିଶ୍ରଙ୍କ ପାଖରେ··· ।

ଯଦୁ : ମିଶ୍ରଙ୍କ କଥା ଜାଣିନୁ ?—ମନ୍ତ୍ର ଫୁଙ୍କୁଥିବେ ଯଦ — ତମ ତ' ସଭିଙ୍କ
ଭିତରେ ମନ ଫଟାଫଟି କରିବାକୁ ।

ବରଜୁ : (କଥାଟାକୁ ହସି ଉଡ଼େଇ ଦେଇ) ଆରେ, ନାଇଁମ—ସେ ତର
କଥା ? ଛକଡ଼ି ସେମିତି ନୁହେଁ,—ମୋ ପାଖରେ ସଳଖି ଠିଆ
ହେବନି,—ପାଟିରୁ କଥା ବାହାରିବନି··· ।

Digitized by srujanika@gmail.com

ଯଦୁ : ତା ହୋଇଥିଲେ ତ ଭଲ କଥା—ହେଲେ ବରଜୁଆଇ···ରୁ କିଛି ଖବରବି କହିଲ ବୋଲି···ମୋ ମନଟା କିଜାଏ କମିତି ଗୁଡ଼୍ ଗୁଡ଼୍ ରୁ ହେଲା,—ତବେ ସାଫ୍ ସାଫ୍ କହି ଦେଲି । ରୁ ଯମ ଭଲଆ ଖାଇ ଥାଉ ଥାଉ ସେ ଟୋକାଟା ଯେ କିଛି କରିବ ମୁଁ ବିଶ୍ୱାସ କରୁନି, ହଉ······ ରାତି ହେଲା···ମୁଁ ଯାଉଛି··· ।

ବରଜୁ : (ଉଠି) ହଉ······ଆ, କେବେ···

[ଯଦୁର ପ୍ରସ୍ଥାନ – ବରଜୁ ନୀରବରେ ସେଇ ଅନ୍ଧକାରରେ କିଛି ସମୟ ଠିଆ ହୋଇ କଅଣ ଯେପରି ଭାବିଲା—ହାଗୁବୋଉ ପଛରୁ ଆସି ।]

ହାଗୁବୋଉ : ମଲା, ଅଗଣାଟା ମଝିରେ ଏମିତି ଭୂତଟାଏ ଭଳି ଠିଆ ହୋଇଚ କାହିଁକି ମ ?

ବରଜୁ : ହାଗୁ ବୋଉ ! ଶୁଣ···

ହାଗୁବୋଉ : (ସାମନାକୁ ଆସି) କଅଣ ?

ବରଜୁ : ଛକଡ଼ି ଅଉ ତା ଭାଇଯା ସଙ୍ଗେ ଏଥର ମିଳିମିଶି ଚଳିବାକୁ ମନ ବଳା···

ହାଗୁବୋଉ : ମୋ ଗରଜ···ଯିଏ ଯିମିତି···ତା ସାଙ୍ଗେ ସିମିତି ଚଳିବି···

ବରଜୁ : ସେ ଛଙ୍ଗ ଗୁଡ଼······ସେ ଦି'ଟା ପିଲା···କିଛି ଜାଣନ୍ତି ନି । ତାଙ୍କୁ ଆପଣାର ନ କଲେ ସେମାନେ ଆମର ହେବେ ନି ।

ହାଗୁବୋଉ : ମୁଁ ପାରିବିନି—ତେମେ ଆପଣାର କରୁଥା ବସି—କାହିଁକି ମ ? ମୋତେ ଖାନକି, ବଜାରୁଣୀ ବୋଲି କହିବେ ମୁଁ ସହିବି ?

ବରଜୁ : ରୁ ଯେତେବେଳେ ବଡ଼, ତବେ ସବୁ ସହିବାକୁ ପଡ଼ିବ··· ।

ହାଗୁବୋଉ : (ତମ ତମ ହୋଇ ଗୃହ ଯାଉ ଯାଉ) ତମ ଭାଇ, ତମେ ସହିବ······ ।

ବରଜୁ : (ଚୁପା ବାଜି ଗଳାରେ) ଏଁ କ'ଣ କହିଲୁ ? ହଉ !

Digitized by srujanika@gmail.com

(ବରଜୁ ମୁହଁରେ ବେଦନା ଫୁଟି ଉଠିଲା···ଖଣ୍ଡେ ଦୂରରେ ଗୋଟାଏ ବଳଦ ଗାଡ଼ି ତେଲ ବିନା କେଁ କଟର କେଁ କଟର ଡାକ ଡାକ ଧୀରେ ଧୀରେ ଚାଲିଛି—ଶଗଡ଼ିଆର ପାଞ୍ଚଣମାଡ଼ର ଶବ୍ଦ ଆଉ ମଝିରେ ମଝିରେ ପଦେ ଗୀତ··· "ରାମ ବଣ କାରେ ଲୋ ଲକ୍ଷଣ ବରଜାଉ ···ଇ, ଇ···ଛେ, ଛେ" କେଁ କଟର କେଁ କଟର ଶବ୍ଦ ଧୀରେ ଧୀରେ ଦୂରକୁ ଯାଉଛି—ଫେରେ ପଦେ··· "ମୃତ୍ୟୁ ବେଦୀ ତଳେ ଲୋ ଧଇଲେ ପାଟ ଛଡ଼ ଇ, ଇ···ଛେ ଛେ" —ଏହି ସମୟରେ ବରଜୁ ମୁହଁରେ ଦ୍ୱନ୍ଦ୍ୱର ଚିହ୍ନ ସୁସ୍ପଷ୍ଟ···)

● ଦ୍ୱିତୀୟ ଦୃଶ୍ୟ

[ବରଜୁ ଘର ଅଗଣା—ନିଜ କୋଠରୀର ପିଣ୍ଡା ସାମନାରେ ବସି ନେତମଣି ପାନ ଭାଙ୍ଗୁଛି—ବାହାରୁ ପେଁକାଳି ଢୋଲ ଇତ୍ୟାଦି ବାଜୁଛି—ଛକଡ଼ିର ବ୍ୟସ୍ତ ହୋଇ ପ୍ରବେଶ—ନେତମଣିକୁ ଦେଖି ।]

ଛକଡ଼ି : ଏ'—ଦେଲୁ, ଦେଲୁ—ନଅଁ ରଡ଼ ଟିକିଏ ବେଇଗି ଦେଲୁ······

ନେତମଣି : (କଟମଟ କରି ଚାହିଁ) କାହିଁକି ?

ଛକଡ଼ି : ପୁରେହିତ ମାଗୁଛି,···ଦେ ବେଇଗି ଦେ—ଓଃ ହଉ ବେଇଗି···

ନେତମଣି : ରଇଥାରେ ମାଇଚଥା !···ନଅଁ ରଡ଼ ଆଣି ତୋ ପାଟି ଭିତରେ ପୁରେଇ ଦଉଚି ।

ଛକଡ଼ି : ଏଁ···!

ନେତମଣି : ଏଁ ? ହଇରେ ହେ ! କହିଲି ପରା ତତେ ଚୁପ୍ ହୋଇ ବସିବାକୁ । କିଛି ନ କରିବା ପେଇଁ ପରା ତତେ ଶୁଆ ଶାରୀ ଭଳି ଶିଖେଇଥିଲି ?

Digitized by srujanika@gmail.com

ଛକଡ଼ି : ଓଃ—ଏତିକ ବେଳଟାରେ ତୁ ମତେ ଏମିତି କଥାଗୁଡ଼ା କହୁଚୁ ? ଦ୍ୱାଗ୍ରର ବାହାଘର, ମୁଁ ଚୁପ୍ ହୋଇ ବସିବି ? ଲୋକେ କଅଣ କହିବେ ?

ନେହମଣି : ହଇରେ ଅରପେଇସା ! ଲୋକଙ୍କ କଥାରୁ ତୁ କ'ଣ ପାଇବୁ ? ଯା' ଘର ଭିତରେ ଯାଇ ଶୋଇ ରହ—ଦାଣ୍ଡ ଦୁଆରେ ଯାଇ ବାହାଘରେ ମାମଲତକାର ଦେଖେଇ ହଉଚୁ କଅଣ ?

ଛକଡ଼ି : (ବ୍ୟସ୍ତ ହୋଇ) ଉଃ, ମଲା ମଣିଷ,—କଲେ ନାଆଁ ରଡ଼ି ଟିକଏ ଆଣି ଦେ···

ନେହମଣି : ମୁଁ ଦେଇ ପାରିବିନି···ତୁ ନେଇ ଯା ଯଦି ଏତେ ଝିଆଣ୍ଟି ସୁଆଗ··· (ଛକଡ଼ି ଖଣ୍ଡା ଭିତରକୁ ଗଲା—ନାଆଁ ରଡ଼ି ଧରି ବାହାରକୁ ପ୍ରସ୍ଥାନ) ···ରଇଥାରେ ମାଇଚିଆ ! ଦଉଚି ତୋ ସୁଆଗ ଛଡ଼େଇ ।

[ହାଡ଼ବୋଉର ପ୍ରବେଶ]

ହାଡ଼ବୋଉ : ଆଲୋ ଏ ସାନବୋହୂ ! ···ଆଜି ପରି ଦିନଟାରେ ବସିଚୁ କ'ଣ କଲେ ? ସାକରି ପେଡ଼ି ନଡ଼ିଆ ଧ' ପୁଷ୍ପା କୋରିଦେ ।···

ନେହମଣି : ମୁଁ ପାରିବିନି, ଆଉ କାହାକୁ କହ··· ।

ହାଡ଼ବୋଉ : ହଉ, ହଉ—ତୁ ଆଜି ଆଉ ମୋ ସାଥିରେ କଜିଆ କରନି··· ତୋର ଯାହା ଇଚ୍ଛା ହଉଚି କର···

[ହାଡ଼ବୋଉର ପ୍ରସ୍ଥାନ — ନେହମଣି ପାନ ଭାଙ୍ଗୁଥିବାବେଳେ ବରଜୁର ପ୍ରବେଶ ଓ ନେହମଣିକୁ ଦେଖି ଶୁଙ୍ଘେଇ ।]

ବରଜୁ : ହାଗ୍ରର ହାତଗଣ୍ଠି ପଡ଼ିବ ଏଇନେ—ଆଲୋ ସୁନା ! ଖୁଡ଼ୀକି କହ ଯିବ ଦେଖିବାକୁ । (ନେହମଣି ଓଢ଼ଣା ଟିକଏ ଟାଣି ଦେଇ ମୁହଁ ଘୁରେଇ ବସିଲା—ବରଜୁ ଅନ୍ୟ କାମରେ ଚାଲିଗଲା ।)

ନେହମଣି : କି ସୁଆଗ କଥା ଲୋ ମା ! —ସିଆଡ଼େ ଚେର କଟା ହଉଚି— ଇଆଡ଼େ ଗଛ ଉପରେ ପାଣି ଢଳା ହଉଚି···

Digitized by srujanika@gmail.com

[ଛକଡ଼ିର ପ୍ରବେଶ]

ଛକଡ଼ି : କଲେ ଏଠି ବସିଚୁ କାହିଁକି ?···ଚଲୁ ସିଆଡ଼େ ହାସର ହାତ ଗଣି ପଡ଼ିବ ଦେଖିବୁ । ସମତେ ଭବୁଚନ୍ତି ଦ’ ଭାଇଙ୍କର ମନ ଫଟାଫଟି ହେଇଚ ବୋଲି—

ନେଜମଣି : ଭବଲେ ଭବନ୍ତୁ—ତୁ ମତେ ଚସ ନେଇଁ । ଧାନ, ଗୁଡ଼, ଟଙ୍କା ସବୁ ଏ ବାହା ଘରରେ ସଇଲା—ତୁ ଶଙ୍ଖ ଫୁଙ୍କୁଥା ।

ଛକଡ଼ି : ସେ କଥା ପରେ । ତୁ ଆଗ ଚଲ—ଜୋଇଁ ବନ୍ଦେଇ ହଉଚ··· ଚଲନୁ ଆଗେ ସିଆଡ଼େ···

ନେଜମଣି : ହବତ ହବ···ମୁଁ ଯିବନ··· ।

[ତମ ତମ ହୋଇ ଘର ଭିତରକୁ ପ୍ରସ୍ଥାନ—ଛକଡ଼ିର ଅସ୍ଥିରଭବେ ପଦଚଲନା—ଶରଧୀ ବୋଉର ପ୍ରବେଶ]

ଶରଧୀ ବୋଉ : ଆଲୋ ସାନ ବୋଉ ! କୁଆଡ଼େ ଗଲୁଲୋ ? ଆଲୋ ଜୋଇଁର ପସ ବନ୍ଦାପନା ହଉଚ ଲୋ···? ଚଲନୁ ବନ୍ଦେଇବୁ··· ।

ଛକଡ଼ି : ତାକୁ ଟିକିଏ ସେଇତା ବୁଝେଇବଢ ଗୁଡ଼ି··· ।

ଶରଧୀ ବୋଉ : ଗଲା କୁଆଡ଼େ ?

[ନୂଆ ଶାଢ଼ୀ ସହିତ ନେଜମଣିର ପ୍ରବେଶ ଓ ଶାଢ଼ୀଟା ଛକଡ଼ି ଉପରକୁ ଫୋପାଡ଼ି ଦେଇ ।]

ନେଜମଣି : ହେଇ ନେ—ବାହାଘର ଶାଢ଼ୀ ପିନ୍ଧିବୁ··· ।

ଶରଧୀ ବୋଉ : (ଶାଢ଼ୀଟା ତଳୁ ଉଠେଇ ନେଇ) ମ, ମ—ଏଇ ନରସା ଗୋଦାବଙ୍କି ଶାଢ଼ୀ ଖଣ୍ଡେ ତୋ ପେଇଁ ଆସିଚ···

ଛକଡ଼ି : ଭଉଜ ତ ଏମିତ ଖଣ୍ଡେ ଶାଢ଼ୀ ପିନ୍ଧିଚ··· ।

ଶରଧୀ ବୋଉ : ମଲା···ବଡ଼ ବୋହୂର ଯାହା ଆସିଲା ସାନବୋହୂ ପେଇଁ କ’ଣ ସେଇତା ଆସିବ ? ତା ହୁଏ ବାହାଘର—ସିଏ ଯିମିତ ସିମିତ

Digitized by srujanika@gmail.com

ଖଣ୍ଡେ ପିନ୍ଧନ୍ତୁ—ତା ବୋଲି ସାନବୋହୂ ସେଇଟା ପିନ୍ଧିବ ?
(ନାକଟେକ) ନାଁ, ସାନ ବୋହୂକୁ ଏ ଶାଢ଼ୀ ହେଲନି—

ଛକଡ଼ି : କଅଣ ଏମିତି ଖରାପ ଶାଢ଼ୀ ହେଇଚ ଯେ ?

ନେଝମଣି : ହଉ, ଆଉ ଭାଇ ଭାଉଜ ପଟିଆ ହେଇ ଲଢ଼ନ୍ତୁ···ମୋ ଅପା ଯେତେବେଳେ ବାହାହେଲା ଏମିତି ଲୁଗା ଧୋବଣୀ ପିନ୍ଧିଥିବେ— ଭଣ୍ଡାରୁଣୀ କେତେ ନେଇଥିବେ—

ଶରଧୀ ବୋଉ : ହଁ ମ, ସେ କଥା କଏ ନ ଜାଣେ ?···ଏଇ ନୂଆ ଡାହାଣୀ, ପୁଅ ଖେଳେଇ ଶିଖୁଚନ୍ତି ନାଁ—ହଉ ଦେ ଦେ···ନୂଆ ଲୁଗା ଖଣ୍ଡେ ଘୁରେଇ ହେଇ ବନେଇ ଦେଇ ଆ—ନଇଲେ କଥା ବାହାରିବ— ବନେଇ ସାରି ପଛେ ଲୁଗାଟା ପାଲଟି ପକେଇବୁ··· ।

ନେଝମଣି : ନାଇଁ, ମୁଁ ବନେଇବାକୁ ଯିବନି···

ଛକଡ଼ି : ନଇଲେ ନାଇ ହୋ···ତୋ ପେଇଁ ନ ହେଲେ ବାହାଘର ଅଟକି ଯିବ··· (ପ୍ରସ୍ଥାନ)

ଶରଧୀ ବୋଉ : ଆଲୋ ଏ ସାନବୋହୂ ! ··· କେଡ଼େ ଓଲଟା ମ ଲୁ— ଏଜା ମାଘକେ ଶୀତ ଯାଏ ନ ଲୋ—ତୋର କଅଣ ବେର ପଡ଼ିବନି ? ଏଇନାଗ କାମ ଏଇନେ ଚରଯାଉ—ନଇଲେ ନୋକେ ନନ୍ଦବେ— ଯା ଶାଢ଼ୀଟା ପିନ୍ଧପକା··· ।

ନେଝମଣି : ତମେ କହୁଚ ବୋଲି ଯିବା—ନଇଲେ—ଏ ମାଇଚିଆଟା ଯଦି ଭାଇ ଭାଉଜଙ୍କ ପଟିଆ ନ ହୁଅନ୍ତା ନା—ମନା ବାହାର କରିଦିଅନ୍ତୁ··· ମତେ କଅଣଜନ ପାଇଚନ୍ତିକି ?

ଶରଧୀ ବୋଉ : ଆଲୋ, ତୋ ଗୋଡ଼ ଧରିକୁ ବ ହାରି ବୋଉ ଧର ଲୁହେଁ ···ଆ ବେଇରି, ମୁଁ ଯାଏଁ—ନଇଲେ ବଡ଼ବୋହୂ ଭାବିବ ଯେ···
(ଶାଢ଼ୀଟାକୁ ନେଝମଣି ହାତକୁ ବଢ଼େଇ ଦେଇ ପ୍ରସ୍ଥାନ)

ନେଝମଣି : ହଉ, ବାହାଘରଟା ଆଗେ ସରିଯାଉ······ ।

Digitized by srujanika@gmail.com

● ତୃତୀୟ ଦୃଶ୍ୟ

[ଗାଁ ରାସ୍ତା—ହର ମିଶ୍ର ବାଡ଼ି ଖଣ୍ଡେ ଧରି ଆସୁଛନ୍ତି— ବିପରୀତ ଦିଗରୁ ଛକଡ଼ି ବନ୍ଧୁଆ ଝୁଲେଇ ଆସୁଛି ।]

ହର ମିଶ୍ର : କିଏ ? ଛକଡ଼ି ? ଆରେ ଆମ ଅଖାଇନାମି ପୁଅ !

ଛକଡ଼ି : ଜୁହାରେ କରେଇ ।

ହର ମିଶ୍ର : ବୁଢ଼ାଟିଏ ହେଇଥା ବାପ,—କ'ଣ, ବାହାଘର କଲ,—କେତେ ଖର୍ଚ୍ଚ କଲ ଟିକିଏ ଶୁଣିଥିବା—

ଛକଡ଼ି : ଆପଣ ତ ନିଜେ ଯାଇଚ - ସବୁ ତ ଦେଖିଚ—କରିଚ - ଆଉ ପଚାରୁଚ କ'ଣ ?

ହର ମିଶ୍ର : ହେଁ, ହେଁ—ଆରେ ଆମେ କ'ଣ ଦେଖିଲୁ—କ'ଣ କଲୁ ମ ? ଭୋଜନର ପିଆଦା ଆମେ—ଖାଇପିଠା ହେଇଲା ତ ଆମ କାମ ଶେଷ ।

ଛକଡ଼ି : ମତେ କ'ଣ ପଚାରୁଚ ଯେ··· ?

ହର ମିଶ୍ର : ଏଁ କ'ଣ କହିଲୁ ? ତତେ ପଚାରିବି ନାହିଁ ? ଘରର ହଇ ତୁ··· ନିଜ ହାତରେ ସବୁ ନେ'ଆଣ କରିଥିବୁ—ତତେ ପଚାରିବିନି ତ ଆଉ କ'ଣ ଚନ୍ଦ୍ରା ହାଡ଼ିକୁ ପଚାରିବ ?

ଛକଡ଼ି : ଆମେ ଚନ୍ଦ୍ରା ହାଡ଼ିଠଉଁ ବଳୁଁ କରେଇ··· ।

ହର ମିଶ୍ର : ରାମ, ରାମ—କଅଣଗୁଡ଼ାଏ କହୁଚୁରେ ଛକଡ଼ି ?

ଛକଡ଼ି : ଆଉ ମତେ ପଚାରୁଚ ଯେ ମୁଁ କ'ଣ କହନ୍ତି ? ମୁଁ କ'ଣ କିଛୁ ଦେଖିଚି ନା କରିଚି ?

ହର ମିଶ୍ର : କଅଣ ହେଲା ? ତୁ କରି ନାହିଁ କି ଦେଖି ନାହିଁ ? ଛି, ଛି, ଛି —ଏଗୁଡ଼ା ବରଜୁର ମଣିଷ ପଣିଆ ନୁହେଁ—ଘର ଭିତର ଝାଉଁଟା—

Digitized by srujanika@gmail.com

ଛକଡ଼ି : ଭାଇର କିଛି ଦୋଷ ନାହିଁ ମ କକେଇ··· । ସେ କ'ଣ କରିବ ? ସବୁ ଦୋଷ ଭାଉଜର··· ।

ହରି ମିଶ୍ର : କ'ଣ ଗୁଡ଼ାଏ ତୁ ପିଲାଙ୍କ ପରି କହୁଚୁରେ ? ଦୋଷ ନାହିଁ ବରଜୁର ? ତୁ କ'ଣ ମୋତେ ବୁଝି ବତେଇବୁ ?

ଛକଡ଼ି : ସେ କଥା ମୁଁ କହି ପାରିବି କକେଇ ?

ହରି ମିଶ୍ର : ଆରେ ଯା, ଯା—ତୋ ଭାଇ ତୋତେ ବଡ଼—ଆଗରୁ ତୋତେ କେତେ ଥର ପରି ଆଙ୍ଗୁଠି ଗେଞ୍ଜି ଦେଖେଇ ଦେଇଚି ରେ । ତୋ ଚେରୁପାରୁ ଉଠାଇବାକୁ ସେ ଚେଷ୍ଟା କରୁଚି···ବୁଝିଲୁ ? ଦିନ କେଇଟା ହେଲା ଟଙ୍କା ଶହେଟାରେ ଗୋଟାଏ ଦୋକାନ ଛତେ କରେଇ ଦେଇଚି ବୋଲି ତୋ ଭାଇଟା ଗୋଟାପଣେ ସାଧୁ ହୋଇ ଯାଇଚି ତୋ ଆଖିରେ··· ।

ଛକଡ଼ି : ନାହିଁ ମ କକେଇ—ମୁଁ ତା କହୁନି ଯେ···

ହରି ମିଶ୍ର : ଆଉ ନେମ୍ବୁ ନୁଣଟା କହୁଚୁ—ଡାକିଲୁ ଦାଣ୍ଡର ପାଞ୍ଚ ଜଣଙ୍କୁ—ଏ କଥାଟା ତଉଲିବା—ଦୁ ଭାଇ ଏକାଠେଇଁ ଘର କରିବ—କାହା ପାଖରେ ଜମା କେତେ ରହିଲା, ଖର୍ଚ୍ଚ କେତେ ହେଲା, ଏ ହିସାବ ଦୁ'ଜଣ ଯାକ ବୁଝିବ ନାହିଁ ?

ଛକଡ଼ି : ହେଲେ କକେଇ, ଭାଇକୁ ମୁଁ ଅବିଶ୍ୱାସ କରୁନି—ତମେ ଯାହା କହ ପଛେ···

ହରି ମିଶ୍ର : (ଚିଡ଼ି ଯାଇ) ଆରେ ରାମ ରାମ—ସେ କଥା ମୁଁ କ'ଣ କହୁଚି ? ଏକା ମା'ପେଟର ଭାଇଟା—ତତେ ଆଉ ବରଜୁ ଠକିବ ?—"ଯାହା ନ ଦେଖିବ ଚେନ ନୟନେ—ପରତେ ନ ଯିବ ଗୁରୁ ବଚନେ ।" ବରଜୁ ଭଲ ମଣିଷ—ସମସ୍ତେ କହୁଚନ୍ତି—ହେଲେ ମତେ ଏଇଟା ନାକରି ଲାଗୁଚି—ହେଲା ଭାଇଟା ଚଗଲା, ଘର କଥା କିଛି ନ ବୁଝିଲା, ତମ ଉପରେ ବିଶ୍ୱାସ କରି ସବୁ ଛାଡ଼ି ଦେଇଚି—ତା ବୋଲି କ'ଣ ଭାଇ ସଙ୍ଗେ ଗୋଟାଏ ପରାମର୍ଶ କରିବ ନାହିଁ ? "ଅସିବୃତିରେ ଛକଡ଼ି

Digitized by srujanika@gmail.com

—କାଗଜ କଲମ ଧ'—ହିସାବ କର—କେତେ ଖର୍ଚ୍ଚ—ଯାହା ଲାଗିବ ତୁ ନିଜେ ଯାଇ ସଉଦା କରି ଆଣ"—ଏଥିରେ ଭାଇ ଭାଇରେ ବିଶ୍ୱାସ ତୁଟି ଯାନ୍ତା ନା ବେଶୀ ବଢ଼ନ୍ତା ?

ଛକଡ଼ି : ନାହିଁ କକେଇ ! ହିସାବ ପତ୍ରର ବୁଝିବାକୁ—ସଉଦା କରିବାକୁ ମତେ ଭାଇ କହିଥିଲେ—ମୁଁ କହିଲି ମତେ ସେ ଧନ୍ଦା ଆସିବ ନାହିଁ—ଆଉ କାହାକୁ ଦିଅ—ଭାଇ ସେଥିରୁ ତାଙ୍କ ଶଳା ହାତରେ ଟଙ୍କା ଧରେଇ ଦେଲେ··· ।

ହରି ମିଶ୍ର : (ତାଳିଟାଏ ମାରିଦେଇ) ବେଶ୍—ହେଲା ? ଏ କଥାଟା କ'ଣ ହେଲା ଶୁଣେ ଟିକିଏ । ଏଥିରେ ମାନ ଅଭିମାନ ରହିଲା ନା ନାହିଁ ? ···ଭାଇ ହେଲାନି ଶଳା ହେଲା···ଖାଲି ଉପର ମନକୁ ତୋତେ ପଚାରି ଦେଲା ନା ଆଉ କଅଣ ?

ଛକଡ଼ି : (ସନ୍ଦେହଭାବ ପ୍ରକାଶ କରି) ହଁ, ତମେ ଯାହା କହୁଚ କକେଇ ହେଇଥିବ ସେଇଆ··· ।

ହରି ମିଶ୍ର : ହେଇଥିବ କ'ଣ ରେ ? ସେଇଆ—ଆଉ ହେଇଥିବ କ'ଣ ? ମାଇପର ଭାଇ ବଡ଼ ହେଲା, ମା'ଆ ପେଟର ଭାଇ ବଡ଼ ହେଲାନି ? ତୁ ମୋ କଥାକୁ ବିମୁଖ ପାଉଚୁ···ପରେ ହେଜିବୁ— ।

ଛକଡ଼ି : ଏ ଗୋଳମାଳ କକେଇ ଖାଲି ଏକାଠେଇ ରହିବାକୁ ପିନା ? ଦୋ'ଫାଙ୍କ ହେଇଗଲେ ଯେଝାକଥା ସେ କରନ୍ତା··· ।

ହରି ମିଶ୍ର : (ବିସ୍ମିତ ହୋଇ) ଏଁ, ଏଁ ? ଦୋ'ଫାଙ୍କ ହବ ? କାହିଁକି ରେ ? କ'ଣ ତମର ଅସୁବିଧା ? ହେଃ, ହେଃ—ଏଗୁଡ଼ାକ ଖାଲି ପିଲା କଥା— ।

ଛକଡ଼ି : ନାହିଁ—ପିଲା କଥା ନୁହେଁ କକେଇ—ଏଣିକି ଆମେ ଆଉ ଏକାଠି ଚଳିପାରିବୁ ନାହିଁ—ମନ ଫଟାଫଟି ହେଇ ଗଲାଣି ପରା—ପୋଡ଼ିଗଲା ତୁଣରେ ଆଉ କି ସୁଆଦ ଥାଏ କକେଇ—କହିଲ ?

Digitized by srujanika@gmail.com

ହର ମିଶ୍ର : ନା ନା ନା, ଏଗୁଡ଼ାକ କଥା ନୁହଁ । ପିଲା ଦି'ଟା ଏଇଦିନୁ କ'ଣ ଭିନେ ହେବ ରେ ?

ଛକଡ଼ି : ନାହିଁ କକେଇ, ଭିନେ ନ ହେଲେ କିଛି ହେବନି — ନେତ ଏକାଜଦ ନଗେଇଚି — ।

ହର ମିଶ୍ର : କାହିଁକି ରେ ?

ଛକଡ଼ି : ଗଉଜ ତାଙ୍କୁ ଦି'ଆଖିରେ ଦେଖିପାରୁନି··· ।

ହର ମିଶ୍ର : କୁଆଡ଼ୁ ପାରିବ ? ତୋ ସ୍ତ୍ରୀ ଥିଲାବାଲା ଘର ଝିଅ — ବଡ଼ ଆଖି — ଶ୍ରେଷ୍ଠ କଥା ତା ଆଖିରେ ଯାଉ ନ ଥିବ — ଯା'ଙ୍କୁ ପଦେ ଅଧେ କେତେବେଳେ ଖାଇବାକଥା କହି ଦଉଥିବ — ଗଉଜ କୁଆଡ଼ୁ ଦେଖି ପାରିବ ତାଙ୍କୁ ?

ଛକଡ଼ି : ସେଇଥିପାଇଁ ପରା··· ।

ହର ମିଶ୍ର : ହିଁ ହିଁ, ବୁଝୁଁଚି — ସବୁ ବୁଝୁଁଚି —, ଅଲଗା ହୋଇ ଚଳି ପାରିବୁ ଯଦି ··· ।

ଛକଡ଼ି : (ହସି) କାହିଁକି ଚଳିପାରିବ ନାହିଁ ? ତମ ଦୁଆରେ ବସିଲେ ତମେ ଦି'ମୁଠା ଖାଇବାକୁ ଦବନି ?

ହର ମିଶ୍ର : ଆରେ ତମର କ'ଣ ନାହିଁ ଯେ — ମୋ ଭଳି ଗୋଟାଏ ଗ୍ରହ ଲୋକ ଦୁଆରେ ହାତ ପତେଇବୁ ? ଖାଲି ନିଜ ଗୁଣରେ ସବୁ ସାରୁଛୁ ନାଁ — ଆଉ ଦବନି — ଦବନି···ମୋ ଦୁଆରେ ତୁ ବସିବୁ ? ହଇ ରେ ଛକଡ଼ି ! ଦୋକାନରୁ ଲାଭଟା ତୁ ହାତପଇଠ କରୁଚୁ ନା ଘଇଙ୍କୁ ଦେଇ ଦଉଚୁ ?

ଛକଡ଼ି : ମଲା — ଦନ ସୁଣ ଛ'ଟା ହେଲା ଦୋକାନ ହେଇଚି, ଲାଭ କଅଣ ଜାଣିବ ? ହେଲେ ଘଇ କରିଚି ଦୋକାନ ଲାଭରୁ ମୋ ହାତ ଖର୍ଚ୍ଚ ବାବଦକୁ ମୁଁ ରଖିବ··· ।

ହର ମିଶ୍ର : ହେଲା — ମୁଁ ଯାହା ସନ୍ଦେହ କରୁଥିଲି — ।

Digitized by srujanika@gmail.com

ଛକଡ଼ି : ମୁଁ ତ କହୁ ବୁଝିପାରୁ ନାହିଁ ?

ହରି ମିଶ୍ର : (ହସି) ପିଲା ଲୋକ, କୁଆଡ଼ୁ ବୁଝିବୁ ? ବରଜୁ ମୀନ ଗୁନ୍ଥି ବାଲିଆ ଧରିବା ଫନ୍ଦ କରୁଛି । ତତେ ଇଆଡ଼େ ଦୋକାନ ମୋହ ଲଗେଇ ସିଆଡ଼େ ଧାନଗୁଣ୍ଡ ସବୁ ହାତେଇବ— ।

ଛକଡ଼ି : ସେ କଥା ଖାଇ ଜାଣିବନି··· ।

ହରି ମିଶ୍ର : ତୁ କଅଣ ବୁଝିବୁ ? ଖାଇ ତୋର ଅମୀନ ଖୁଜଣ୍ଟି କରୁଥିଲାଟି ? ଗୁଡ଼ - ଆମର ଏତେ ଗସ୍ତାରରେ ଖୁସ କଥା ? ତେବେ ଛକଡ଼ି ମୋ ଦୁଆରେ ବସିବା କଥା କହିଲାରୁ ମନେ ପଡ଼ିଲା··· ।

ଛକଡ଼ି : କୋଉ କଥା··· ।

ହରି ମିଶ୍ର : ଦୋକାନଟାକୁ ବଡ଼ କରି କର— ଦୁନଶ ଟଙ୍କା ଦଉଛି— ବେଉସା କର— ମୋ ଟଙ୍କା ମୂଳେ ମୂଳେ ଧରି ଦେ— କରେ ଘିଅ କାହିଁରେ ପଡ଼ିବ ନାଁ ପଇଡରେ ପଡ଼ିବ— ମୋ ଧନ ତ ଗାମ ପଧାନ ପୁଏ ଖାଇବେ— ଆଉ କଏ ଖାଉଛି ? ଗାମ ପଧାନ— ଦଶ ଜଣରେ ସୁମାର ହେଉଥିଲା— ତା ଯାନ ପୁଅ ଫେରେ ବାବନାଭୂତ ହେଇ ବୁଲିବ ? ଟଙ୍କା ଶହେଟାରେ କ ଦୋକାନ ବରଜୁ ତତେ କରି ଦେଇଛି ରେ ? ଖାଲି ପିଲା ଭଣ୍ଡେଇବା କଥା । (ଚାହିଁ) କିଏ ଆଉଛିରେ ଇଆଡ଼େ ଦେଖିଲୁ··· ।

ଛକଡ଼ି : (ଚାହିଁ ଶଙ୍କିତ ଚକ୍ଷୁରେ) ଖାଇ ଆଉଛି କକେଇ··· ।

ହରି ମିଶ୍ର : ବରଜୁ ? (ତା ଆସିବାକୁ ଅପେକ୍ଷା କରି) ଆସୁ··· ।

ଛକଡ଼ି : ମୁଁ ଯାଉଛି କକେଇ··· ।

ହରି ମିଶ୍ର : ରଇଥା, ଯାଆନ ଛାଲେ— ଡର କିଆଁ ?

[ବରଜୁର ପ୍ରବେଶ]

ବରଜୁ : ଜୁହାର କକେଇ !

Digitized by srujanika@gmail.com

ହର ମିଶ୍ର : ବୁଢ଼ାଟିଏ ହେଉଥା – ବଳୁଆଡ଼େ ବାହାରେଚ୍ ନା ? ହଁ, ଚମ୍ପାପୁଅ ବଲ ତ ସବୁ··· ।

ବରଜୁ : ହଁ, କେକେଇ – ଜନେ ନ ଖଟିଲେ ନ ଚଳେ – କରେ ଦୋକାନକୁ ଯାଇନୁ ?

ହର ମିଶ୍ର : ଆରେ ନାହିଁ···ସେ ଯାଉଥିଲା ମୁଁ ତାକୁ ଅଟକାଇ ଦେଲି । ତାକୁ ସେ ଦୋକାନ ବିଷୟରେ ଦ' କଥା କହୁଥିଲି । ବୁଝୁଆଣ୍ଟା ନା – ସାଙ୍ଗ ମଉଜ କାହାକୁ କାଲବାକୀ ଦେଇଦେବ ବୋଇଲେ ମୂଳଧନ ବୁଡ଼ିଯିବ – ଝୋଲବୁହା ଧନ···

ବରଜୁ : ଭଲ କଲ କେକେଇ, ଚଗଲଣ୍ଟ! ବୁଲୁଥିଲା—କହିଲି ଦୋକାନ ଖଣ୍ଡେ କର—କରିଚ ତ କ'ଣ କରୁଚ କେଜାଣି ? ଯା'ରେ ଦୋକାନକୁ ଯା···

ହର ମିଶ୍ର : ହଁ ହଁ, ତମେ ଯା ସବୁ ତମ ଧନ୍ଦାରେ ଲାଗ – ରାମ ଲକ୍ଷ୍ମଣ ଭଳି ଦ' ଭାଇ – ଦାଣ୍ଡ ପୁର ଉଠୁଚି ତମ ଦ'ଭାଇଙ୍କୁ ଦେଖିଲେ··· ।

(କୁଟିଳ କଟାକ୍ଷପାତ କରି ପ୍ରସ୍ଥାନ)

● ଚତୁର୍ଥ ଦୃଶ୍ୟ

[ବରଜୁ ଘରେ ଅଗଣା—ବରଜୁ ଓ ଯଦୁ ଦଳେଇର କଥାବାର୍ତ୍ତା ହୋଇ ପ୍ରବେଶ – ସମସ୍ତ ଦିନ ବୃଷ୍ଟି ।]

ବରଜୁ : (ନିଜ କୋଠରୀ ସାମନା ପିଣ୍ଡାରେ ବସି) ବଅରେ ଏଇଠି ଯଦୁଆ··· । (ଯଦୁଆ ବସିଲା) ତତେ କାହିଁକି ଡାକିଲି ଜୁ···ଆମ ଘର କଳିଆ ଦାନକୁ ଦିନ ବଢ଼ିବାକୁ ଲାଗିଲା···କେତେବେଳେ ଦଣ୍ଡେ ହେଲେ ଶାନ୍ତି ନାହିଁ, ଘର ଆଉ କ'ଣ ? ମଶାଣିଠାରୁ ହୀନ··· ।

Digitized by srujanika@gmail.com

ଯଦୁ : ହଁ, ମୁଁ ତ ସେଇଟା ଦେଖୁଚରେ ବରଜୁଆଇ । ତମ ଘରେ ଫେରେ କଳି ପଶିବ, ଏ କଥା କଏ ଭାବିଥିଲା ?

ବରଜୁ : ସବୁ ହାସ ବୋଉର ଦୋଷ···ସାନ ବୋହୂଟାକୁ ଚଳେଇ ପାରୁନ··· ।

ଯଦୁ : ନାଇଁରେ ବରଜୁଆଇ – । ଗୋଟେ ହାତରେ ତାଳି ବାଜେନା··· ।

ବରଜୁ : ତାହା ବୁଝୁଚ, କିନ୍ତୁ ହାସବୋଉର ସହଣିକ ପଣିଆ କାହିଁ ? ଆମର ସହିଯିବା କଥା, – ସେ ଦ'ଟାତ ଛୁଆ···

ଯଦୁ : କିନ୍ତୁ ମୁଁ ଯାହା ଶୁଣୁଚ ସାନ ବୋହୂର ବି ଦୋଷ ଅଛି··· ଛକଡ଼ିକି ସବୁବେଳେ ଭିନେ ହବାପାଇଁ ନଗେଇଚ··· ।

ବରଜୁ : (ହସି) ହଇରେ ଛକଡ଼ି ମୋଠୁଁ ଭିନେ ହବ ? ମେଞ୍ଚଡ଼ ଟୋକାଟା ···କାଲି ପରିକ ଲାଗୁଚ···କାଖରେ ଧରି ବୁଲୁଥିଲି ।

ଯଦୁ : ହରି ମିଶ୍ରେ ତାକୁ ବୁଦ୍ଧି ଦେଉଚନ୍ତି ସବୁ । ତୁ ଯାହା କହ ବରଜୁଆଇ – ଛକଡ଼ିଟା ପରବୋଲାଟାଏ – ନିଜର ବୁଦ୍ଧିଶୁଦ୍ଧି ଜମା ନାହିଁ । ହରି ମିଶ୍ରେ ଯାହା କହୁଚନ୍ତି ତା ବିଶ୍ୱାସ କରୁଚ ।

ବରଜୁ : ହଁ, ମୁଁ ତ ସେଇଆ ଦେଖୁଚ । ସବୁବେଳେ ହରି ମିଶ୍ର ପାଖରେ କ'ଣ ଫୁସ୍‌ଫାସ୍ ହଉଚ – ହେଲେ ମୋଠୁଁ ସେ ଭିନେ ହବ ? (ଠୋ ଠୋ ହସି) ହଇରେ ଯଦୁଆ ! ମୁଁ ତ କାହିଁ ଭାବି ପାରୁନ – ଶ୍ୟାମ ପଧାନ ଘରେ ଫେର୍ ପାଚେରି ପଡ଼ିବ ? "ଏ ଘର ମଝିରେ ପାଚେରି ନ ପଡ଼େ – କି ବିଲ ମଝିରେ ହିଡ଼ ନ ପଡ଼େ ।" (ବରଜୁ କହୁଁ କହୁଁ ତା ଆଖିରୁ ଲୁହ ଗଡ଼ିପଡ଼ିଲା ।)

ଯଦୁ : କାନ୍ଦୁଚୁ କାହିଁକି ବରଜୁଆଇ, ତୋ ଭଲ କ'ଣ ସମସ୍ତଙ୍କ ମନ ହେଉଚ ?

Digitized by srujanika@gmail.com

ବରଜୁ : ହଇରେ ! ମୁଁ ପାଞ୍ଚ ଗାଁରେ ପଞ୍ଚୁଆଡରେ ବସି କେତେ କଳି କଜିଆ ଷୁଙ୍ଗୁଚି—ମାଲି ମକଦମା ମେଣ୍ଟେଇ ଦଉଚି—ଘର କଜିଆକୁ ବନ୍ଦ କରି ପାରୁନି । ଆରେ ମାଇକିନା ଦ'ଟା ଯିନା କଜିଆ ନଗେଇଚନ୍ତି—ହେଲେ ଛକଡ଼ି ତ ଟିକେ ମତେ କିଛି କହୁନାହିଁ ।

ଯଦୁ : ତୁ ଛକଡ଼ିକୁ ଡାକି ପଚାରୁନୁ ? କ'ଣ ତା ମନରେ ଅଛି କହୁ ସିଏ—

ବରଜୁ : ଛି, ଛି,—ସେଇଟା ନିହାତି ପିଲାଟା—ତାକୁ ମୁଁ ଏ କଥା ଡାକି ପଚାରିବି ?

ଯଦୁ : କ'ଣ ହବ—ସ୍ତ୍ରୀର ତ ଫେରେ ଗୋଟାଏ ବିନାଶ ହେବ ?

ବରଜୁ : ହବ ରେ ଯଦୁ, ହବ—ମୁହିଁ ତା'ର ବିନାଶ କରିବି···ଏ ଘର କଜିଆ ପେଇଁ ମୁଁ ଦାୟୀ ।

ଯଦୁ : (ବିସ୍ମିତ ହୋଇ) ତୁ ?

ବରଜୁ : ହଁ, ହଁ,—ମୁହିଁରେ ମୁହିଁ, ଘରର ମୁରବି ମୁଁ—ଆଜିଯାଏ ମୁଁ ଚୁପ ହୋଇଥିଲି କିଆଁ ? ଦାରୁଭୂତ ହୋଇ ବସିଥିଲି କିଆଁ—ହଇରେ ! ଶାମ ପଧାନର ଏ ଘଟେଟା ଭାଙ୍ଗିଗଲେ ନିନ୍ଦାଟା କାହାର ? ସମସ୍ତେ କହିବେ ବଡ଼ ଭାଇ ଘର ଚଳେଇ ପାରିଲା ନାହିଁ ବୋଲି ଘରେ ପାଟଣ୍ଡ ଉଠିଲା···

ଯଦୁ : ତୁ ସିନା ଏ କଥା କହୁଚୁ—ହେଲେ ଛକଡ଼ି ଭାରିଯା ଆଉ ମିତ୍ରଙ୍କ କଥାରେ ପଡ଼ି ଯଦି ଭିନେ ହୁଏ, ତୁ କ'ଣ କରିବୁ ।

ବରଜୁ : ମୁଁ ଭିନେ କରେଇ ଦେବିନି । କେଭେ ନୁହଁରେ, କେଭେ ନୁହଁ । ହଇରେ ଏଇ ମେଞ୍ଚଡ଼ ଟୋକାଟା ମୋ'ଠୁ ଭିନେ ହବ ? ଯାହାର ବୁଦ୍ଧି ଶୁଦ୍ଧି ହେଇନି, ସିଏ ମାଇପଙ୍କ କଥାରେ ପଶି ଭାଉଜକୁ ଉହୁଁକି ଆସୁଚି—ହାରି ବୋଉ—ଏକା ହାରିବୋଉ ଭଲ ହେଲେ ସବୁ ମେଣ୍ଟିଯିବ । ହଇରେ ଯଦୁଆ !'—ଜଣେ ଭଲ ହେଲେ ଆଉ ଜଣେ

Digitized by srujanika@gmail.com

କେବେ କଳିଆ କରି ପାରିବ ? ମୁଁ ମାଇପିଟାକୁ ଭଲ ବାଟକୁ ଆଣି ପାରିବନି ?

ଯଦୁ : ବରଜୁଭାଇ ! ···ରୁ ଯାହା କହୁଚ୍, ସତ ଯେ – ହେଲେ···

ବରଜୁ : (ଖୁସି ମନରେ) ଆଉ ହେଲେ ଫେଲେ ନୁହେଁ,– ମୁଁ ଯାହା କହୁଚ ସେଇଆ । ହାବୁବୋଉ ଭଲ ହେଲେ ସବୁ ଭଲ·ହେଇଯିବ– ମୁଁ ଡାକେ ତାକୁ–।

ଯଦୁ : ତେବେ ମୁଁ ଯାଉଚ ବରଜୁଭାଇ !···

ବରଜୁ ଏଁ ? ଯିବୁ କାହିଁକି ? ବସୁ ନୁ– ହାବୁବୋଉ ତତେ କ'ଣ ଲଜ କରୁଚ ?

ଯଦୁ : ନାହିଁ ଯେ– ମୋ ଆଗରେ କଥାଟା ପକେଇ ଭଲ ଫଳ ହବନି–

ବରଜୁ : କାହିଁକି ? ତୁ କ'ଣ ପର ?

ଯଦୁ : ନାହିଁ ମ– ସେ କଥା ନୁହେଁ ଯେ– ମୋ ଆଗୁଟାରେ ଢଆଣଲେ ଖଉଜ ଆଉରି ବଗିଯିବ । ମୁଁ ଯାଏଁ ।— (ପ୍ରସ୍ଥାନ)

ବରଜୁ : –ଏ ହାବୁବୋଉ ! –ଶୁଣିଗଲୁ ଟିକଏ ଇଆଡ଼େ···

[ହାବୁବୋଉର ଖୁସି ମନରେ ପ୍ରବେଶ]

ହାବୁବୋଉ : ମତେ ଡାକୁଚ ?

ବରଜୁ : ହଁ, ବସ ଏଇଠି···

ହାବୁବୋଉ : ମୋର କି ଖବର ସତେ ?

ବରଜୁ : କାହିଁକି ?

ହାବୁବୋଉ : ନାହିଁମ– ଏମିତ କହୁଥେଲ, କେବେ ତ ଏମିତ ଖୁସି ମନରେ ଡାକନ, ଆଜି ଡାକଲ ଯେ—

ବରଜୁ : ଡାକଲି ଗୋଟେ ଜରୁରି କଥା ଅଛୁ –

Digitized by srujanika@gmail.com

ହାସି ବୋଉ : (ଆଗ୍ରହରେ) ହଁ କହୁନ । (ବରଜୁକୁ ଅନ୍ୟ ଆଡ଼େ ଚାହିଁଥିବା ଦେଖି ମୁଣ୍ଡରେ ଦ'ହାତ ନମସ୍କାର ଭଙ୍ଗୀରେ ରଖି ଭଗବାନଙ୍କୁ ପ୍ରାର୍ଥନା କଲା ।)

ବରଜୁ : ଆଚ୍ଛା, ଏ ଘର ଭିତରେ ଏ ଯେଉଁ କଜିଆ ଲଗିଚ ସବୁବେଳେ ଏ କ'ଣ ଏମିତି ଲାଗିଥିବ ?

ହାସି ବୋଉ : (ହସ ଲୁଚଗଲା) ଆଉ କମିତି କମିବ – ସେ କଥା ତମେ ବତେଇ ଦଉନା ? କଜିଆ ମୁଁ କରୁଚ ନା ସେ କରୁଚ ?

ବରଜୁ : କଜିଆ କିଏ କରୁଚ ସେ କଥା ବାଛୁଵାକୁ ଗଲେ କଜିଆ ମେଣ୍ଟିବ ନାହିଁ –

ହାସି ବୋଉ : (ଅଭିମାନ କଣ୍ଠରେ) କଲି ମେଣ୍ଟୁ ନ ମେଣ୍ଟୁ—ମୁଁ ତା ପାଖରେ ଚଳି ପାରିବ ନାହିଁ ।

ବରଜୁ : ତେବେ ଭିନେ ହବାକୁ କହୁଚୁ ?

ହାସି ବୋଉ : ଭିନେ ହୁଅ କି ଏକାଠି ରହ – ମୁଁ ତା'ଠୁ ଏତେ ଯନ୍ତ୍ରଣା ସହି ପାରିବ ନାହିଁ । ମରଦଟା ଫେରେ ମତେ ମାରିବାକୁ ଗୋଡ଼େଇ ଆସିବ ?

ବରଜୁ : (ବିରକ୍ତ ହୋଇ) ମତେ ସଫା କଥା କହ, ଗୋଲିଆ କଥା ଶୁଣିବାକୁ ମୁଁ ଚାହେଁ ନ…

ହାସି ବୋଉ : (ଶଙ୍କି ଯାଇ ଓ କାନ୍ଦ କାନ୍ଦ ହୋଇ) କିଛି କଥା ନାହିଁ, କାହିଁକି ଏମିତି ହଉଚ ମ ? ମୁଁ ଘର ଗୋଟାକର ଆଡ଼ତ କରିବି— ଗଲା ଅଇଲାରୁ ସବୁ ବୁଝିବ…

ବରଜୁ : ମିଛ କଥା କହୁଚୁ—ତୁ ସବୁ କରୁ ? ସାନବୋହୂ କିଛି କରେନି ?

ହାସି ବୋଉ : ହେଲା—ଏବେ ସେ ଉଖେଁଇଲା କି କୁଟିଲା—ମୋ ପିଲାଏ ତାର କ'ଣ କରିଥିଲେ ? ସବୁବେଳେ ତାଙ୍କୁ କାଟିବ, ଶମିବ କାହିଁକି ?

Digitized by srujanika@gmail.com

ବରଜୁ : ପିଲାଙ୍କର କ'ଣ ସେଥିରେ ଖରାପ ହେଇ ଯାଉଚ ?

ହାବୁ ବୋଉ : ଭଲ ରେ ! ମତେ ଖାସା ବୁଝି ବତଉଚ ? ଦରକାର ନାହିଁ, ମୋ ପିଲାଙ୍କୁ ଘିନ ମୁଁ ଅଲଗା ରଇବ ।

ବରଜୁ : ଭଲ କଥା—ପିଲାଙ୍କୁ ଘେନ ଯେବେ ଅଲଗା ରହିବୁ ରହ···ମତେ ଆଉ ଖୋଜବୁନ···

ହାବୁ ବୋଉ : ହଁ, ଆଉ କ'ଣ କହିବ କ ? ସେଇ କଥାଟି ତ ଡରେଇବାକୁ ଅଛୁ— (କାନ୍ଦ ପକେଇଲା)

ବରଜୁ : ଯନ ବୋହି ପଡ଼ିଲା କିଆଁ ? ଶୁଣ୍, କାନ୍ଦା କନ୍ଦ, ରଗାରଗିରେ କଲି ତୁଟେ ନ ।

ହାବୁ ବୋଉ : (ଟାଣ ହୋଇ କରି) କେତେବେଳେ ହେଲେ ତ ତୁଟିବ ନାହିଁ—

ବରଜୁ : ଭଲ କଥା, ତେବେ ଯେତେ ଇଚ୍ଛା କଲି ଲଗଉଥା— (ବରଜୁ ମାରକରେ ଘରୁ ବାହାରିଗଲା ।)

ହାବୁ ବୋଉ : ସଇଲା, କ'ଣ କଲି ମୁଁ ଡାକୁଣୀ—ଖାଇସାର ହେଲେ ଯାଇଥାନ୍ତା —କୋଉ ପହରୁ ବଲବାଉ ନୂଲ ଅଗାଧୂଆ ଅପାଧୂଆ (ଆଖିରୁ ଲୁହ ଗଡ଼ ପଡ଼ିଲା) । ଆଲେ, କ'ଣ କଥା କଇବ ବୋଲି ଖୁସିରେ ଡାକଥେଲି, କ'ଣ ଏମିତ ଚାଲିଯିବ ବୋଲି ? କେତେ ଜଗି ଜଗି କଥା କହିଲି ତ—କାଇଁରେ ହେଲା ନାଇଁ—ମତେ ମରଣ ନ ହେଲା କାହିଁକି ? ଆଲେ ହେ ସୁନା ! ସୁନା ଲେ ! (ସୁନାର ପ୍ରବେଶ) ଦେଖିବୁଟି ଲେ ତୋ ବା' କୁଆଡ଼େ ଗଲା । (ସୁନାର ପ୍ରସ୍ଥାନ)

[ହାବୁ ବୋଉର ପ୍ରସ୍ଥାନ—ନେତମଣିର ପ୍ରବେଶ ଓ ଘର ଅଡ଼କୁ ଚାହିଁ]

ନେତମଣି : ଘଇତା ସୁଆଗୀ ହଉଥେଲା ଯେ ଘଇତା ଦେଲା ପାନେ··· ।

Digitized by srujanika@gmail.com

[ସୁନାର ପ୍ରବେଶ]

ସୁନା : ବୋଉ ଲୋ ! ଏ—ବୋଉ ! —ଖୁଡ଼ି, ବୋଉ କୁଆଡ଼େ ଗଲା ?

ନେତ୍ରମଣି : ମତେ କାହିଁ ପଚାରୁଚୁ ? ମୁଁ କ'ଣ କାନରେ ବାନ୍ଧି ରଖିଚି ? ଦେଖ୍‌ନୁ ତୋ ମା' କୁଆଡ଼େ ଗଲା, ଓଃ—ଗେହ୍ଲେଇ କରି ଡାକୁଚି ଖୁଡ଼ି—ଖୁଡ଼ି— (ପ୍ରସ୍ଥାନ)

[ହାବୁ ବୋଉର ପ୍ରବେଶ]

ହାବୁ ବୋଉ : କଲେ ବା'କୁ ପାଇଲୁ ?

ସୁନା : ମଙ୍ଗଳାଙ୍କଠି ଶୋଇଚି ତରଣ୍ଟାରେ··· ।

ହାବୁବୋଉ : ଡାକିଲୁଟି ବା'କୁ ଖାଇବାକୁ···

ସୁନା : ହଁ, ଡାକିଲି, ମତେ ଗାଳି ଦେଇ କହିଲା ଯା' ଏଠୁ ପଳା । ମୁଁ ଖାଇବାକୁ ଯିବିନି···

ହାବୁ ବୋଉ : ମଲା ଛୁଆଟା ଉପରେ ବି ଟିକିଏ ମାୟା ହେଲାନି ? ବା' ସାଥିରେ ଖାଇବ ବୋଲି ସକାଳୁ ଉପାସେ ରହିଚି···(ହଠାତ୍ ବରଜୁର ପ୍ରବେଶ ଓ ପିଣ୍ଡାରେ ବସିବା, ହାବୁବୋଉ ଶଙ୍କିତ ଚିତ୍ତରେ) ଖାଇବାକୁ ଆଣିବି ? (ବରଜୁ ନିରୁତ୍ତର)···ସୁନା ଏଯାଏଁ ଖାଇନି ତମ ସାଙ୍ଗରେ ଖାଇବ ବୋଲି···

(ବରଜୁ ନିରୁତ୍ତର – ହାବୁ ବୋଉର ପ୍ରସ୍ଥାନ ଓ କଂସାରେ ଭାତ ଏବଂ ଥାଳିଆରେ ଢପଣ ଧରି ପ୍ରବେଶ – ବରଜୁ ପାଖରେ ଥୋଇଦେଇ)

··· ଖାଉନି କାହିଁକି ମ – ପିଲାଟା ଭୋକରେ ଆଉଟୁ ପାଉଟୁ ହେଇ ଗଲାଣି···।

ବରଜୁ . (ଖାଇବା ପାଖରେ ବସି) ଆ ଲୋ ସୁନା ! ତୁ କାହିଁ ଏତେ ବେଳଯାଏଁ ଖାଇ ନ ଥିଲୁ ?

Digitized by srujanika@gmail.com

[ସୁନା ଆସି ବାପା ପାଖରେ ଖାଇ ବସିଲା – ବରଜୁ ଉଦାସିଆ ହୋଇ ଉଠିଗଲା ଓ ମୁହଁ ଧୋଇ ଘର ଭିତରକୁ ପଶିଗଲା ।]

ହାବୁ ବୋଉ : (ଉଦ୍‌ବେଗ ହୋଇ) ମଲା, ମଲା – ଇଏ କଅଣ ମ ? କିଛି ନ ଖାଇ ଉଠିଗଲା ? ଖିଆ ନାହିଁ ପିଆ ନାହିଁ – ମଣିଷଟା ସବୁବେଳେ ଏମିତି ହନ୍ତସନ୍ତ ହେଇ ବୁଲିଲା । ···କୋଉ ଡାଆଣୀ ତ କଣ କଲାଣି ।

[ହଠାତ୍ ନେଳମଣି ତା ଘରୁ ବାହାରି ଆସି]

ନେଳମଣି : କଲେ, କଲେ, କ'ଣ କହିଲୁ ? ମତେ କହିଲୁ ଡାଆଣୀ ?

ହାବୁ ବୋଉ : ମଲା, ତୁ କାହିଁକି ଏମିତି ଉପରେ ପଡ଼ି କଜିଆ କରିବାକୁ ଧାଇଁ ଆସିଲୁ ?···ମୁଁ କ'ଣ ତତେ ଡାଆଣୀ କହିଲି ? ମଲା, ମଲା, "ଉଅଙ୍କ ଘରେ କିଏ ନା, ମୁଁ କଦଳୀ ଖାଇ ନାହିଁ ।"

ନେଳମଣି : ମୁଁ କାଆକୁ ଡରେନି, ମ···

[ବରଜୁ ଘରୁ ବାହାରି ଆସିଲା – ଧୀରେ ଧୀରେ ଅଗଣା ବାଟଦେଇ ପଦାକୁ ଗଲାବେଳେ ଛକଡ଼ିର ପ୍ରବେଶ ଓ ସ୍ୱାଇଁର ଗମ୍ଭୀର ମୁହଁ ଦେଖି ବିସ୍ମିତ ହୋଇ ଚାହିଁ ରହିଲା । ବରଜୁ ଚାଲିଗଲା ପରେ ତା'ର ନଜର ପଡ଼ିଲା ଗମ୍ଭୀର ହାବୁବୋଉ ଓ ଉଗ୍ରଚଣ୍ଡୀ ନେଳମଣି ଉପରେ – ବିଚଳିତ ଦୃଷ୍ଟିରେ ସେ କେବଳ ସେମାନଙ୍କୁ ଥରେ ଓ ବରଜୁ ଯିବା ବାଟକୁ ଥରେ ଚାହିଁଲା···। ନେଳମଣିର ମୁହଁ ଛୁଆଡ଼ି ପ୍ରସ୍ଥାନ ।]

ଛକଡ଼ି : ସ୍ୱାଇଁ ଏମିତି କୁଆଡ଼େ ଚାଲିଗଲା ଭାଉଜ – କଅଣ ହେଇଚି ?

ହାବୁ ବୋଉ : (ଅନ୍ୟଆଡ଼େ ମୁହଁ ବୁଲେଇ) ମୁଁ କହି ପାରିବିନି···ସବୁର ଉମ ମାଇପକୁ – ଯାନ୍ତୁ ସିଏ ଯୁଆଡ଼େ – ଖସିଗଲା ସେଇଠୁ – ମଲା – ମୁଁ କାହିଁକି ସବୁର ଚୋଢ଼ ସହିବି ମ ?

— ମଞ୍ଚ ଅନ୍ଧାର —

Digitized by srujanika@gmail.com

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ

[ଛକଡ଼ିର ଦୋକାନ — ଛକଡ଼ି ବସି ବଟୁଆରୁ ପାନ ଖାଉଛି — ଧରମୁ ସେଇବାଟେ ଯାଉଥିବା ଦେଖି···]

ଛକଡ଼ି : ଇରେ ଧରମୁ···କୁଆଡ଼େ ଯାଉଚୁ···ଆ' ଟିକିଏ ଚୂନ ପତର ଖାଇ ଯା··· ।

ଧରମୁ : ଦିଅ ଟିକିଏ ତେବେ··· ।

ଛକଡ଼ି : ଟିକିଏ ବସି ଯା···ଧୁଅରୁ ତ ଝାଳ ବୋହି ପଡ଼ୁଚି··· ।

ଧରମୁ : (ବସି) ଦୋକାନ କେମିତି ଚାଲିଚି ଛକଡ଼ି ସାଆନ୍ତେ ?

ଛକଡ଼ି : (ଧରମୁକୁ ଚୂନପତ୍ର ଦେଇ) ହଁ···ପାନଗୁଆ ଖରଚଟା ଚଳି-ଯାଉଚି··· ।

ଧରମୁ : ହଁ, ସେଇତା ଲୁହଁ ଆଉ କଅଣ ? ହେଲେ ପରବୁଦ୍ଧିରେ ନ ପଡ଼ି ଯଦି ଏଇ ଦୋକାନରେ ମୁହଁମାଡ଼ି ପଡ଼ିବ, ତେବେ ଦୋକାନ ଚେଇଁଯିବ ଦିନ କେଇଟାରେ··· ।

[ହରି ମିଶ୍ରଙ୍କର ପ୍ରବେଶ]

ହରି ମିଶ୍ର : ନରେ, କୋଠପୁଅ, ଦୋକାନ ବଜାର କମିତି ହଉଚି ?

ଛକଡ଼ି : (ଖଣ୍ଡେ ଚଟେଇ ମିଶ୍ରଙ୍କ ପାଖେ ପକେଇ ଦେଇ) ବସ କକେଇ··· ।

(ମିଶ୍ରେ ବସିଲେ)

ହରି ମିଶ୍ର : ହଉ, ହଉ — ଯାହା ହଉ, ଦୋକାନ ଖଣ୍ଡେ କଲୁ, ଭଲ ହେଲା ।

ଧରମୁ : ଆମେ କେତେ ନଚେଇ ନଗେଇ ଏ ଖଣ୍ଡ କଲେ ନା···ନଇଲେ ସେ କଏ, ଦୋକାନ କଏ ?

Digitized by srujanika@gmail.com

ହର ମିଶ୍ର : ଆରେ ହେ, କାହା ବୋପା ଗଣ୍ଡିରେ ଦୋକାନ କଲା ? ବାପ ଥୋଇଥେଲା ପୁଅ ଦୋକାନ କଲା··· ।

ଛକଡ଼ି : (ପାନ ଭାଙ୍ଗୁ ଭାଙ୍ଗୁ) ନାହିଁ ମ କକେଇ, ବା'ଜ ପାହୁଲାଟାଏ ରଖି ନ ଥେଲା···ମଲାବେଳକୁ ପରୁ କଇଲା, ଖାଲି ଧରମ—ଧରମ ରଖିଯାଇଚ—

ହର ମିଶ୍ର : ଆରେ ହଁ ସବୁ ଶୁଣିଚ—ବୁଢ଼ା ବୁଢ଼ୀ କିଛୁ ରଖି ନ ଥିଲେ, ବରଜୁ ଖାଲି ତା ରୋଜଗାରରୁ ଟଙ୍କାଗୁଡ଼ାକ ଗଡେ ଗଣି ପକେଇଲା ? କହିବା କଥା ନା ଶୁଣିବା କଥା ?

ଛକଡ଼ି : କେଜାଣି କକେଇ ! ମୋ ଆଗରେ ଦହିଙ୍କର କାଳ ହେଲା । ମୁଁ ତ କିଛୁ ଜାଣି ନାହିଁ ?

ହର ମିଶ୍ର : ହେଃ, ହେଃ, ତୁ କ'ଣ ଜାଣିବୁ ରେ ? ତୋ'ର ତ ଗୁହାଳ ମାଣ କେତେ ନା ମୁଁ ମଠରେ ଖାଏ—କରେ ଧରମା ?

ଧରମୁ : ନାହିଁ ଆଜ୍ଞା, ବରଜୁ ପଧାନେ ଦୋକାନ ପେଇଁ ଶହେ ଟଙ୍କା ଦେଇଚନ୍ତି—ଗୁନା ପଇଡ଼ାଠଉଁ ଉଧାର କରି ।

ହର ମିଶ୍ର : ଆରେ ହଁ, ହଁ, ତୁ ମତେ ବୁଦ୍ଧି ଶିଖେଇବୁ—ନା ? ବରଜୁକୁ ମୁଁ ପିଲାଦିନୁଁ ଦେଖି ଆସିଲିଣି··· ।

ଧରମୁ : ଆମେ ତ ତାଙ୍କର କୋଉଦିନ କିଛୁ ଜାଣିନୁ ?

ହର ମିଶ୍ର : ଆରେ ଚୁପ୍ କର ମ—କଥା ଉପରେ କଥା କହୁଚୁ ? ତୁ ଗୋଟାଏ ଜାଣିଚୁ କ'ଣ, ବଡ଼ି ବଡ଼ି କଥା କହୁଚୁ ? କରେ ଛକଡ଼ି ?

ଛକଡ଼ି : ହଁ କକେଇ, ନରମାତ୍ମା ନାରାୟଣଙ୍କୁ ଅଗୋଚର··· ।

ହର ମିଶ୍ର : ହେଲା ? ବୁଝିଲାବାଲା ଯିଏ ସିଏ ସିନା ବୁଝିବ—ଧରମୁ ଦାସ ମାମଲତକାର ହୋଇ କଥା କହୁଚ—ସକାଳୁ ଉଠି ଲଙ୍ଗଳ ଯାନ୍ତି, ତୋରାଣି ହେମକାକର ।—ଇଏ ଫେର ଆମ ସାଥିରେ ଯୋଡ଼ ଦେଇ

Digitized by srujanika@gmail.com

କଥା କହୁବ ? ଏ'କାଲ ପବ୍ ସେମିତ ହେଲଣି, ଗ୍ରେଟଲୋକଙ୍କ ମୁହଁ ବଢ଼ିଯାଉଚ ।

ଧରମୁ : (ସଙ୍କୁଚିତ ହୋଇ) ନାଇଁ ଆଜ୍ଞା, ତମ କଥାରେ···

ହର ମିଶ୍ର : ଆରେ ଚୁପ୍ ରହ ବେଅକଲ୍ !···ନ ହେଲ···ବରଜୁ ପଧାନ ତା ହାତରୁ ଦେଲ । ସମ୍ପତ୍ତି ଗୋଟାକର ହାନ ଲଭ ତ ତାର ହାତରେ···ସେଥିରୁ ଅଦା ଟଙ୍କା ଶହେ ପଚ୍ଚିଶ ଖଇକ ଦେଲ—ଏ କ'ଣ ଗୁଡ଼େ ଅଧିକ ହୋଇଗଲ ?

ଛକଡ଼ି : ସେଇଟା ଆମ ଘର କଥା କହୁ ବୁଝିନାଇଁ କକେଇ,—ତା' କଥା କ'ଣ ଶୁଣୁଚ ?

ଧରମୁ : (ଚିଡ଼ି) ହଁ, ହଁ, ତମେ ତ ଖାଲି ସବୁ ବୁଝି ପକେଇଚ ? କେସ୍‌ନାଟ, ଯାତ ଦେଖିବାକୁ ବେର ଅଣ୍ଟୁ ନ ଥେଲ—ଖଇ ଦୋକାନ ଖର୍ଚ୍ଚେ କର ଦେଲ ଯେ ଦଅଁକୁ ଖାଇ ଖଟୁଲି ଖାଇଲଣି···ଦୋକାନ ମୂର ଜମା ଉଠିବ କ ନାଇଁ···

ଛକଡ଼ି : (ରଗିଯାଇ) ଯାବେ, ଓଡ଼ ବୁଦ୍ଧି ଗୋଡ଼କୁ, କକେଇ ବସିଚନ୍ତ—କେତେ ମାମଲତକାର ଦେଖେଇ ହଉଚ୍— ?

ଧରମୁ : ଏଁ କେଡ଼େ ତୋଫାନରେ କ'ଣ କଥା କହୁଚ ? କ'ଣ ମାରିବ କ ?

ଛକଡ଼ି : କରେ ବାଉର ଟୋକା ! କ'ଣ ମୁହଁ ବଢ଼ିଗଲଣି କ ?

ଧରମୁ : ଏଁ ତମକୁ ଡରକର – କ'ଣ ଗ୍ରେର କରଚ କ ?

ଛକଡ଼ି : ଦେଖିବୁ ଭଲେ···?

ଧରମୁ : କ'ଣ ଦେଖିବ ମ,—ଦେଖିବ କ'ଣ ହୋ—ପୁଞ୍ଜାଏ ମାଡ଼ ଦବ—କ'ଣ ହେଉଯିବ ସେଥିରେ ? ପିଲକାରୁ କେତେ ମାଡ଼ଗାର ଖାଇ ଖାଇ ଆସିଚ ମ !

ଛକଡ଼ି : କରେ ଭାର ଦମାକ୍ !

Digitized by srujanika@gmail.com

ହରି ମିଶ୍ର : କ'ରେ ଧରମୁ ? ମୁହଁ ବଢ଼ି ବଢ଼ି କ'ଣ କଥା କହୁଲୁଣି ? ମାଡ଼ ଖାଇ ଖାଇ ପିଠି କୁରୁମ ହେଲଣି, ତେବେ ବ ତୋ ଗାଲୁ ଘୁଞ୍ଚୁନୁ ?

ଧରମୁ : ଗାଲୁ କ'ଣ କଲି ? —ହକ କଥା କହଲି । ମୁଁ ତ ସ୍ପଷ୍ଟ ଦଉଡ଼ିକଟା, ନଗା ନା ପଘା - ମେତେ କ'ଣ ଧମକଉଚ ହେ— ପେରେସିଡେଣ୍ଟ ହେଇଚ ମାଡ଼ ଢ'ଟା ଦବ—ନ ହେଲେ ଏ ଗାଁରୁ ଉଠାଇ ଦବ—ଆଉ କ'ଣଟେ କରିବ ?

ହରି ମିଶ୍ର : (ଚନ୍ଦନ ଆସି ଓ ଠେଙ୍ଗା ଉଠେଇ) କରେ ଶଳା ! ଦେଖିବୁ ଇଲେ··· ।

ଧରମୁ : (ମିଶ୍ରଙ୍କ ଆଡ଼କୁ ଉହୁଙ୍କି ଯାଇ) ମାରିବ ? ମାର - ମାର, ପିଢ଼ା ଉପରେ ଲଉ କସି, କଖାରୁ କସିଟାଏ ତ ଏ ଗାଁରେ ରଖି ଦବନି— । ନ ହେଲା, ଏ ଗାଁରେ ନ ହେଲା - ଯୋଉଠିକି ଯିବୁ ମୂଲ ଲାଗି ଖାଇବୁ ।

ହରି ମିଶ୍ର : ହଉ ଯା, ଯା, - ସଞ୍ଜବୁଡ଼ିଟା, ଲୁଗାଟା ପିନ୍ଧିଚ— ଛୁଆଁ ହବ - କାଲି ତୋ ଦମାକ ଦେଖି ଦଉଚରେ ବାଉଶ ଟୋକା··· ।

ଧରମୁ : ଦଶଥର ତ ଦେଖିବଣି—ଆଉ କାଲି ଅଧିକା ଗୁଡ଼ାଏ ଦେଖିବ କଅଣ ? ବାହ୍ମଣ କୁଳରେ ଜନମ ହେଇ ତ ସବୁ ଶ୍ରେଷ୍ଠ ଲୋକ କାମତକ କରୁଚ··· (ଧରମୁର ପ୍ରସ୍ଥାନ)

ହରି ମିଶ୍ର : ଦେଖିଲୁଟିରେ ଛକଡ଼ା ! ଏ ଶ୍ରେଷ୍ଠ ଲୋକଙ୍କ ମୁହଁ ବଢ଼ଉଚ କିଏ ! ତୋର ଭାଇ ବରଜୁ । ଏ ଶ୍ରେଷ୍ଠ ଲୋକଗୁଡ଼ାଙ୍କୁ ବାର କୁଶିକ୍ଷା ଦଉଚ —ଏଥିରେ ତାଙ୍କର ମୁହଁ ବଢ଼ିଯିବ ନି ? ଘନ ଖଟେଇର ମକଦ୍ଦମା - କ'ଣ ମିଛ ମକଦ୍ଦମା - ସିଏ କରିଥିଲା ? ସମସ୍ତଙ୍କ ଆଗରେ ବରଜୁ ମକଦ୍ଦମା ମିଛ ବୋଲି କହି ବୁଲିଲା ଯେ ମୁଁ ତା ପାଇଁ ଗୋଟେ ହେଲେ ସାକ୍ଷୀ ଖୋଜି ଖୋଜି ପାଇଲିନି । ସମସ୍ତେ ମିଛୁଆ ହୋଇଗଲେ— ସେଇ ଏକା ସତୁଆ !

Digitized by srujanika@gmail.com

ଛକଡ଼ି : ସମେତେ କହୁଚନ୍ତି କକେଇ ଭଇ କୋଉଦିନ ମିଛ କହେନି ।

ହରି ମିଶ୍ର : ଆରେ ହେ ଦେଖିଚ – ମିଛ ନ କହି ପୁଣି କଏ ଗୋଟେ ଉମିଧ ପୁଅ ଅଛୁ ମ ? ଘର ଭିତରେ ତ ଫେରେ ନୁଇ ଦେଖିଥିବୁ – ତୋ ମୁହଁରେ କଥାଏ ହେଲେ ମାଇପ ମୁହଁରେ କଥାଏ ।

ଛକଡ଼ି : ମୁଁ ବୁଝିପାରୁ ନାହିଁ କକେଇ – ଏଇ ଧରମୁ ବାଉର ମତେ ବୁଝେଇବ ? ମତେ ଫେରେ କଉଚ – କଣ ନା ଦହିଁକୁ ଖାଇ ଖଣ୍ଟୁଲି ଖାଇଲଣି – ଆଚ୍ଛା କକେଇ, ତମେ କଇଲ – ଟଙ୍କା ଶହେଟାର ଦୋକାନ ଖଣ୍ଡେ – ମୋର ଦିନକୁ ସୃଣଅଣା ପାନଗୁଆ ଖରଚୁ – ନେଉର ସୃଣଅଣାର ପାନଗୁଆ – ଦନାଦ ଏତକ ଲଭ ଉଠିଲେ ସିନା ? ଆଉ ମୂଳ ଦିହରେ ହାତ ବାଜବନ କମିତ କଇଲ ?

ହରି ମିଶ୍ର : ତା ନୁହଁ ଆଉ କ'ଣରେ । ଟଙ୍କା କେଇଟାର ପିଉ କେତେ ? ଆଉ ଲଭ ଗାଟ୍ୟାଇଗଲା, ମାନ୍ନପ୍ର ତମ ଦ' ପ୍ରାଣୀଙ୍କର ପାନଖିଆ ଆଠଅଣା ଉଠିବା ଦରକାର··· ।

ଛକଡ଼ି : କକେଇ, କାଲି ସକାଳେ ସେ ବାଉଣ୍ଡ ଟୋକାଟାକୁ ଟିକିଏ ଦେଖି ନ ଦେଲେ ଭଲ ହେବନି – ତା କଥାଟା ମୋ ଦିହରେ ଛୁଞ୍ଚି ପରି ଗଳି ଯାଉଚ ।

ହରି ମିଶ୍ର : ଆରେ ସେ କଥା ତୁ ଆଉ ମତେ କ'ଣ ମନେ ପକେଇ ଦଉଚୁ ମ ? ତୁ କାଲି ଟିକିଏ ଆମ ଘର ଆଡ଼େ ଯିବୁ, ବଳଦ ପଘା, ନଡ଼ିଆ ଗଛ – , ଚଳୁଆଡ଼ ।

ଛକଡ଼ି : ନିଶ୍ଚେ ଯିବି କକେଇ··· ।

ହରି ମିଶ୍ର : ବୁଝିଲୁ ଏ ସବୁ ବରକୂର ଶିକ୍ଷା ।

ଛକଡ଼ି : ବୁଝିଲଣି କକେଇ, ସବୁ ବୁଝିଲଣି, ନେଉ କଥାକୁ ଛେଡ଼ିଦିଏ ସିନା – କିନ୍ତୁ ସେ ଶୁମର କଥା କହେ, ମତେ କୋଉଦିନୁ ନଗେଇଚ ଅଲଗା ହାଣ୍ଡି କରିବାକୁ –

Digitized by srujanika@gmail.com

ହର ମିଶ୍ର : ଆରେ, ମାଇପେ ଘରର ଲକ୍ଷ୍ମୀ, ଘର କଥା ଆମେ କ'ଣ ବୁଝୁ ?

ଛକଡ଼ : ଏଇ ଗୁପ୍ତ ଲଗୁଢ କଥା – ମତେ କ'ଣ କଏ ଜାଣିବାକୁ ଦଏ ?

ହର ମିଶ୍ର : (ବିରକ୍ତ ହୋଇ) ସେଇଟା ତୋ ଦୋଷ – ତୁ ନଜେ ଆଗୁଡ଼ା ପଛ ବୁଝିବାକୁ ଗୁହିଁଲେ ସିନା ବୁଝନ୍ତୁ··· ।

ଛକଡ଼ : ନାହିଁ, ଚନ୍ଦର ଶିଅଲ ଯାହା କଉଥେଲ ଏଥର ସେଇଡା କରବ – ପାଞ୍ଚମାଣିଆ ଚକ ମୁଗଡକ ଏଥର ଅଲଗା କର ରଖିବ, – ଧାନଖଲା ଅଲଗା କରବ ।

ହର ମିଶ୍ର : ହେଁ, ହେଁ – ଏତେ ଦନେ ତୋଠଉଁ ଗୋଟାଏ ମାମଲତକାରଆ କଥା ଶୁଣିଲରେ ଛକଡ଼ – ଉଚତ କଥା – ଏଥିରେ ମାନ ଅପମାନ କଥା ତ କଛୁ ରହଲନ – ଆଜଯାଏ ତମେ କରୁଥିଲ – ଏଣିକ ଯାନ ଭାଇ ପାରଲର ହେଲ – ତା କଥା ସିଏ ବୁଝିବନ – କରବନ ? ହକ କଥା – ହେଃ, ଚନ୍ଦର୍ ଶିଅଲଟି ? ସେ ଶୁଖିଲ କାଠରୁ ପାଣି ବାହାର କରବ । ନ ଜାଣି ମୁଁ ତାକୁ ପିଆଦା କର ରଖିଚ ? ଯାଉଚରେ ଛକଡ଼ ! ···ହଁ ଯାହା ଯେତେବେଳେ ହଉଥିବ ଟିକଏ ପଗ୍ରୁଥିବୁ – ବୁଝିଲୁ ?

ଛକଡ଼ : ଏ କଥା ମତେ ଆଉ କହୁଚ କକେଇ ?

ହର ମିଶ୍ର : ହଁ, ଭଲ କଥାଟାଏ ମନେ ପଡ଼ଲ – ବଚକୁ କୁଆଡ଼େ ଗଲ କରେ ? ପାଞ୍ଚଦନ ହେଇଗଲଣି ନା କ'ଣ ?

ଛକଡ଼ : କେଜାଣି କୁଆଡ଼େ ଗଲ – ଖାଉଜ ସାଥିରେ କଜିଆ କର ଯାଇଚ ତ ।

ହର ମିଶ୍ର : କାହିଁକ କଜିଆ ରେ ?

ଛକଡ଼ : କେଢ କହୁଥେଲ, ଭାଇ କୁଆଡ଼େ ଖାଉଜକୁ କହଲ ଘର କଥାରେ ଧାଡି ନ ଫିଟେଇବାକୁ – କେଢ ସାଥିରେ କ ମୋ ସାଥିରେ କଜିଆ ନ କରବାକୁ – ଖାଉଜ ନାହିଁ କରବାରୁ ସେ ଘଲେଇଲ ।

Digitized by srujanika@gmail.com

ହରି ମିଶ୍ର : ରୁ ଏଥିରେ ବିଶ୍ୱାସ ଯା'ନ ଛକଡ଼ି । ବରଜୁର ତତେ ଦେଖେଇ ହବାକୁ ଗୋଟେ ଫିସାଦ ଇଏ । ସିଏ ଯେଉଁ ଲୋକ, ଭେଲକି ଲଗେଇ ଦବଟି – ଭାଇ ଭଗାସ୍ତି –

ଛକଡ଼ି : ଏଁ ? କ'ଣ କହିଲ ? ହଁ, ଭାଇ ଭଗାସ୍ତି –

[ମିଶ୍ରଙ୍କର ପ୍ରସ୍ଥାନ – ଛକଡ଼ି ମିଶ୍ରଙ୍କର ଗତିପଥକୁ ଏକ ଅର୍ଥହୀନ ଦୃଷ୍ଟିରେ ଚାହିଁ ରହିଲା । ନେପଥ୍ୟରୁ ଭିଖାରିର ଗୀତ ।]

ଏହି ବର ଦିଅ ମୋତେ ହୋଇ ସୁପ୍ରସନ୍ନ ।
ମୋ ପୁତ୍ର ଭରତ ହେଉ ଅଯୋଧ୍ୟା ରାଜନ ।।
ଚଉଦ ବରଷ ରାମ ବନବାସ ଯିବ ।
ଅରଣ୍ୟରେ ଥିବ ସେହି ଦେଶ ନ ମାଡ଼ିବ ।।
ଏହି ବେନି ବର ହେ। ରାଜନ ଦିଅ ମୋତେ ।
ପୂର୍ବେ ଉପକାର ରାଜା କରିଛୁ ମୁଁ ତୋତେ ।।

× × × ×

● ଦ୍ୱିତୀୟ ଦୃଶ୍ୟ

[ବରଜୁ ଘରର ଅଗଣା – ହାଡ଼ିବୋଉ ବସିଛି – ଆଖିରୁ ତା'ର ଲୁହ ବହି ଯାଉଛି – ଶରଧା ବୋଉର ପ୍ରବେଶ]

ଶରଧା ବୋଉ : ଏ କ'ଣ ମ ହାଡ଼ିବୋଉ – ନ ଖାଇ ନ ପିଇ ଶୁଖିଆ ହେଲୁଣି – ବରଜୁଆ ଏମିତ କାହିଁକି ହେଲାମ ? କେଡ଼େ ଭଲ ମଣିଷ୍ଟାଏ ତ ଥିଲା··· ।

ହାଡ଼ି ବୋଉ : ମୋ କପାଳକୁ ତ ଭଲ ମଣିଷ ମନ୍ଦ ହେଇଯାଉଚନ୍ତି ଲୋ ଅପା –

ଶରଧା ବୋଉ : ଛି, ହାଡ଼ିବୋଉ କାନ୍ଦୁଚୁ କାହିଁକି ? ବରଜୁଆ ଆସିବ ନାହିଁ ?

Digitized by srujanika@gmail.com

ହାସ ବୋଉ : ମୁଁ ନ ମର ଯାହା ଜାଉଁ ରହିଲି ଲୋ ଅପା ? ଆଉ କ'ଣ ସିଏ ଆସିବ ମୋର ଭରସା ଅଛୁ ? କେତେ ଆଡ଼େ ତ ମଣିଷ ପଠେଇଲିଣି···

ଶରଧୀ ବୋଉ : ଧଃଲେ ଅସ୍ଥ ଧ – ଏମିତ ହେଲେ କ'ଣ ହେବ ?

ହାସ ବୋଉ : କେତେ ତ ସାବଧାନ ହେଲି, ତା ଆଗରେ ମୁହଁଟାକୁ ବନ୍ଦ କରବାକୁ – ପୋଡପାଡ଼ ମୁହଁକୁ କୁଆଡ଼ୁ ହେଲେ ତ କଥା ବାହାର ପଡ଼ୁଚି ଲୋ – ବିଷ ଖାଇ ମରଯାନ୍ତ ହେଲେ···।

ଶରଧୀ ବୋଉ : ଦେ ତୁନ ହ – (ନମ୍ର ସ୍ୱରରେ) ଅଃଲୋ ହେ ! କିଏ କ'ଣ କରଦେଇଚ – ନଇଲେ ଭଲ ମଣିଷଟା, ପିଲ ମାଇପ, ଘର ଦୁଆର ଛାଡ଼ି ପଳାନ୍ତା···।

ହାସ ବୋଉ : ଆଲେ ମୁଁ ସେଇ କଥା ତ କଇଲରୁ ଶୋଚଥିଲ, ଘର ଛାଡ଼ି ବାହାରଗଲ···।

ଶରଧୀ ବୋଉ : ଆଲେ ଚଢ଼ାକୁ ଉତସ୍ୱ କ'ଣ ନାହିଁ ? ସନଆ ଓଝାକୁ ପୁଣି ବରସିବ କିଏ ? ଅରେ କାଣ୍ଟ ପାଣିରେ···।

ହାସ ବୋଉ : ସନଆ ଓଝା କଉଠି, ମୁଁ କହୁଠି ? କିଏ କରିବ ଏ ସବୁ ?

ଶରଧୀ ବୋଉ : କାହିଁକ ମ – ତତେ କ'ଣ କିଏ କୁଆଡ଼େ ଯିବାକୁ କଉଚ ନା ବେଶୀ ଗୁଡ଼ିଏ ଖରଚ ହେଇଯିବ ? ସାତଟା ଅଣଲେଉଟିଆ ଚକୁଳ ପିଠା, ସାତଟା ଘିଅ ଦୀପ, ସାତ କେରା ଦୂବ···ମେତେ ଆଠଣା ପଇସା ଧରେଇ ଦେଲୁ – ସବୁ କରେଇ ଦେବ ମୁଁ···

ହାସ ବୋଉ : ସତ କଉଚୁ ଅପା, କାଣ୍ଟ ପାଣି କଲେ ସିଏ ଫେର ଆସିବ ?

ଶରଧୀ ବୋଉ : ମଲା, ବିଶ୍ୱାସ ହଉନ – ତୁ କରକର ଦେଖ – ।

ହାସ ବୋଉ : (ଉଠି) ହଉ ମୁଁ ପଇସା ଆଣି ଦଉଚ – ରହ ଅପା (ଗଲା-ବେଳେ) ହେ, ମା' ମଗଲା, ଭଲରେ ଭଲରେ ଫେରଆସୁ – ତୋ

Digitized by srujanika@gmail.com

ଠେଇଁ ଖେଦା ପକେଇବ··· (ପ୍ରସ୍ଥାନ—ପଇସା ନେଇ ଫେର ଆସି ଦେବାକୁ ଗଲବେଳେ ସେ ଷ୍ଟୁଦ୍ଧି ଦେଖେ ତ ବରଜୁ ଆସି ଦୁଆର ମୁହଁରେ ଠିଆ ହୋଇଚ । ହାବୁବୋଉ ନ ଯଯୌ ନ ତସ୍ଥୌ—ତା ମୁହଁକୁ ଷ୍ଟୁଦ୍ଧି ଠିଆ ହେଲ—ପଇସା ହାବୁ ବୋଉ ହାତରୁ ଖସି ପଡ଼ିଲ । ଶରଧା ବୋଉ ବରଜୁକୁ ଦେଖି ଦେଇ ସଙ୍ଗେ ସଙ୍ଗେ ପଇସା ତକ ତଳୁ ଉଠେଇ ଧର···)

ଶରଧା ବୋଉ : (ତୁନ ତୁନ) ଦେଖିଲୁ ଲେ ହାବୁ ବୋଉ, ସାଙ୍ଗେ ସାଙ୍ଗେ କମିତ ଫର ଫରିଲ··

[ଶରଧା ବୋଉ ଆଡ଼େଇ ଆଡ଼େଇ ହୋଇ ଗ୍ଲଲଗଲ—ହାବୁ ବୋଉ ବରଜୁକୁ ଗ୍ଲୁଦ୍ଧି ରହିଲ—ଆଖିରୁ ଲୁହଧାର ବୋହିଗଲ – ଦେଖିଲ ବରଜୁର ମୁହଁ ଶୁଖି ଯାଇଚୁ—କୌଣସି ପରିବର୍ତ୍ତନ ନାହିଁ ।]

ହାବୁ ବୋଉ : (ବରଜୁ ନିକଟକୁ ଯାଇ) ଅଃସ – ଯାହା ତ ଲେକହସା ହେଲ – ଗାଁ'ଟା ଯାକ ହାଟ ବସିଲଣି – ହାବୁବୋଉ ସାଙ୍ଗରେ ତା'ର ପଡ଼ିଲ ନାଇଁ ଯେ ଘର ଗ୍ଲୁଡ଼ି ପଳେଇଚ – କ'ଣ ହେଇଚ ଦେହ – ମୁହଁ ଶୁଖି କଷ୍ଟକାଠ । ଗ୍ଲଲ ଧୂଆ ଧୋଇ ହୋଇ ଖାଇବ ଗ୍ଲଲ – ।

[ବରଜୁର ହାତକୁ ଧରି ଭିତରକୁ ନେଲ ଦାମ ଆସି 'ଏ ବା' ଆଇଲଣି—ବା' ଆଇଲଣି' କହି ବରଜୁର ହାତ ଧଇଲ – ବରଜୁ ଦାମକୁ କାଖେଇଲ ଓ ସମସ୍ତଙ୍କୁ ନେଇ ବାଡ଼ି ଅଣ୍ଡା ଆଡ଼େ ଗଲ—ଅଗଣା ଖାଲି – ନେହମଣି ତା' ଘରୁ ଭିଜ ମାଣ ପଦାକୁ ଆସିଲ –]

ନେହମଣି : କେତେ ନବରଙ୍ଗ ଲେ ମା । କେତେ ଛଇ ଛୋପର । (ଛକଡ଼ିର ପ୍ରବେଶ—ନେହମଣି ପାନଖିଆ ଓଠରେ ହସି ହସି ତା ପାଖକୁ ଯାଇ) ତମ ଷ୍ଟାଇ ଆଇଲେଣି—କେତେ ସୁଆଗ—କେତେ ରଙ୍ଗ ଉଲେ ଯେ ହେଲେ – ତମେ ଦେଖିଥିଲେ ବୁଝିଥାଆନ୍ତ । ଖାଲି ଆମକୁ ଦେଖେଇ ହବାକୁ ଏସବୁ ହଉଚ··· ।

Digitized by srujanika@gmail.com

ଛକଡ଼ି : ହଁ, ମ – ସେଇଟା ! ନେଇ ଲେ ! ରୁ ଆଜ କେଡ଼େ ସୁନ୍ଦର ଦିଶୁଚୁ ମ ? ମୁଣ୍ଡରୁ ଲୁଗା ଖସିଗଲେ ତତେ ସ୍ୱର୍ଗ ଘଣ୍ଟଣ ଦେଖାଯାଏ ଲେ… ।

ନେଡ଼ମଣି : ମଲ ମୋର—କଇ ଦଉଚ – ଭାଇ ଆଇଲେଣି – ଆଉ ପୁଆଳ ଦେଖେଇ ହ'ନ – ଭାଇ କେତେ ସାକୁଲେଇ ହେବେ – ଶୁଣିଲେ ଦେଖିବୁ କଇ ଦଉଚ ।

ଛକଡ଼ି : ରୁ ଦେଖିବୁ ନ ନେଇ – ମୁଁ ଆଉ ଏଥର କଉଥିରେ ଶଙ୍କୁନ ।

● ତୃତୀୟ ଦୃଶ୍ୟ

[ବରଜୁ ଝୋଟ କେଶ୍ୱଏ ଧରି ଦଉଡ଼ି ବଳୁଚ ପିଣ୍ଡାରେ – ହାସ୍ୱ ବୋଉ ଆସି ସେଇଠି ଓଲେଇ ଦେଇ ଥାଳଏ ଚଡୋଉ ପିଠା ଥୋଇ ଦେଇ ଗଲ – ପଛରେ ଗୁଡ଼, ଦୁଧ, ସନ୍ତୁଲା ଆଣି ଥୋଇ ଡାକଲ –]

ହାସ୍ୱ ବୋଉ : ଟିକଏ ରୁଣ୍ଡରେ ଦେଇଦଅ – ସେ କାମଟା ଟିକଏ ବନ୍ଦ କରି ପିଠା ଦ'ଖଣ୍ଡ ଖାଇଦଅ – ତମ ସ୍ୱଗ କ'ଣ ଗ୍ଲୁଭୁନ ? ଯାନବୋହୂ ଦଶପନ୍ଦ ଉପରେ ପଡ଼ି କଇଲ – କଜଆ କଲ – ପଦେ ମୋ ପାଟିରୁ ଖସିଗଲ, ସେଇଥିପେଇଁ ସ୍ୱଣଦନ କାର ପାଟି ଫିଟଉନ । ମୁଁ ଆଉ କେତେଦନ ତୁନ ହେଇ ରଇବ ? (ବରଜୁର ହାତ ଧରି ଟାଣି) ଆସ ମ ଆସ – ଆଜ ଚଡୋଉ ଅମେଇପିଆ, ତମେ ଚଡୋଉକୁ ସୁଖ ପାଅ ବୋଲି ମୁଁ ନଡ଼ିଆ ବାଟି କଅଁର କଅଁର କରି ପିଠା କରିଚ… । (ବରଜୁ ପିଠାଥାଳ ଟାଣି ନେଲ – ସେଥିରୁ ଖଣ୍ଡେ ଛୁଣ୍ଡେଇ ପାଟିରେ ଦେଇ ଉଠି ପଡ଼ିଲ – ହାସ୍ୱବୋଉ କାନ୍ଦ ପକେଇଲ ଭେଁ ଭେଁ ଡାକ ପାରି – ବରଜୁର ହାତଧରି) କାହିଁକ ଏତେ ଘରି କରୁଚ ଭଲ ?

Digitized by srujanika@gmail.com

ପିଠା ଦ'ଖଣ୍ଡ ଖାଇଦଅ – ଯାହା କଇବ ତାହା କଣବ – ଯୋଉ ହଳପ ଦବ ତାକୁ ଧଣବ – ମୁଁ ତ ଆଉ ସାନବୋହୂକୁ ପାଚି ଫିଟଉନ, – ଦେଖୁଚ । ଆଉ କ'ଣ ତମ ମନରେ ଅଛୁ କହୁନ ?

ବରଜୁ : କଇବ ? ଯାହା କଇବ ତା' କଣବୁ ?

ହାଗ୍ବୋଉ : (ଗଦ ଗଦ କଣ୍ଠରେ) ହଁ କଣବ – ନର୍ଚେ ନର୍ଚେ ନର୍ଚେ – ଯାହା କଇବ ।

ବରଜୁ : କାଇଁକ ରୁ ନକେ ବୁଝୁନୁ – ଯେମିତ ଭଲ ହବ ସେମିତ କରୁନୁ... ।

ହାଗ୍ବୋଉ : ନାଇଁ, ନାଇଁ ମୁଁ କଛୁ ଜାଣେନ – ତମେ ଯାହା କଇବ ସେଇତା କଣବ ।

ବରଜୁ : ସେଇତା କଣବୁ ?

ହାଗ୍ବୋଉ : ହଁ ସେଇତା କଣବ –

[ହାଗ୍ବୋଉ ଆଖିରୁ ଲୁହ ଝର ପଡ଼ଲା— ସେଇ ସମୟରେ ନେଟ୍ଟମଣି ସେଇ ବାଟଦେଇ ଗ୍ଳୁଲଗଲା – ସେମାନଙ୍କ ଅଲକ୍ଷ୍ୟରେ ମୁହଁ ମୋଡ଼ଦେଇ ଗ୍ଳୁଲଗଲା ନଜ ଘର ଭିତରକୁ ଓ ପରେ ନେଟ୍ଟମଣି ଓ ଛକଡ଼ର ମୁହଁ ତାଙ୍କ କବାଟ ଫାଙ୍କରୁ ସାମାନ୍ୟ ଦେଖାଗଲା ।]

ବରଜୁ : ଆଚ୍ଛା ତେବେ କହ – ତୋ ଆଡ଼ୁରୁ କେବେ ହେଲେ ସାନବୋହୂ ସାଥିରେ ବାଦ କଣବୁ ନାଇଁ – କଳି ଲଗେଇବୁ ନାଇଁ ?

ହାଗ୍ବୋଉ : (ସେମିତ କଇଁ କଇଁ ହୋଇ କାନ୍ଦ) ନା – କଳ ନଗେଇବନ – ।

ବରଜୁ : ସେ ଯେତେବେଳେ ଯାହା କଇଲେ ଚୁପ୍ହେଇ ରହିବୁ ?

ହାଗ୍ବୋଉ : ସେ ଯେତେବେରେ ଯାହା କଇଲେ ଚୁପ୍ହେଇ ରଇବ ।

Digitized by srujanika@gmail.com

ବରଜୁ : ଘରେ ଶେଜ ଯାହା କଲୁ ରଖା ହବ – ଘିଅ, ଦୁଧ ଯାହା କଲୁ ଖାଇବା ଚଳ ଆଗ ଛକଡ଼ି, ସାନବୋହୂ ପେଇଁ ରଖି ତା'ପରେ ଯାଇଁ ପିଲାଙ୍କୁ ଦବୁ ?

ହାଗ୍ ବୋଉ : ହଁ ସେଇଆ କରିବ ।

ବରଜୁ : (ଟିକିଏ ହସି) କ'ଣ ମୋ ବଦ୍ଦ ତୁଇଁ ସବୁ କଥା ମଙ୍ଗୁରୁ ? ନ କଲେ ତେଣିକି ଜାଣିବ ମୋ ଉପରେ ତୋର ଆଶା ନାହିଁ – ।

[ହାଗ୍ ବୋଉ ଲାଜରେ ସଢ଼ିଯାଇ ହାତଟାକୁ ଛୁଡ଼ାଇଦେଲା ଓ ଜିଭ କାମୁଡ଼ିଦେଲା ।]

ହାଗ୍ ବୋଉ : କେଡ଼େ ଅଲକ୍ଷଣା କଥାଗୁଡ଼ା କହୁଚ ମ ? ଚ୍ଛଲ ଖାଇବ ଚ୍ଛଲ ।

[ବରଜୁ ପିଠାଥାଳି ପାଖରେ ବସିଲା ଓ ଖାଇବାକୁ ଆରମ୍ଭ କଲା]

ବରଜୁ : ଲଙ୍କା ଦ'ଟା ଆଉ ଟିକିଏ ସନ୍ତୁଳା ଆଣ··· (ହାଗ୍ ବୋଉ ଆଣି ଦେଲା) ଛକଡ଼ିକୁ ଡାକ···

ହାଗ୍ ବୋଉ : ଛକଡ଼ି ! ଛକଡ଼ି ମଁ ! ଭାଇ ଡାକୁଚନ୍ତି ଖାଇବାକୁ ଆସ ।

ଛକଡ଼ି : (ଘର ଭିତରୁ ବାହାରକୁ ଆସିଲା ।) ମୁଁ ଦୋକାନରେ ସଉଦା ଦେଇ ଆସି ଖାଇବ ।

ବରଜୁ : ଏ ଛକଡ଼ି ! ଶୁଣ ଇଆଡ଼େ – (ଛକଡ଼ି ଭାଇ ନିକଟକୁ ଗଲା) ଆଜି ଦ'ଟା ପିଠା ଖାଇଦେ—(ହସି) କେତେ ଦିନ ହେଲା ସାଙ୍ଗ ହେଇ ଖାଇନେ ପରା··· ।

ଛକଡ଼ି : ନାହିଁ ଭାଇ ତୁ ଖା – ମତେ ଇଲେ ଶୋକ ନାହିଁ—ମୁଁ ଆସି ଖାଇବ··· ।

ବରଜୁ : ଖାଇବୁନି ଇଲେ ? ଆଚ୍ଛା ଛକଡ଼ି ପେଇଁ ସବୁ ସାଇତ ରଖିଦଅ । ପାଗଲାଟା କେତେବେଳେ କଉ ମନ··· ।

Digitized by srujanika@gmail.com

[ଛକଡ଼ିର ପ୍ରସ୍ଥାନ – ବରଜୁ ଦାମକୁ ସାଥିରେ ଧରି ଖାଇ ବସିଲା — ହାଗୁବୋଉ ଏଇଟା ଖାଅ, ସେଇଟା ଖାଅ ବୋଲି ଖୁସିରେ କହୁଥାଏ — ବରଜୁ ଖାଇସାରି ବାହାରକୁ ଗଲା — ନେତମଣି ସେହି ସମୟରେ ପଦାକୁ ଆସୁଥିବା ବେଳେ ହାଗୁବୋଉ ତା ହାତକୁ ଧରି ପକେଇ—]

ହାଗୁ ବୋଉ : ସାନବୋଉ ! ଆଁ ମ, ପିଠା ଦି'ଖଣ୍ଡ ଖାଇବା, ଛକଡ଼ି ତ କୁଆଡ଼େ ଗଲେଣି, କେତେବେଳକୁ ଫେରୁଚନ୍ତି କେଜାଣି ।

ନେତମଣି : (ମୁହଁ ଛୁଆଡ଼ି ଦେଇ) ନାଇଁ ମ ମୋର ଉଚ୍ଛୁଣି କଏ ଖାଉଚ ? ତମେ ଆଗ ଖାଇସାର — ।

ହାଗୁ ବୋଉ : ସାନବୋଉ ! ତତେ ମୋ ରାଣଟି । ପଛକଥା ପୋଛି ପକା । ଯେତେହେଲେ ତ ମୁଁ ବଡ଼ ଯା' — କେତେବେଳେ କଥଣ କଇ ପକେଇଥିବ — ସେଇ ପଛ କଥା ଗୁଡ଼ାକୁ ଗଣ୍ଠିକରି ବସିଚୁ… ?

ନେତମଣି : (ମୁହଁ ଫୁଲେଇ) କାହିଁକି ମ । ମତେ କଏ କାହିଁକି କ'ଣ କହିବ ? ମୁଁ କାହିଁକି କାହାକୁ କଣ କହିବି ? ଛାଡ଼ ମୁଁ ବାଡ଼ିଆଡ଼େ ଯିବି— (ହାତ ଛଡ଼େଇ ନେଇ ଚାଲିଗଲା ।)

[ହାଗୁବୋଉ ଅପମାନିତ ଓ ବ୍ୟଥିତ ଚିତ୍ତରେ ତା ଆଡ଼େ ସାଶ୍ରୁ ଲୋଚନରେ ଚାହିଁ ରହିଲା — ବରଜୁର ପ୍ରବେଶ — ହାଗୁବୋଉର ଏପରି ଅବସ୍ଥା ଦେଖି —]

ବରଜୁ : କ ଲୋ କ'ଣ ହେଲା ଫେର ? କାନ୍ଦୁଚୁ କିଆଁ ?

ହାଗୁ ବୋଉ : ନାଇଁମ କିଛି ନାଇଁ ।

ବରଜୁ : (ହାଗୁବୋଉ କାନ୍ଧରେ ହାତ ରଖି) ନାଁ ମତେ କହ କ'ଣ ହେଇଚ ?

ହାଗୁ ବୋଉ : ସାନ ବୋଉକୁ କେତେ କରି କହିଲି ଖାଇବାକୁ – ନାହିଁ କଲା – ହାତ ଧଇଲି – ହାତ ଛଡ଼ାଇ ଦେଇ ପଳେଇଲା… ।

Digitized by srujanika@gmail.com

ବରଜୁ : ଆଚ୍ଛା, ସାନବୋଉ ନ ଖାଇବା ଯାଏ ତୁ ଖାଇବୁ ନାହିଁ...

[ହାବୁବୋଉ ବରଜୁ ମୁହଁକୁ ଚାହିଁ ହସିଲା—ବରଜୁ ମଧ୍ୟ ହସିଲା – କିଛି ସମୟ ପାଇଁ ଦୁହେଁ ଦୁହିଁଙ୍କୁ ଚାହିଁ ରହିଲେ ।]

ବରଜୁ : ଦେଖ୍ ମୋ ଚାଦରଟା—ଟିକିଏ ଗାଁ ଆଡ଼େ ବୁଲି ଆସେ ସଞ୍ଜ ଆଗରୁ...

ହାବୁବୋଉ : (ଘର ଭିତରୁ ଚାଦର ଆଣିଦେଇ ···) ତମକୁ ଗୋଟେ କଥା କହିବି ରଖିବ ?

ବରଜୁ : କ'ଣ କହୁନୁ ?

ହାବୁ ବୋଉ : ହାବୁ ବାହାଘରକୁ ସାନବୋଉ ପେଇଁ ଖଣ୍ଡେ ଭଲ କରି ଶାଢ଼ୀ ହେଲାନି ବୋଲି ତା' ମନ ଭାରି ଉଣା ପଡ଼ି ଯାଇଚି – ତା ପେଇଁ ଖଣ୍ଡେ ଭଲ କରି ଶାଢ଼ୀ ଆଣି ଦଅନ୍ତନି ?

ବରଜୁ : (ବିସ୍ମୟବିସ୍ଫାରିତ ନେହରେ) ହାବୁବୋଉ ! ସତ କହୁଚୁ—ଇଏ ତୋ ମନ କଥା ? ଆଉ ତୋ ପେଇଁ ?

ହାବୁ ବୋଉ : ମ । ମୋର କ'ଣ ଆଉ ରଙ୍ଗ ଢଙ୍ଗ ପିନ୍ଧିବାକୁ ବୟସ ଅଛି ? ନେଟଟା ପିଲାଟା – ଖଣ୍ଡେ ଭଲ ଶାଢ଼ୀ ପିନ୍ଧିବାକୁ କେତେ ମନ କରୁଥିବ ।

ବରଜୁ : (ହାବୁ ବୋଉର ହାତ ଆଗ୍ରହରେ ଧରି ପକେଇ) ହାବୁବୋଉ ! ମୁଁ ତୋ କଥା ବିଶ୍ବାସ କରି ପାରୁନି ଲେ । ତୁ ମୋ ଦେହ ଛୁଇଁ କହିଲୁ —ସତ କହୁଚୁ ? ମତେ ଖାଲି ଖୁସି କରିବାକୁ କହୁନୁ ତ—କହ କହ ସତ କହୁଚୁ ?

ହାବୁ ବୋଉ : (ହସି) ନାହିଁ, ତମେ ଖାଲି ଏକା ସତଆ—ଆଉ ସବୁ ମିଛ କହନ୍ତି ।

Digitized by srujanika@gmail.com

ବରଜୁ : ନାହିଁ, ନାହିଁ – ମୁଁ ସେ କଥା କହୁ ନାହିଁ ଯେ, ସେଇ ମଣିଷ ତ
ରୁ... ? ତୋ ମନଟା ସବୁବେଳେ ଏମିତ ରହିବକି ?

ହାବୁ ବୋଉ : ରହିବ ମଁ – ତମେ ଦେଖିବନ ? କ'ଣ କହୁଚ ? ଆଣି ଦବ
କ ନାହିଁ କହିଲ ?

ବରଜୁ : ଆଚ୍ଛା କହିଲୁ ! ଆମେ ଦୁଆର ଦୁଆର ଭିକ ମାଗି ବୁଲିଲେ ବ
ତୋ ମନ ଏମିତ ରହିବ – ବଦଳିବ ନାହିଁ ?

ହାବୁ ବୋଉ : କାହିଁକ ଏତେ କଥା କହୁଚ ମ ? ତମେ ଭିକ ମାଗିଲେ ମୁଁ
କ'ଣ ସାଆନ୍ତାଣୀ ହେଇ ବସିବ ?

ବରଜୁ : ହଉ ତୋର କଥା ହିବ । ମୁଁ କାଲି ସାନବୋହୂ ପେଇଁ ଶାଢ଼ୀ
କିଣି ଆଣିବ... । ଯାଏଁ ଟିକିଏ ଗାଁ ଆଡ଼େ – । (ବରଜୁର ପ୍ରସ୍ଥାନ)

ଚତୁର୍ଥ ଦୃଶ୍ୟ

[ସକାଳ – ବରଜୁର ଅଗଣା – କେହି ନାହାନ୍ତି – ଧରମୁ
ହାତରେ ଖଣ୍ଡିଏ କଟୁରି ଧରି ପ୍ରବେଶ – ପନ୍ଥପଟକୁ ଲୁଚେଇ କଟୁରିଟି
ଧରିଚି – କଟୁରିରେ ସିନ୍ଦୁର ଲଗିଚି – କାହାକୁ ନ ଦେଖି ଡାକିଲା--]

ଧରମୁ : ବରଜୁଆଇ ! ହେ ବରଜୁଆଇ...... !

[ବରଜୁ ଘର ଭିତରୁ ବାହାରି ଆସି –]

ବରଜୁ : କରେ ଧରମୁ ! ଏଡ଼େ ସକାଳୁ କୁଆଡ଼େ ?

ଧରମୁ : (କଟୁରିଟା ଲୁଚେଇ – ପିଠି ଦେଖେଇ) ଦେଖ ବରଜୁଆଇ,
ବଡୁଆଡ ମାଡ଼ର ଫୁଲଟା...... । ଆଉ ଠେଙ୍ଗା ଦାଗ ।

Digitized by srujanika@gmail.com

ବରଜୁ : (ପାଷ୍ଟିକରି) କରେ ଏ ଦଶା ତୋର କିଏ କଲା ?

ଧରମୁ : ସେଇ ଶିଅର ଟୋକା – ମିଶ୍ର ବାମ୍ଭଣ ହୁକୁମରେ କଲା···

ବରଜୁ : (ଆଖି ଛଲ ଛଲ କରି) କରେ କାହିଁକି ?

ଧରମୁ : ବାମ୍ଭଣର କେତେ ଦିନୁ ରାଗ ଥିଲା—ଶୁଝେଇ ଦେଲା······। ଛକଡ଼ିଙ୍କ ଦୋକାନ ଆଗରେ ଥରେ ଡେଡ଼ି ଦେଇଥିଲି ଯେ···।

ବରଜୁ : କାହିଁକି ଡେଡ଼ିଥିଲୁ ?

ଧରମୁ : ସେ କଥାଗୁଡ଼ା ଆଉ କ'ଣ ଶୁଣିବ ?

ବରଜୁ : ନାହିଁ କହ – କାହିଁକି ମିଶ୍ରଙ୍କୁ ଡେଡ଼ିଥିଲୁ ?

ଧରମୁ : ତମ ଭାଇ କାନରେ ମନ୍ତ୍ର ଫୁଙ୍କୁଥିଲା—ତମଠୁ ଭିନେ ହବା ପେଇଁ ବତଉଥିଲା······ମତେ ଯାହା ଦୁଣିଲା କଇଲି ।

ବରଜୁ : କରେ, ତତେ କିଏ କହୁଥିଲା କଥା କହିବାକୁ ?

ଧରମୁ : କାହିଁକି କହୁନ୍ତନି······ବରଜୁଭାଇ ? ତମପରି ଭାଇଠୁଁ ଭିନେ ହବାପେଇଁ ସିଏ ବତେଇବ ? ମିଛରେ ତମ ନାଁରେ ନଗେଇ କଇବ ?

ବରଜୁ : ଉଃ, କି ନପ୍ରାଣିଆ କରି ମାରିଚି ରେ ତତେ ? ହଇରେ, ପଛ କଥାକୁ ମନେ ରଖି ତତେ ଏମିତି ମାଇଲା ?

ଧରମୁ : ବାଗ ପାଉ ନ ଥିଲା – କାଲି ରାତିରେ ମୋ ଗୋରୁ ଦି'ଟା ତାଙ୍କ ବାଇଗରେ ପଶିଥିଲେ—ସେଇ ଆଉରେ ତ ମତେ ଶିଅର ଟୋକା ନଡ଼ିଆ ଗଛରେ ବାନ୍ଧି ଦେଇ ମାଡ଼ ମାଇଲା ।

ବରଜୁ : ବ' ବ, ମୁଁ ଟିକିଏ ମାଲିପା ଆଣି ତୋ ପିଠିରେ ଘଷି ଦିଏ । ଉଃ— ନୋଲା ଫାଟି ଯାଇଚି······ ।

ଧରମୁ : ନାହିଁ ବରଜୁଭାଇ !—ତମେ ମତେ ଛୁଇଁ ମାଲିପା ନଗେଇ ଦିବ ?

ବରଜୁ : ତତେ ଛୁଇଁଲେ ପାପ ଲାଗିଯିବ ? ହାଡ଼ିବୋଉ ! ଏ' ହାଡ଼ିବୋଉ ! ଟିକିଏ ମାଲିପା ନେଇ ବେଗେ ଆ'– (ହାଡ଼ି ବୋଉର ମାଲିପା ନେଇ ପ୍ରବେଶ ଓ ଧରମାର ଏ ଦୁର୍ଦ୍ଦଶା ଦେଖି –)

Digitized by srujanika@gmail.com

ହାସ୍ ବୋଉ : ଏଁ – ଏଁ – ଆଲୋ ମାଲୋ ! ···ଆଲୋ ଏ ଦଶା କଏ କଲା ?

[ବରଜୁ ମାଲପା ନେଇ ଧରମୁକୁ ଛୁଇଁ ମାଲିସ କରିବାକୁ ଉଦ୍ୟତ ହେଲା ବେଳେ ଧରମୁ ଟିକିଏ ସଙ୍କୁଚିତ ହୋଇ···]

ଧରମୁ – ନାହିଁମ, ବରଜୁଆଇ·····ଦଅ ମତେ ଦଅ, ମୁଁ ନଗେଇ ନେବି ।

ବରଜୁ : ତୁ ଚୁପ୍ ହୋଇ ବ'········ମୁଁ ଲଗେଇ ଦଉଛି····· (ଧରମୁ ପିଠିରେ ମାଲପା ଲଗେଇ ଦେଉଁ ଦେଉଁ ହଠାତ୍ କଣ୍ଟୁସ୍ତାକୁ ଦେଖି ଚମକିପଡ଼ି) ଲ ରେ, କଣ୍ଟୁସ୍ତା କଣ ହାତରେ ଧରିଚୁ ?

ଧରମୁ : ହଁ, ବରଜୁଆଇ, କଣ୍ଟୁସ୍ତ········ ।

ବରଜୁ : (ଶଙ୍କିତ ଚିତ୍ତରେ) କରେ କାହିଁକି ?

ଧରମୁ : ସିଣର ଟୋକା ଆଉ ଶିଅର ଟୋକାକୁ ଏଇ କଣ୍ଟୁସ୍ତରେ ଦେଖି ଦେବି ।

ବରଜୁ }
ହାସ୍‌ବୋଉ } : ଏଁ !

ଧରମୁ : ଡର ଯାଉଚ ବରଜୁଆଇ ? ଆମେ ଖୁଣ ଦନ୍ତଭଙ୍ଗା—ଫାଶୀ ଗଲେ ଖେଳତୁ ହେଇଯିବ କ'ଣ ? ଧନୀ ବୋଉକୁ କଇ ଆଇଚି—ତୋ ଶଙ୍ଖା ଭାଙ୍ଗେଇ ଦେ—ତୁ ମୋ ଆଶା ଛାଡ଼—ତୁ ବାଉଣ ଘର ଝିଅ— ଜାଲି ସବାକୁ ଆଉ ଜଣକୁ ଆଦର ଦିଇବୁ ।

ବରଜୁ : (ଧମକେଇ) କାହିଁକି ଏମିତି ଗପୁଚୁ ରେ ପାଗଳ— ।

ଧରମୁ : ଗପୁ ନାହିଁ, ବରଜୁଆଇ । କଣ୍ଟୁସ୍ତରେ ଚୂଆ ଚନ୍ଦନ ଆଉ ମା' ମଙ୍ଗଳାଙ୍କ ସିନ୍ଦୂର ନଗେଇ ଆଣିଚି – ଦେଖିଲ ବରଜୁଆଇ – କେଡ଼େ ଚକ୍‌ଚକ ଏଥିରେ ?

ବରଜୁ : ତୁ କ'ଣ କହୁଚୁ ରେ ଧରମୁ ?

Digitized by srujanika@gmail.com

ଧରମୁ : ଯାହା କହୁଚ ଠିକ୍ କହୁଚ—ଦାଣ୍ଡରେ ହାଟରେ କହିବ, ହରି ମିଶର ଏ ଗାଁ ଉଜାଡ଼ି ଦେବ । ଆଗେ ତାକୁ ମାରିବ—ତା ପଛେ ତ ମରିବ—ଡର କାହାକୁ ?

ବରଜୁ : (ଥରି ଥରି) – ଧରମୁ ! ସଇଟା ପରା—ଟିକଏ ଅସ୍ଥିର ଆଜି ସଞ୍ଜବେଳେ ମଙ୍ଗଳାଙ୍କଠି ମାଳେଣା ହେଉଚ—ସେଇଠି ତୋ କଥା ପଡ଼ିବ ।

ଧରମୁ : ବରଜୁଭାଇ ! ମନ ମୁଣ୍ଡ ପୁରୁବକୁ, ନଇଲେ ପଚ୍ଛମକୁ—ଧରମା ବାହୁର ମିଶର ଟୋକା ଏକଡରେ ଚଡା ଘିନିବ— ।

ବରଜୁ : ରୁ ମୋ କଥା ଶୁଣ···ମୋ କଥା ଶୁଣିବୁନି ଯଦି, କାହିଁକି ସକାଳୁ ମୋ ପାଖକୁ ଆଇଲୁ ? ଯା' ତୋର ଯାହା ଇଚ୍ଛା ହେଉଚ କର···

ଧରମୁ : ତମେ ତେବେ କ'ଣ କହୁଚ ଯେ ?

ବରଜୁ : ମୁଁ କହୁଚ, ଆଜ ଏ କଥା ନଣାପ କରିବା – ଆମେ ଗାଁରେ ସମସ୍ତେ ଯଦି ମିଳି ଏକଯୁଟ ହେବା ତେବେ ମିଶ୍ର ଆମର କ'ଣ କରିବ ରେ ?

ଧରମୁ : ସବୁ କରିବ, ପେରସିଦଣ୍ଡ ହେଇଚ······ ।

ବରଜୁ : କାହା ଯୋଗୁଁ ସିଏ ପେରସିଡେଣ୍ଟ ? ଆମରି ଯୋଗୁଁ···

ଧରମୁ : ମୁଁ ମାଡ଼ ଖାଇଲବେଳେ ତ ଗାଁର ଏତେ ଲୋକ ଥିଲେ—କିଏ ତ କାହିଁକି ପାଟି ଫିଟେଇଲେ ନାହିଁ, ଏତେ ଡର ସେ ମିଶରକୁ !

ବରଜୁ : ହଉ, ସେ ଡର ମୁଁ ଭାଙ୍ଗିବି ଗାଁଲୋକଙ୍କର—ରୁ ମୋ ଉପରେ ଛାଡ଼ି ଦେ ।

ଧରମୁ : ହଉ, କ'ଣ କରୁଚ କର—ହେଲେ ମିଶର ତା'ର ବାଇଲି ନ ମାନିଲେ ଫେରେ କ'ଣ ହେବ ?

ବରଜୁ : ମୁଁ ସେ କଥା ବୁଝିବି ।

Digitized by srujanika@gmail.com

ଧରମୁ : ହଉ ବୁଝି । ହେଲେ ମୋ କଣ୍ଟୁରି ଖଣ୍ଡକ ଛାଡ଼ିବି ନାହିଁ, ଭଲ କରି ପକେଇ ରଖିବି ।

ବରଜୁ : (ହସି) ତୋ କଣ୍ଟୁରି ଆଗ ପାଣିରେ ଫିଙ୍ଗିଲେ ମୁଁ ଯୋଉ କଥା କରିବି ।

ହାଣ୍ଡିବୋଉ : ଧରମୁ ! ଏମିତ ବୁଝି କର ନାହିଁରେ—ପିଲା ମାଇପଙ୍କ କଥା ଭୁଲି ଯାଉଚୁ—କେଡ଼େ ହୁଣ୍ଡା ତୁ—ଇଏ ଯାହା କହୁଚନ୍ତି କର··· ।

ଧରମୁ : ହଉ ଉମର କଥା ହବ, କଣ୍ଟୁରି ପାଣିରେ ଫିଙ୍ଗି ଦେବି ।

ବରଜୁ : ତତେ ବିଶ୍ୱାସ ନାହିଁ, ଗଣ୍ଡମୂର୍ଖ—ବରୁଣେଇ ପର୍ବତ—ଚାଲ ମୁଁ ତୋ ସାଙ୍ଗରେ ଯିବି—ତୁ ଗାଡ଼ିଆରେ କଣ୍ଟୁରି ଫିଙ୍ଗିବୁ ମୋ ଆଗରେ ।

ଧରମୁ : ହଉ ଚାଲ ତେବେ ।

[ବରଜୁ ଓ ଧରମୁର ପ୍ରସ୍ଥାନ - ହାଣ୍ଡିବୋଉ ନର୍ବାକ ହୋଇ ସେ ଆଡ଼େ ଚାହିଁ ରହିଲା—]

● ପଞ୍ଚମ ଦୃଶ୍ୟ

[ବରଜୁର ଅଗଣା – ଛକଡ଼ି ଦୋକାନକୁ ବାହାରଚି—କାଖରେ ବଟୁଆ—ପଛରୁ ନେଳମଣି ଡାକ କହିଲା—]

ନେଳମଣି : ଏ, ଶୁଣ—

ଛକଡ଼ି : କଣ କହୁଚୁ ?

ନେଳମଣି : କହୁଚ ନଆଁ ରଡ଼ ଚୁଲି ପାଉଁଶ—

ଛକଡ଼ି : ମଲା - ସକାଳୁଝାରୁ— କଥା ନାହିଁ – ବାରତା ନାହିଁ—

ନେଳମଣି : ଆମ ଘରକୁ ଯିବ - ଝିଅକ ଖବର ଦେ ।

Digitized by srujanika@gmail.com

ଛକଡ଼ି : କାହିଁକି ଘରକୁ ଗଲୁ ?

ନେଳମଣି : ଭଲେ ହବାପେଇଁ ଆଉ କେତେ ରଡ଼ି ଛାଡ଼ିବ ଦିନ ଗୁଡ଼ି ?

ଛକଡ଼ି : ଆଲୋ, ଭଲେ ହବାକୁ ମୁଁ କ'ଣ ନାହିଁ କରୁଚ – ହେଲେ ଖାଇ ତ ଧଗ ଛୁଆଁ ଦଉନ – ଖାଉଜ ତ ସବୁଥିକି ଚୂପ୍ –

ନେଳମଣି : ସିଏ ଗୋଟାଏ ତାଙ୍କର ଫିସାଦ – ତତେ ବୁଝେଇ ବୁଝେଇ ଥକାଲିଣି ।

ଛକଡ଼ି : ଆଚ୍ଛା ହଉ, ମୁଁ ବୁଝିବ ସେ କଥା –

[ସନିଆ ଖେଇର ପ୍ରବେଶ]

ସନିଆ : ଛକଡ଼ି ପଧାନେ—ତମ ଖାଇ ବଳଦ କିଣି କୋଉଦିନ ଫେରବେ ?

ଛକଡ଼ି : ମୁଁ ଜାଣିନି – ଦ' ଦିନ ହେଲା ତ ଯାଇଚ – ଆଜ ଫେରୁଚ କି କାଲ୍ ଫେରୁଚ – ଶୁଣ ସନିଆ, ଏଥର ମୋ ପାଇଁ ଅଲଗା ମୁଗଖଳା କରବୁ । ପାଞ୍ଚମାଣିଆ ଚକ ମୁଗତକ ମୋର ଅଲଗା ବେଙ୍ଗଳା ପଡ଼ିବ । (ସନିଆ ଆଁ ଟା କରି ଛକଡ଼ିକୁ ଚାହିଁଲା) ଆଁ ଟା କରି ଚାହିଁଚୁ କଅଣ ମ ବଲ୍ ବଲ କରି – ବୁଝି ପାରୁନୁ ?

ସନିଆ : କ'ଣ ତମେ କହୁଚ – ଅଲଗା କରି କାହିଁକି ଖଗ ତଣ୍ଡାହେବ ?

[ହାଗବୋଉର ପ୍ରବେଶ ଓ ନୀରବରେ ତା ଘର ପିଣ୍ଡାରେ ଠିଆହୋଇ ଶୁଣିଲା]

ଛକଡ଼ି : ଆରେ ତୁ ସେଥିରୁ କ'ଣ ବୁଝିବୁ ? ତତେ ଯାହା କହିଲି କରିବୁ – ଅଦା ବେପାରୀ କାହିଁକି ଜାହାଜର ମୂଲ କରୁଚୁ ?

ସନିଆ : ଏଁ ! ଅଦା ବେପାରୀ—ହଇଏ ତମେ ଖାଇଠୁ ଭଲେ ହବ – ବରଜୁ ପଧାନଠଉ ? ନଖେ ମଣିଷରେ ସୁନା ମୁଣ୍ଡାଟାଏ···

ଛକଡ଼ି : (ରାଗିଯାଇ) ଯା – ଯା – ମତେ ବୁଦ୍ଧି ଶିଖାଉଚୁ କାଆଁ ?

ସନିଆ : ହଉ ମୁରିଆ ମୁଣ୍ଡ – ଆମର ଏତେ କଥାରେ କି ବିଶ୍ ଅଛି ?

Digitized by srujanika@gmail.com

(ହାବୁବୋଉକୁ ଚାହିଁ) କଅଣ ଛକଡ଼ି ପଧାନେ ଯାହା କଉଚନ୍ତି—
ସେଇଆ ହବ ?

ହାବୁ ବୋଉ : ମଲ—ମୁଁ କ ଜାଣେ—ସେ ସବୁ କଥା ମତେ ପଚାରୁଚୁ—
ଛକଡ଼ି ଯାହା ଭଲ ବୁଝୁଚନ୍ତି ସେଇଆ କରିବେ ।

ନେତମଣି : କରେ ଯଦୁଆ ! ଆମ କଥା ତୋର କ'ଣ ଖାତିର ହଉନ ?
ଜମିବାଡ଼ି କ'ଣ ଜଣକର ?

ଛକଡ଼ି : ଚୁପ—ମୁଁ ଯାହା କହୁଚି ସେଇଆ କର ।

[ଛକଡ଼ି ଓ ଯଦୁଆର ପ୍ରସ୍ଥାନ]

ହାବୁ ବୋଉ : ଆଲେ ଏ ସାନବୋହୂ ମୁଗ କାହିଁକି ଅଲଗା ବେଙ୍ଗର ପକାଇବ ? —ଏକାଠି ପକା—ଛକଡ଼ି ମୁଗ ବିକିବା ପାଇଁ ଯଦ ପାଖ ଥାଆନ୍ତି ତେବେ ବିକନ୍ତୁ—ଦୋକାନ ପାଇଁ ଟଙ୍କା ଦରକାର ପଡ଼ୁଥିବ । ନଅନ୍ତୁ ସେ ମୁଗ ଟଙ୍କା—

ନେତମଣି : (ମୁହଁ ଛୁଞ୍ଚାଇ) କାହିଁକି ମ ? ଆମେ କାହିଁକି ସବୁ ମୁଗ ନବୁ ? ଆମ ଭାଗ ଆମେ ନବୁ ··ଏମିତ ଦାଢାକଣ୍ଠି କାହିଁ ହଉଚ ମ ?

ହାବୁ ବୋଉ : କାହିଁ ସେ କଥା ନୁହଁ—ବାହାର ଲୋକେ କ'ଣ କହିବେ ?

ନେତମଣି : କହନ୍ତୁ ଯିଏ ଯା' କହିବେ—ଭାଇ ପୁଆଗ ତ ହାଟେ ପଡ଼ି ଦାଣ୍ଡେ ଗଡ଼ ଗଡ଼ୁଚି ।

[ନେତମଣିର ପ୍ରସ୍ଥାନ—ବରଜୁର ପ୍ରବେଶ ହାବୁବୋଉ ଯାଇ ବରଜୁ ପାଇଁ ଗିଲେ ପାଣି ନେଇ ଆସିଲା······]

ହାବୁ ବୋଉ : ଛକଡ଼ିଙ୍କ ବୁଦ୍ଧି ଶୁଣିଲଣି ?

ବରଜୁ : କଅଣ ?

ହାବୁ ବୋଉ : ଯଦୁଆ ସେଇକ ତାଙ୍କ ଭାଗ ମୁଗ ଅଲଗା ବେଙ୍ଗର ପକେଇବାକୁ କହିଚନ୍ତି ।

Digitized by srujanika@gmail.com

ବରଜୁ : ତୁ କଅଣ କହିଲୁ ?

ହାସ ବୋଉ : ମୁଁ କଅଣ କହୁଛି ମ ? —ଭଲେ କହିଲି ସାନବୋହୂକୁ ଯେ ସବୁ ମୁଗ ଅମର କରି ଛକଡ଼ା ଯଦି ବିକାର କରି ଟଙ୍କା ନହାଉ ସ୍ୱହୃଚନ୍ତ ନଅନ୍ତୁ—ଦୋକାନ ଧେଇଁ କ'ଣ ଟଙ୍କା ଦରକାର ଥିବ ।

ବରଜୁ : ଠିକ୍ କହୁଚୁ···

ହାସ ବୋଉ : ହେଲେ, ସାନବୋହୂ ନାହିଁ କରୁଚି—କହୁଚି ତାଙ୍କ ସଙ୍ଗ ସିଏ ନେବେ······ ।

ବରଜୁ : (ହସି) ହଉ, ହଉ, ଭଲ କଥା—ଟୋକାଟାର ଘରକରଣା ବୁଝି ହଉ, କ'ଣ କହୁଚୁ ?

ହାସ ବୋଉ : (ହସି) ହାହାର ନୋକେ ଅପନନ୍ଦା କରିବେନି ?

[ସନଆର ପୁନଃପ୍ରବେଶ]

ସନଆ : ବରଜୁ ପଧାନେ - ଖବରେ ବେଙ୍ଗର ପକଉଥିଲ - ତମେ ଆଇଲଣି ଶୁଣି ଫେର ଆଇଲି··· ।

ବରଜୁ : (ଗୋଡ଼ ଧୋଉ ଧୋଉ) କ'ଣ କହୁଚୁ କହ ?

ସନଆ : ମୁଗ ଅଲଗା ବେଙ୍ଗର ପଡ଼ିବ ?

ବରଜୁ : ନାହିଁ ଏକାଠି— ।

ସନଆ : ଛକଡ଼ା କଲେ ଅଲଗା ଅଲଗା ବେଙ୍ଗର ପଡ଼ିବ ବୋଲି ?

ବରଜୁ : ସେଇଟା ପିଲା ନେଲେକ—ତା କଥା କ'ଣ ଶୁଣୁଚୁରେ - ତା'ର ବୁଦ୍ଧି ଶୁଦ୍ଧି ହେଲାଣି ?

ସନଆ : ମୁଁ ଏବେ କାହା କଥା କରିବି ?

ବରଜୁ : ମୁଁ ଯାହା କହୁଚି - ସବୁ ମୁଗ ଏକାଠି ବେଙ୍ଗଲା ପଡ଼ିବ—

Digitized by srujanika@gmail.com

ସନଆ : ମଲ ! ଦେଖୁଚ ଚନ୍ଦନ ପୁଚୁଚ କାଠ ?

ବରଜୁ : ଆରେ ତା'ର ମୋର ଭଳେ ଗୋଟେ କ'ଣ ରେ ସନଆ ? ତା'ର ହେଲ ସବୁ, ମୋର କଛୁ ନୁହେଁ –

ସନଆ : ବଣ୍ଟରା ହବ ନାହିଁ ତେବେ ?

ବରଜୁ : (ହସି) ଆରେ ବୋକା, ବଣ୍ଟରା କୋଉଦନ ହଉଥଲା, ଦେଖିଥଲୁ ? ମୁଁ ନେଲେ ତ ସେ ନେଲ ପଣ ହଉଥଲା – ସେ ନେଲେ ମୁଁ ନେଲପଣ ହେଲନ ? ବୁଝଲୁ ହାରାବୋଉ, କ'ଣ ଦ'ଟା ଖାଇବାକୁ ଦବୁ । (ଉଭୟଙ୍କର ପ୍ରସ୍ଥାନ)

ସନଆ : ଏ ମଣିଷକୁ ଏବେ କ'ଣ କହବ ?

[ନେହମଣିର ପ୍ରବେଶ]

ନେହମଣି : ଭଲ କଥା – କେତେ ଭଲେଇ ହଉଥବେ – ହଅନ୍ତୁ – ସନଆ ରୁ ମୁଗ ତକ ଆଣି ଆମକୁ ଦେଇ ଯିବୁ··· ।

ସନଆ : (ଘୃଣାବ୍ୟଞ୍ଜକ ଦୃଷ୍ଟିରେ ଚାହିଁ) ହଁ, ହଁ, ଦେଇଯିବ –

ନେହମଣି : ଗୁଡ଼ କେତେ ଖଣ୍ଡ ଏଥର ହେଇଚ ?

ସନଆ : ଦଶ ଖଣ୍ଡ ଘରରେ ପଡ଼ିଚ ।

ନେହମଣି : ସେଥିରୁ ପାଞ୍ଚଖଣ୍ଡ ଆମକୁ ଦେଇଯିବୁ··· ।

ସନଆ : ମୁଗ ତ ଭାଗ ହବନ – ଆଉ ଗୁଡ଼ କାହିଁକି ଭାଗ ହବ ? ସବୁତକ ଗୁଡ଼ ତମକୁ ଦେଇଯିବ – । (ସନଆର ପ୍ରସ୍ଥାନ)

ନେହମଣି : ଓହୋରେ ତେଜ – ଯାଉ କଣ ଯାଉଚ ମ ? (ମୁହଁ ଛୁଞ୍ଚାଡ଼ି ପ୍ରସ୍ଥାନ)

– ମଞ୍ଚ ଅନ୍ଧାର –

Digitized by srujanika@gmail.com

ଚତୁର୍ଥ ଅଙ୍କ

ପ୍ରଥମ ଦୃଶ୍ୟ

[ଗାଁ ରାସ୍ତା – ଛକଡ଼ି ଓ ହର ମିଶ୍ରେ କଥାବାର୍ତ୍ତା ହୋଇ ପ୍ରବେଶ]

ହର ମିଶ୍ର : କ ରେ ଶେଷକୁ ସୁନାଝାକୁ ପିଲାକନିଆ କରି ବାହା କରିଦେଲ ?

ଛକଡ଼ି : ହଁ କଣେଇ । ଖାଇ କରିଲି—ଝିଅ ହୋଇ – ଯେତେଭ ହେଲେଗି ବଡ଼ା କରିବା ଭଲ । ଭଲ ବରଟିଏ ପାଇଲି – ବାହା କରିଦେଲି ।

ହର ମିଶ୍ର : ଖରଚ ତ କଲୁ ହେଣ୍ ?

ଛକଡ଼ି : ହଁ । ହେଲେ, ହାସ୍ ବାହାଘରକୁ ଯାହା ଖରଚ ହେଇଥିଲ, ତା'ର ଜାଣିଗ୍ଲେ ବ ଖର୍ଚ୍ଚ ହେଇନ । ଖାଇ ମୁଡ଼ ଗୁଡ଼ ସବୁ କଣିଲି – ମୁଁ ସବୁ ବନ୍ଦକ କଲି । ବୁଝିଲ କଣେଇ – (ଦାନ୍ତ ଦେଖେଇ ହସି) ସେଇ ଟଙ୍କାରେ ନେଢ ପେଇଁ—କଣ୍ଟି ଗଢ଼େଇଲି – ଗୋଠ ଢଆଣ କଲି···।

ହର ମିଶ୍ର – ଭଲ କରିଚୁ—ବୁଦ୍ଧି ଶୁଦ୍ଧି ହେଲାଣି । ହେଲେ ଭନେ ତ ହଉନୁ, ଖାଲି ଖାଇ ପାଖରେ ଗୁଣୁର୍‌ଗୁଣୁର୍ ହଉଚୁ ।

ଛକଡ଼ି : ମତେ କ'ଣ ସିଏ ଭନେ କରେଇ ଦଉଚି ? ମୁଁ ଯୋଉ କଥା କରୁଚ ଖାଇ ସେଥିରେ ହଁ କ ଚୁଁ କରୁନ – କ'ଣ କରିବ ଏଥିରେ ମୁଁ କଇଲ ?

ହର ମିଶ୍ର : ଆରେ ଗୁନ ହୋଇଗଲେ ତ ତାଙ୍କର ଲଭ – ତୁ ବରଜୁକୁ ଚନ୍ଦିନୁ ରେ ଆଜପାଏ – ହଇରେ, ଧରମୁ ବାଉର ତତେ ଅପମାନିଆ କରି କହିଲା ବୋଲି ସିନା ମୁଁ ତାକୁ ମାଡ଼ ମରାଇଲି – ନା କ'ଣ ମିଛ ? (ଛକଡ଼ି ମୁଣ୍ଡ ହଲାଇଲା) ଏ କଥା ସବୁ କ'ଣ ବରଜୁ ଜାଣିନାହିଁ ? ଧରମୁକୁ କାହିଁକି ମାଡ଼ ହେଲା ସିଏ ତ ଶୁଣିଥିବ ? ଶୁଣିଥିବ ତ ତୋ ପାଇଁ ମୁଁ ତାକୁ ମାଡ଼ଦେଲି ?

ଛକଡ଼ି : ହଁ, ଶୁଣି ନ ଥେବ ଆଉ କ'ଣ ?

Digitized by srujanika@gmail.com

ହରି ମିଶ୍ର : ତେବେ କ'ଣ ହେଲା କଥାଟା ? ମତେ ଏତେ ଲୋକଙ୍କ ପାଖରେ ଲାଇଲ୍ କରେଇଲ ତ ? ମଙ୍ଗଳାଙ୍କ ଠେଇଁ ଗାଁ-ଲୋକଙ୍କୁ ମେଳକରି ମୋ ମୁଣ୍ଡଟାକୁ ନୁଆଇଁ ଦେଲ କି ନାହିଁ ?

ଛକଡ଼ି : ହଁ ସେଇଆ ନୁହେଁ ଆଉ କ'ଣ ?

ହରି ମିଶ୍ର : ସମସ୍ତେ କ'ଣ ଜାଣିଲେନି ଯେ କୋଉପେଇଁ ଏତେ କଥା ହେଲା ?

ଛକଡ଼ି : ହଁ ଜାଣିଲେ—

ହରି ମିଶ୍ର : ଆଉ ଖଣ୍ଡର ମାନ ସେ କ'ଣ ରଖିଲା ? ସେଇଥିପାଇଁ କହୁଥିଲି— ତତେ ଭଲେ କରେଇ ନ ଦେବା ଗୋଟାଏ ପେଁଚ ।

ଛକଡ଼ି : ଖାଇ, ଖାଉନ ଦ' ଜଣଯାକ ତ ଚୁପ୍ ସବୁ କଥାକୁ—ମୁଁ ଏବେ କେତେ କଣ୍ଟାବାଡ଼ରେ ନୁଗା ପକେଇ କଲି କରିବି ? ଦାଣ୍ଡରେ ଲୋକେ ମତେ କ'ଣ କହିବେ ?

ହରି ମିଶ୍ର : କରେ, ତୁ ଓଲଟା କରେ ? ଦାଣ୍ଡ ଲୋକେ କଏ କ'ଣ କହିବେ ? ତତେ କଏ ପୋଷିବ ?

ଛକଡ଼ି : ନେଇ ତ ସେଇଆ କହୁଚ— ।

ହରି ମିଶ୍ର : କରେ "ଘୃଷ୍ଟ ଘର ପୁଅ ଘୃଷ୍ଟ – ଭ୍ରଷ୍ଟ ଘର ପୁଅ ଭ୍ରଷ୍ଟ"—ଘରୁଆ ଘର ଚିଥିଟା ପଗ୍ର—ଖାଉ କଥା କହିବ ।

ଛକଡ଼ି : ହେଲେ କଅଣ ହବ କକେଇ ! ସବୁ ବୁଝୁଁଚ—ହେଲେ ମତେ କାହିଁକି ଏଗୁଡ଼ାକ ଅଡ଼ୁଆ ନାଗୁଚ । ଯାହା କଲ ସବୁଥିରେ ହଁ ଭରିଲ ଖାଇ । ଖାଲି ହାଣ୍ଡି ଅଲଗା କଥାଟା - ଋଣ ନେଉଛନ୍ତି କକେଇ··· ।

ହରି ମିଶ୍ର : ନାଇଁମ, ହାଣ୍ଡିଟା ଅଲଗା କରି କଥଏ ହୋଇ ପଡ଼ିବ ? ସେଗୁଡ଼ାକ ମାଇପି କଥା । ଭଲେ ହେବ - ମରଦ ପୁଅପଣ ଭଲେ ହେବ - ଜମି ବାଡ଼ି, ଗୋରୁ ଗାଈ, କଂସା ବାସନ ସବୁ··· ।

ଛକଡ଼ି : ନେଇ ସେଇଆ କହୁଚ—ଦ'ହିଁଙ୍କ ବାହାଘର ଖର୍ଚ୍ଚ ବି ହିସାବ କରି ସେଥିରୁ ଅଧେ ଆଣିବାକୁ କହୁଚ ।

Digitized by srujanika@gmail.com

ହର ମିଶ୍ର : ଏମିତ ଘରଣୀ କାହାକୁ ମିଳେରେ ? ହେଃ—ଏଥିରେ ଫେରେ ତତେ ଅଡ଼ୁଆ ଲାଗୁଚ କ'ଣ ରେ ? ଦଶ ଜଣଙ୍କ ଆଗରେ କଥା ପକେଇ ବାଣ୍ଡିନବୁ··· ।

ଛକଡ଼ି : ଠିକ୍ କଥା କଉଚ ଜକେଇ—ହେଲେ ଭଲ ଲୋକ ମୁଁ କାହାକୁ ଜାଣେ ନାହିଁ । ତମେ ଏକା ଗଲେ ହବ । କାଲି ସକାଳେ ଭେନେ ହେବ ।

ହର ମିଶ୍ର : କରେ, ମୁଁ ଗଲେ କ'ଣ କରବ ? ରୁ ତ ଖାଇକ ଭିଁ କ ତୁଁ କଣରୁନ । ଆଗରୁ କଥା ପଡ଼ିସିବା ଦରକାର ।

ଛକଡ଼ି : ମୁଁ ଆଜ କଥା ପକେଇ ଦଉଚ— ।

ହର ମିଶ୍ର : ହଁ ପକେଇ ଦେ—ଛୁଡ଼ିଗଲେ ଯାଏ—ରୁ ବ ନଷ୍ଟିନ୍ତ—ସେ ବ ନଷ୍ଟିନ୍ତ । ହଉ ମୁଁ ଯାଉଚ ।

ଛକଡ଼ି : ହଉ ଜୁହାର ଜକେଇ—କାଲି ସକାଳୁ ତମକୁ ଆସି ଡାକ ନେଇଯିବ ।

[ହର ମିଶ୍ରଙ୍କର ପ୍ରସ୍ଥାନ—ତାଙ୍କ ଯିବା ପଛେ ପଛେ ଯଦୁ ଦଳେଇର ପ୍ରବେଶ ।]

ଯଦୁ : କରେ ଛକଡ଼ି—କଣ ବାମ୍ଭଣ ତୋ କାନରେ ମନ୍ତ୍ର ଫୁଙ୍କୁଥିଲା ?

ଛକଡ଼ି : (ବିରକ୍ତ ହୋଇ) ସେଥିରେ ତମର କ'ଣ ଗଲା ?

ଯଦୁ ମୋର କାହିଁକ କିଛୁ ଯିବ ? ଖାଲି ଶାମ ପଧାନର ସାତପୁରୁଷ ଘରେ ବାଡ଼ ପଡ଼ିବ—ସେଇ କଥାଟା ବାଧୁଚ— ।

ଛକଡ଼ି : ତମକୁ କାହିଁକ ବାଧୁଚ ? ତମେ କ'ଣ ଆମକୁ ପୋଷି ପକଉବ କ ?

ଯଦୁ : ଛକଡ଼ି, —ଏ ବୁଦ୍ଧି ତତେ କିଏ ଦେଲା ରେ ? ଖାଇ ତ ତୋ'ର ସବୁଥିକ ହଁ କଲୁ—ଆଉ ଫେରେ କ'ଣ ଖୋଜୁଚୁ ?

ଛକଡ଼ି : ଭେନେ ନ ହେଲେ କିଛୁ ହବନି— ।

Digitized by srujanika@gmail.com

ଯଦୁ : ଛି, ଛି, ବରଜୁ ଭଲଆ ଖାଇଠୁ ଭଳେ ହବୁ ? ତବେ ମନ୍ଦ ଦଶା ପଇଲାଣି ।

ଛକଡ଼ି : ହଉ ତମ ଭଲଲୋକ ଥାଉ – ମୁଁ ଯାହା ଠିକ୍ କରିଚ ସେଇଆ –

[ଉଭୟଙ୍କର ପ୍ରସ୍ଥାନ]

● ଦ୍ୱିତୀୟ ଦୃଶ୍ୟ

[ବେଳବୁଡ଼—ବାରଣ୍ଡାରେ ବସି ଲେଣ୍ଟନ ଡାଳପଟ ଧରି ଭାଗବତ ନକଲ କରୁଛି ବରଜ – ଛକଡ଼ି ତା ଘରୁ ବାହାରି ଆସି ସେଠାରେ ଲଙ୍ଗରପଙ୍ଗର ହେଉଛି – ମଝିରେ ମଝିରେ ଅସହାୟ ଭାବରେ ଦୁଆର ନିକଟରେ ଅଧାଲୁଚ୍ଚ ଭାବରେ ଠିଆ ହୋଇଥିବା ନେଟମଣି ମୁହଁକୁ ଚାହୁଁଛି— ନେଟମଣି ମୁହଁ ହଲାଇ ତାକୁ ନିର୍ଦ୍ଦେଶ ଦେଉଛି ବରଜୁକୁ କ'ଣ କହିବାକୁ - କିନ୍ତୁ ଛକଡ଼ି ପାରୁନି – ତା ଘର ଭିତରକୁ ପଶିଗଲା ବେଳେ ନେଟମଣି ତାକୁ ଠେଲି ଦେଇ ପଠେଇ ଦେଲା— ଛକଡ଼ି ଛେପ ଢୋକ ଓ ମୁଣ୍ଡ କୁଣ୍ଡେଇ କୁଣ୍ଡେଇ ଆସି ବରଜ୍ ପାଖରେ ଠିଆ ହେଲା— ତା'ପରେ ଖୁବ୍ ସାହସ ସଞ୍ଚୟ କରି କହିଲା······]

ଛକଡ଼ି : ଭାଇ !

ବରଜୁ : (ଲେଖାରୁ ମୁହଁ ଉଠାଇ) କରେ ! ମତେ ଡାକୁଚୁ ?

ଛକଡ଼ି : (ପାଟି ଖନେଇ) ନାଇଁ – ମୁଁ ଯାଇଥେଲି ସିଆଡ଼େ ନାଁ······ ।

ବରଜୁ : ମତେ ଡାକିଲୁ ଯେ, କଣ କହିବୁ ?

ଛକଡ଼ି : ନାଇଁ, କିଛୁ ନାଇଁ –

ବରଜୁ : (ଲେଖା ବନ୍ଦ କରି) ଛକଡ଼ି, ଦେଲୁ ଟିକିଏ ପୋଥିଟା ସଜାଡ଼ି ବାନ୍ଧିଦେଲୁ – ମୁଁ କେଶିଏ ପାଲି ବଳଦଙ୍କ ପାଖରେ ପକେଇ ଦେଇ ଆସେ ।

Digitized by srujanika@gmail.com

[ବରଜୁର ପ୍ରସ୍ଥାନ—ଛକଡ଼ି ଶଙ୍କିତ ଚିତ୍ତରେ ନିଜ ଘର ଆଡ଼େ ଗୁଣ୍ଡି ପୋଥି ସଜାଡ଼ିବାକୁ ଲାଗିଲା । ନେହମଣି ଧସ୍ ଧସ୍ ହୋଇ ପଶିଆସି—]

ନେହମଣି : ତୋ ମା' ତତେ କେଡ଼େ ମାଇଚିଆ କରି ଜନମ ଦେଇଥିଲା ରେ ?

ଛକଡ଼ି : ଏଁ କଣ କଇଲୁ ମୁହଁ ବଢ଼ି ବଢ଼ି କଥା କହୁଚୁ ?

ନେହମଣି : କହିବି—ହଜାର ଥର କହିବି—କରେ ଅଣ୍ଡିରା ! ଭାଇ ପାଖେ ପାଟି ସିଲେଇ ହେଇଗଲା କଆଁ ?

ଛକଡ଼ି : ଭାଇଠୁ ମୁଗ, ଗୁଡ଼ ସବୁ ନେଇ ଆସିଚ - ପଦେ ତ ମତେ କଥା କଇବାକୁ ପଡ଼ିନ—ଆଜି ଭନେ ହବା କଥା କହୁନ କମିତ ? ଖାଲି ଯାଉଣୁ ଆସୁଣୁ ସେଇ ଭନେ ହବା କଥା— ।

ନେହମଣି : ଆଉ କକେଇଙ୍କ ଆଗରେ ଏତେ ଅଣ୍ଡିରାପଣିଆ ଦେଖେଇ ହଉଥିଲୁ— ?

ଛକଡ଼ି : ହଁ, କକେଇ କଇ ଦଉଚନ୍ତି ଖାଲି,—କନ୍ଥୁ କଲା ବେଳକୁ କେଡ଼େ କଷ୍ଟ ?

ନେହମଣି : (ପାଟିକରି) ତୋ'ର ଭଣିଆ ଅଣ୍ଡିରା ପାଖରେ କଷ୍ଟ—ହଉ କ'ଣ କରୁଚୁ କରୁଥା—ମତେ କାଲି ସଅଳ ପାହିଲେ ବାପ ଘରକୁ ପଠେଇ ଦେ— ।

[ହାରା ବୋଉର ପ୍ରବେଶ]

ହାରା ବୋଉ : ଆଲୋ ଏ ସାନବୋହୂ, ତତେ ମୋ ରାଣଟି—ଏଡ଼େ ପାଟି କର ନା—ହାରା ବା' ଶୁଣିଲେ ମନ ଦୁଃଖ କରିବ···

ନେହମଣି : ଓଃ ପାଟିରୁ କଥା ବାହାରିଲେ ପିହ୍ଲାଣ ଚମକୁଚ ଲେ ମା !

ହାରା ବୋଉ : ଛକଡ଼ି, ସାନବୋହୂକୁ ଚିଡ଼ଉଚ କାହିଁକି ମ ? ଦ ପ୍ରାଣୀଯାକ ହସ ଖୁସିରେ ଚଳନ୍ତ ନାଁ, ପିଲାଙ୍କ ଭଲ ହଉଚ ?

Digitized by srujanika@gmail.com

[ବରଜୁର ପ୍ରବେଶ – ନେଙ୍ଗମଣି ଘରଭିତରକୁ ଖସିଗଲ]

ବରଜୁ : ପାନବୋଡ଼ୁ କାହିଁକି ପାଟି କରୁଥିଲା ?

ହାଣ୍ଡି ବୋଉ : କାହିଁ ମ, କହୁ କାହିଁ—ଛକଡ଼ି ପାନବୋଡ଼ୁକୁ ଟିକିଏ ଚଟକେଇ ଦେଲେ କି କ'ଣ ?

ବରଜୁ : (ହସି) ଚଗଲାଟା ବୁଢ଼ାଙ୍କ ହଳ ପାନବୋଡ଼ୁ ସାଙ୍ଗରେ ଲାଗୁଚ । ଯା' ଯା' ଛକଡ଼ି – ପାନବୋଡ଼ୁକୁ ବୁଝେଇ ଦେ ଟିକିଏ – ପିଲାଲୋକ ··· । ହାଣ୍ଡିବୋଉ ଚାଲ୍‌ଲୁ ଟିକିଏ ଭିତରକୁ – କଥା ଅଛି ।

[ଉଭୟଙ୍କର ପ୍ରସ୍ଥାନ – ଛକଡ଼ି ଯାଇ ତା ପିଣ୍ଡାରେ ବସିଲା ଓ ଗୁଣେଇ ଗୁଣେଇ କହିଲା···]

ଛକଡ଼ି : ହଃ – ଶାଳ ସମସ୍ତେ ସିନା କହୁ ପକଉଚନ୍ତି ମାଇଚିଆ ମାଇଚିଆ, ସାଇ ପାଖରେ କିଏ ପାଟି ଫିଟେଇବ ଆସୁ ଦେଖି । (ହାଇମାରି) କିଏ ମୋର ବସି ଏତେ କଥାକୁ ପାରେ ହୋ—ନିଦ ମାଡ଼ିଲାଣି ।

● ତୃତୀୟ ଦୃଶ୍ୟ

[ସମୟ ସକାଳ – ବରଜୁର ଅଗଣା—ଗୋଛାଏ ଘାସ ମୁଣ୍ଡରେ ନେଇ ବରଜୁର ପ୍ରବେଶ – ଗ୍ରେଷ୍ଟିଆ କରିଆ ଖଣ୍ଡିକ ଓଦା ହୋଇ ଯାଇଛି – ପଛେ ପଛେ ହର ମିଶ୍ରଙ୍କ ପ୍ରବେଶ]

ହର ମିଶ୍ର : କିରେ ଧୂପ – ଏତେ ଆହୁ ରାତିରେ ନିଦ ନାହିଁ ପରା – ହୁଁ ସନ୍ତାନ ମଣିଷ – ଯତନେ ନ କଲେ କେମିତି ହବ ?

ବରଜୁ : ସକାଳୁ ଇଆଡ଼େ କୁଆଡ଼େ କଟେକଇ ?

ହର ମିଶ୍ର : ଆରେ, ଛକଡ଼ିଟା ମତେ ଆଜି ବଡ଼େଇ ଉଠେଇ ଦେଇଛି— ରାତି ନ ପାହୁଣୁ ମୋ ଦୁଆରେ ହାଜର – ଭିନେ ହେବ – ସବୁ ବଣ୍ଟାର

Digitized by srujanika@gmail.com

ହାଜର ହେବ—ମୁଁ ନ ଗଲେ ତାକୁ ବୁଝାଇବ କାହୁ ଆସିବନ । ମୋର କାମ ଅଛି ନା, ରୋଜ ରୋଜ ଏଇ ବେପାର କରି ବସୁଥିବ···?

ବରଜୁ : (ବକ ବକ କରି ଶୁଣି) କିଏ ଭନେ ହବ କହେଇ ? ଭନେ—ଭନେ କ'ଣ ? ମୁଁ ତ କାହିଁ କିଛି ଜାଣିନ ?

ହରି ମିଶ୍ର : (ଆଶ୍ଚର୍ଯ୍ୟ ହୋଇ) ଏଁ, ତୁ ଜାଣିନୁ ? ସେ ଟୋକାଟା ତେବେ ମୋତେ ମିଛରେ କହିଲା ? ଆଉ ହବନି, ହବନି—ମୋ ପାଖେ ତିନ ମାସେ ହେଲା ଲଗେଇଚି—"କହେଇ ଆମର ଭାଉ ବଣ୍ଟା ହବ—ତମେ ଟିକିଏ ଗୁଳା ପକେଇ ଦବ"—ମୁଁ କହିଲି କରେ, ତୁ ପିଲାଟାଏ—ଭନେ କ'ଣ ହବୁ ରେ—ଶୁଣିଲା ମୋ କଥା ? ସେଇ ଏକା କଥ୍—"ନାହିଁ କହେଇ ତମେ ବୁଝନା ମାଢ଼େ ମାଢ଼େ ଖର୍ଚ୍ଚ ।"

ବରଜୁ : କ'ଣ ମାଢ଼େ ମାଢ଼େ ଖରଚ ?

ହରି ମିଶ୍ର : ଆରେ ଏଇ ତୋ ଝିଅଙ୍କ ବାହାଘର ମ—କଇଲା, ସମସ୍ତି କେ'ଣାଏ ସେ, ଏତେ ଗୁଡ଼ାଏ ଅରଦଳ ମୁଁ ସହି ପାରିବ—ମୋ ହିଂସା ମତେ କାଢ଼ି ଅଲଗା କରି ଦଅ—ଝିଅ ବାହାଘର ଖରଚ୍ଚରୁ ମତେ ଅଧେ ଦେଇଦିଅ—ତାଙ୍କର ସେ—ମୋର ମୁଁ ।

ବରଜୁ : କହେଇ ! ଏଇ କଥା କଥାପାଇଁ ତମକୁ ଧକମା କରି ଆଣି ଦାଣ୍ଡ ପିଣ୍ଡାରେ ବସେଇଥିଲା ? ଭନେ ହବା, ବଣ୍ଟା ହବା, ଏଇଟା କ'ଣ ଭଲ କାମଟେ—ତମେ ଯା' କହେଇ—ସେଇଟା ଚଗଲାଟାଏ—ତାରି କଥାରେ···

ହରି ମିଶ୍ର : ଆଉ କହନି ସେ କଥାରେ ପୁଅ—ଯେତେ ବୁଝେଇଲେ କ'ଣ ମାନିଲା—କହିଲା "ବାପ ବଦଳ ବାପ ତମେ—ତମେ ନ ଗଲେ ମୁଁ ବୁଝାଇ କିଛି କରି ପାରିବ ନାହିଁ—"

ବରଜୁ : ହଁ ସେ କଥା ମିଛ ନୁହେଁ—ତମେ ଆମ ବାପ ଭଳି—ହେଲେ ଏଇ କଥାକୁ ତମର କାମ ମାଗ୍ରି କରି ଟାଣି ଆଣିଚ ?

Digitized by srujanika@gmail.com

ହରି ମିଶ୍ର : ହଁ, ତାକ ଆଣିଲି—ଦୋଷ କିଛି କଲା ନାହିଁ ଯେ—କରେ ଛକଡ଼ି, ଏ ଛକଡ଼ି—କୁଆଡ଼େ ଗଲା ସେ ଦେଖିଲି—କଥା ପଡ଼ୁଚି, ସେ କୁଆଡ଼େ ପଳେଇ ଗଲାଣି ।

ବରଜୁ : (ହସି) ସେଇଟା ସେମିତି ପରା ଚଗଲାଟାଏ କରେଇ !—ତା ମତି ଗତି କ'ଣ ଠିକ୍ ଅଛି ? ଯେତେ ସିମିତି ଦେଖିଚ, ସେମିତି କୁଆଡ଼େ ଛପିଯାଉଚି—ତମେ ବି ସେ ଓଧ ସାଥିରେ ବଣ୍ଡୁଆପଣ ହାଇ ହଉଚ ।

ହରି ମିଶ୍ର : (ଆଉ ଥରେ ଡାକି) ଆରେ ଛକଡ଼ି ! ଛକଡ଼ି ! ନାଃ ମୁଁ ଯାଏଁ—ମାହାଲିଆଟାରେ ମୋତେ ସକାଳୁ ଡାକ ଆଣିଲି—କେଡ଼େ ଖରାପ ଟୋକାଟାଏ ହୋ···

ବରଜୁ : ନିହାତି ଚଗଲାଟାଏ—ତମେ କ'ଣ ତା' କଥା ଜାଣି ନ—ପିଲାଦିନୁ ପରା ସିମିତି ଫାଙ୍ଗୁଲିଆଟାଏ ।

ହରି ମିଶ୍ର : ମଲା ! ବୟସ ବଢ଼ିଲା—ବାହାସାହା ହେଲା—ମନ ଅସ୍ଥ କରିବା ଦରକାର—ଘର ସଂସାର ପ୍ରତି ନଜର ଦବା ଦରକାର··· ।

ବରଜୁ : ସେ କଥା ହେଲେ ସେ କଥଣ କଲା ? ମୁଁ ତାହାହେଲେ ତ ନିଶ୍ଚିନ୍ତ ହୋଇ ଭାଗବତ ପଢ଼ନ୍ତି···

ହରି ମିଶ୍ର : ହଉ, ମୁଁ ଯାଉଚି— (ପ୍ରସ୍ଥାନୋଦ୍ୟତ)

ବରଜୁ : ହଁ ମ କରେଇ—ତମେ ଯାଅ—ସେଇଟା ମୋତେ କ'ଣ ଭଲେ ହବ···ତମେ କିମିତି ବିଶ୍ୱାସ କଲ ଯେ, ଏ ଗାମ ପଧାନ ଘରେ ପାଚଣ୍ଡ ପଡ଼ିବ ବୋଲି ?

ହରି ମିଶ୍ର : ଏମିତି ଫେରେ ହଉଚ ନା, ତୋ ଘରେ ନୂଆ ହବ ?

ବରଜୁ : କହୁଠି କ'ଣ ହଉଚ—ଏ ଘରେ ହେଇ ପାରିବନି ।

ହରି ମିଶ୍ର : ନ ହେଲେ ତ ଭଲ କଥା । (ପ୍ରସ୍ଥାନ)

ବରଜୁ : ହଇଲେ, ହାରିବୋଉ—ଶୁଣ ଇଆଡ଼େ—ଶୁଣୁ ଶୁଣୁ···।

ହାରି ବୋଉ : କ'ଣ କି ?

Digitized by srujanika@gmail.com

ବରଜୁ : ଆରେ ଶୁଣିଲୁଣି— ଛକଡ଼ି ହରମିଶ୍ରଙ୍କୁ ସକାଳୁ ଡାକକରି ଆଣିଥିଲି
ମୋଠୁଁ ଭଳେ ହବ ବୋଲି—ଏଡ଼କ ବୁଦ୍ଧି ଏ ଟୋକାଟାର—
ବାହାରି ଲୋକ ଫେରେ ଆସିବେ ଆମ ଦୁ' ଭାଇଙ୍କ ଭଳେ କରିବାକୁ ?
ମତେ ହସ ମାଡ଼ୁଚି ହାଗୁବୋଉ··· ।

ହାଗୁ ବୋଉ : ହରି ମିଶ୍ରଙ୍କୁ ସେ କାହିଁକି ଡାକଥିଲେ ମ ? ସେଇ ଘରଭଙ୍ଗା
ବାମ୍ଭଣ ତ ଆଗୁଡ଼ା ପଡ଼ି ଆସିଥିବ— ଛକଡ଼ିକୁ ବାଟରେ ଘାଟରେ
ଖିଣଉଚି ଭଳେ ହବା ପେଇଁ, ଶଶୁର ଗଲି ଦନଠୁଁ···

ବରଜୁ : ମୁଁ ସେ କଥା ଜାଣିଚି—ହେଲେ ଏ ଟୋକାଟା କେଡ଼େ
ନୁଡ଼ୁବୁଡ଼ିଆ— ପର କଥାରେ ପଡ଼ି ନିଜ ଘର ଭାଙ୍ଗୁଚି—

ହାଗୁ ବୋଉ : ମଣିଷ ପିଲା ତ ଛକଡ଼ି— ଆଉ କ'ଣ କରିବେ— ଦନରାତି ଛାଇ
ତାଙ୍କୁ କିଏ ବଦସଲା ଦଉ···

[ହଠାତ୍ ନେଇମଣି ଘରୁ ବାହାରି ଆସି ଦୂରରୁ ପାଟିକରି]

ନେଇମଣି : ମୁଁ ବଦସଲା ଦଉଚି—ଆଲୋ ହେ, ମୁଁ ବଦସଲା ଦଉଚି ?
ମୁଁ ବଦସଲା ଦଉଚି ?

ହାଗୁ ବୋଉ : ଆଲୋ ଏ ସାନବୋହୂ ! ପାଟି କରନି— ଦେଢ଼ଶୁରୁ ପରୁ ଠିଆ
ହେଇଚନ୍ତି ଲୋ । ତତେ କ'ଣ ମୁଁ କହିଲି ରୁ ବଦସଲା ଦଉଚୁବୋଲି ?

ନେଇମଣି : (ଆହୁରି ପାଟିକରି) ଆଉ କାହାକୁ କହିଲୁ—କିଏ ଆଉ
ବଦସଲା ଦଅନ୍ତା ?

ବରଜୁ : (ଗର୍ଜନ କରି) ସାନବୋହୂ ! ବାହା ଆଗରେ ଠିଆ ହୋଇ
ତେମେ ଏ କଥା କଉଚ ? ବନ୍ଦକର ପାଟି— ମତେ ତେମେ ଆଜଯାଏ
ଚହ୍ନି ପାରନ ? ଆଜଯାଏ ପାଟି ବନ୍ଦ କରିଥିଲି । ତେମେ ଖାଇ ଖାଇ
କଥାରେ ପାଟି ଫିଟାଇବାକୁ କିଏ ? ଯାଅ— ଘର ଭିତରକୁ ଯାଅ···
ଯାଅ— । (ନେଇମଣିର ଘର ଭିତରକୁ ପ୍ରସ୍ଥାନ)

Digitized by srujanika@gmail.com

ଦେଖିବା ଦେଖି କମିତ ଏ ଘର ଦ'ଫାଳ ହବ ? ବରଜ୍ ପଧାନ ଥିବାଯାଏ ସେ କଥା ହବନାହିଁ—ସମସ୍ତେ ଏ କଥା ଜାଣି ରଖିଥା …(ଛକଡ଼ର ପ୍ରବେଶ ଓ ବରଜୁକୁ ଆଡ଼େଇ ଯାଉଥିବାର ଦେଖି) ଏ ଛକଡ଼ ! ଶୁଣ ଇଆଡ଼େ (ଛକଡ଼ ଦୋଷୀ ଭଳି ଖଇ ମୁହଁକୁ ବୁଲି) ଶୁଣ୍ ଆ—ଏଣିକି ଆ— (ଛକଡ଼ ଆସିଲା—ବରଜୁ ତା ନିକଟକୁ ଯାଇ ତା ମୁହଁକୁ କଡ଼ ସମସ୍ତ ପାଇଁ ବୁଲି ହଠାତ୍ ମୁରୁକିହସା ଦେଇ) କ ରେ ଚଗଲା ! ମୋ'ଠୁଁ ଭିନେ ହବୁ ତ, ବାହାରୁ ଏତେ ଲୋକ ଡାକୁଚୁ କାହିଁକି ? ସମ୍ପତ୍ତି ତ ଆମର – ଆମ ଭିତରେ ବଣ୍ଟା ହବ – ଭିଲ ଲୋକ ଆସି କ'ଣ ତାକୁ ଆଉ ଅଧିକା କରି ଦେବେ – ? ତୁ ଭଲା କହିଲୁ ତୋର ଭିନେ ହବାକୁ କାହିଁକି ଏତେ ଇଚ୍ଛା ? (ଛକଡ଼ ଭଡ଼କି ଗଲା ଓ ତା'ପରେ ସାହସ ସଞ୍ଚୟ କରି ଓ ଅନ୍ୟଆଡ଼େ ବୁଲି —)

ଛକଡ଼ : ଭିନେ ହେବିନି ? ଘର ଗୋଟାକରେ ଯାହା ଯୋଉଠି ଆୟ ଆମଦାନୀ ସବୁ ତ ତମରି ଖର୍ଚ୍ଚରେ ପଶିଲା—ଦ'ଦ'ଟା ବାହାଘର – ଏତେ ମଣିଷଙ୍କ ପାଇଁ ଦନାଦ ଖରଚ – ମୁଁ ଏତେ ଅଲେଇ ବଲେଇ ସମ୍ଭାଳି ପାରିବିନି – ମୁଁ ଭିନେ ହେବି –

ବରଜୁ : (ଅବାକ୍ ହୋଇ) ଏଁ, ତୁ ଏଡ଼େ ବାଗେଇ କରି କଥା କହି ପାରିଲୁଣି ? …ତୋ ମୁଣ୍ଡରେ ଫସାର କଥା ପଶିଲାଣି…?

ଛକଡ଼ : କାହିଁକି ପାରିବିନି—ମୁଁ କ'ଣ ଛୁଆଟିଏ ହୋଇଚି ? ଏମିତି ଛୁଆଟେ କହି କହି ମତେ ସବୁବେଳେ ଠକି ଖାଉଥିବ ?

ବରଜୁ : (ଚିତ୍କାର କରି) ଏଁ ତୁ କଅଣ କହିଲୁ – ତତେ ମୁଁ ଠକେଇ ଖାଉଚି ?

[ହଠାତ୍ ଛକଡ଼ ଗାଲରେ ଠାସ୍ କରି ଗୋଟାଏ ଚଟକଣା ଲଗାଇ ଦେଲା—ଛକଡ଼ ବସ୍ମିତ ହୋଇ ଖଇ ମୁହଁକୁ ବୁଲିଲା ଓ ଗାଲ ଆଉଁସିଲା]

Digitized by srujanika@gmail.com

ବରଜୁ : କଏ ତତେ ଏ ସଲା ଦେଇଚ ହଇରେ । ତତେ କାଟେଇଚ—କାନ୍ଧେଇଚ—ତୁ ମୋ ଦହରେ ହଗିଚୁ, ମୁତିଚୁ—ମୁଁ ଫେରୁ ତତେ ଠକେଇ ଖାଉଚ ? ହଇରେ ତୋ ତୁଣ୍ଡ ଲେଉଟିଲା ଏ କଥା କହିବାକୁ ?

ଛକଡ଼ି : (ପୁଣି ସାହାସ ବାନ୍ଧି) ମୁଁ ଭିନେ ହେବି—ଏକାଠି ଚଳି ପାରିବି ନାହିଁ ।

ବରଜୁ : ତୁ ଠିକ କରି ସାରିଚୁ ତେବେ ଭିନେ ହବୁ ବୋଲି ?

ଛକଡ଼ି : ହଁ...... ।

ବରଜୁ : ହଉ ଭଲ କଥା—କିନ୍ତୁ ମୁଁ କ'ଣ ଠିକ୍ କରିଚ ଜାଣିଚୁ—ଭିନେ ହେବ ନାହିଁ, ଜମିବାଡ଼ି, ଗୋରୁଗାଈ, କିଛି ବଣ୍ଟରା ହବନି । ବା' ମଲା ବେଳେ କ'ଣ କହିଥିଲା ଶୁଣିଚୁଟି ?

ଛକଡ଼ି : ହଁ ଶୁଣିଚି—ବା' କହିଦେଇଗଲା — ହେଲେ ଚଳି ପାରିଲେ ତ ଫେର ହବ ?

ବରଜୁ : ତୁ ମୋ ସାଙ୍ଗରେ ଚଳି ପାରିବୁ ନାହିଁ ? ଆଚ୍ଛା କେମିତ ତୋ କଥା ହବ, ମୋ କଥାବ ହବ ?

ଛକଡ଼ି : ମୁଁ ଏତେ ସେତେ ଅଡ଼ୁଆ କଥା ବୁଝି ପାରୁ ନାହିଁ । ସବୁ ଅଧାଅଧି କରି ଦେଲେ ତ କଲି ଛୁଟିଯିବ, ଏତେ କଜିଆ ଲାଗିଚ କାହିଁକି ?

ବରଜୁ : ବଣ୍ଟରା ହବନି ବୋଲି ପରା ମୁଁ କହୁଚ । ସେମିତ ସବୁ ପୁରାପୁରି ରହିବ ।

ଛକଡ଼ି : (ବିରକ୍ତ ହୋଇ) ମୁଁ ପରା କହୁଚ, ମୁଁ ଏକାଠି ରହି ପାରିବିନି ।

ବରଜୁ : ମୁଁ କ'ଣ ସେଇ କଥାକୁ ନାହିଁ କରୁଚ—ଭିନେକୁ ଭିନେ ହବା, ହେଲେ ସମ୍ପତ୍ତି ଭାଗ ହବନି—ତୋ କଥା ହବ, ମୋ କଥା ବି ହବ ।

Digitized by srujanika@gmail.com

ଛକଡ଼ି : ମୁଁ ଏତେ ବଡ଼ କଥା ବୁଝି ପାରୁନି—ହାଗୁ, ପୁନାଙ୍କ ବାହାଘର ଖରଚ, ଆଉ ସବୁ ଖରଚ ହିସାବ ହୋଇ ଅଧାଅଧି ହବ···।

ବରଜୁ : (ହସି) ଆରେ ବୋକା – ସେ ଖରଚ ସବୁ କିଏ ବୁଝାଉଥାଏ ? ହାଗୁ, ପୁନା ବାହା ହେଲେ, ତାଙ୍କ ବାହାଘର ଖରଚ ଆମେ ଆଜି ଘର ବଣ୍ଟାରେ ହିସାବ କରିବା ? ଏତିକି ବୁଦ୍ଧି ଆମର ? କାହିଁକି ? ମୁଁ କହୁଚି ସମ୍ପତ୍ତି ଅଲଗା ହବ ନାହିଁ, ପାଚେରୀ ଉଠିବ ନାହିଁ, ହିଡ଼ ପଡ଼ିବ ନାହିଁ, ଆମେ ଖାଲି ଭିନେ ହବା। ଏ ଘର - ବାଡ଼ି,—ବଗିଚା, ଜମି, ଗୋରୁଗାଈ, ଗଛବୃକ୍ଷ ସବୁ ତୋର, ମୋର କ'ଣ ହବ କହିଲୁ? (ଛକଡ଼ି ବିସ୍ମିତ ହୋଇ ଭାଇ ମୁହଁକୁ ଚାହିଁଲା) ଚାହୁଁଚୁ କଣ ଏମିତିରେ ବୋକା ? (ହସି ହସି) ବିଶ୍ୱାସ ହଉନି ?

ଛକଡ଼ି : (ନିର୍ବାକ୍ ହୋଇ, ବିସ୍ଫାରିତ ନେତ୍ରରେ କିଛି ସମୟ ଚାହିଁ ସାରି) ଏଁ, ଏଁ, କ'ଣ କହିଲ ?

ବରଜୁ : ବୁଝି ପାରିଲୁନି ? – ଏ ଘରବାଡ଼ି, ସମ୍ପତ୍ତି ସବୁ ତୋର, ମୁଁ କାଲି ପିଲାଙ୍କୁ ନେଇ ଘର ଛାଡ଼ି ଚାଲି ଯାଉଚି – ବୁଝିଲୁନା ?

ଛକଡ଼ି : ନାଁ···

ବରଜୁ : ବୁଝିଲୁନି ? କାଲି ହାଗୁବୋଉ ଓ ବାମକୁ ନେଇ ମୁଁ ଗାଁ ଛାଡ଼ି ଚାଲିଯିବି···।

ଛକଡ଼ି : ନାଁ···।

[ଛକଡ଼ି ବାଣ୍ଡ ଆଡ଼େ ଚାଲିଗଲା]

ବରଜୁ : ସବୁ କଥାକୁ ନା ? କ'ଣ ମୁଁ ତ କିଛି ବୁଝି ପାରୁନି ? କ'ଣ ହାଗୁବୋଉ ! ସେଦିନ ତ ଘର ଆଗରେ କହୁଥିଲୁ ମୁଁ ଯୁଆଡ଼େ ଯିବି ସିଆଡ଼େ ଯିବୁ ବୋଲି।

ହାଗୁ ବୋଉ : (ହସି) ହଁ, କହୁଥିଲି ତ— ।

ବରଜୁ : ଏ ଘର ବାଡ଼ି, ସମ୍ପତ୍ତି ସବୁ ଛାଡ଼ି ଦେଇ ଯାଇ ପାରିବୁ ?

Digitized by srujanika@gmail.com

ହାସ୍ୟ ବୋଉ : କ'ଣ ସତରେ ଏବେ ସବୁ ଛାଡ଼ି ଦେଇ ଯିବ ?

ବରଜୁ : ମୁଁ କେବେ ମିଛ କହୁଚ ?

ହାସ୍ୟ ବୋଉ : ହଁ ଯାଇ ପାରବ—ହେଲେ ଏ ଛୁଆଟାକୁ ନେଇ କୋଉଠି ରହବ ଠିକ୍ କରଚ ?

ବରଜୁ : (ହସି) କୋଉଠି ରହବ ସେ କଥା କଣ କଏ ଆଗରୁ ଠିକ୍ କରି ଥାଏ – ଗଛ ତଳରେ ରହି ଆମ ପେଟ ନାହିଁ ?

ହାସ୍ୟ ବୋଉ : ମଲ, କିଛି ଗୋଟେ ଆଗରୁ ଠିକ୍ ଠିକଣା ନ କରି ଏମିତ ଭୂତ ଲଗିଲା ଭଲି ଘର ଛାଡ଼ି କମିତ କାଲି ପଳେଇବ ମ ? ଇଏ କୁଆଡ଼ର କଥା ?

ବରଜୁ : କାଲି ପଳେଇବା ହାସ୍ୟବୋଉ – ଆଜଠୁ ସଜଳ ହୋଇଥା – ।

ହାସ୍ୟ ବୋଉ : ହଉ ତେବେ, କ'ଣ କ'ଣ ସାଙ୍ଗରେ ନବା କହୁଥାଅ ?

ବରଜୁ : କାଣି କଉଡ଼ିଟାଏ ନୁହେଁ – ଖାଲି ଚଳବା ମୁତାବକ ପୁରୁଣା ଲୁଗା କେଇ ଖଣ୍ଡ...

ହାସ୍ୟ ବୋଉ : କଂସା, ବାସନ... ?

ବରଜୁ : ନାଁ, ନାଁ, ନାଁ । ...ହଉ ଯା'ରୁ ହାସ୍ୟବୋଉ – କାମ ଧାମ ସାର – କାଲି ପେଟ ସଜଳ ହଅ । ମୁଁ ଯାଏ ଟିକେ ବାହାର କାମ ଛଡ଼େଇ ଦେଇ ଆସେ (ଗଲା ଯାଉ ଯାଉ ହଠାତ୍ ଠିଆ ହୋଇ) ହାସ୍ୟବୋଉ ! ଟୋକାଟାକୁ କେବେ ହାତ ଉଠାଏନ – ଏତେ ଜୋରରେ ଗୋଟାଏ ଚଟକଣି ମାରିଦେଲି । (ଆଖିରୁ ଲୁହ ଗଡ଼ିପଡ଼ିଲା)

ହାସ୍ୟ ବୋଉ : କ'ଣ ଛୁଆଟିଏ ହେଇଚନ୍ତ ଯେ ତାଙ୍କୁ ବାଡ଼େଇଲ ?

ବରଜୁ : ଏଁ, କ'ଣ କହିଲୁ ? ଛୁଆ ନୁହଁ ହାସ୍ୟବୋଉ – ଛକଡ଼ା ପିଲା ନୁହ – ରୁ ଯେତେବେଳେ ଏ ଘରକୁ ଆସିଲୁ କେଡ଼ିଟିଏ ହୋଇଥିଲା ସେ ? ମାରିତ ଠିକ୍ କରିଚ – ଟୋକା ପରି ବୁଝିବେ ଘର ଭାଙ୍ଗିବାକୁ ବସିଚ । (ପ୍ରସ୍ଥାନ)

Digitized by srujanika@gmail.com

[ଦ୍ୱାର୍ ବୋଉ ଖଞ୍ଜା ଆଡ଼େ ଧୀରେ ଧୀରେ ଷୁଲଗଲ୍ – ଛକଡ଼ି ଆସି ପିଣ୍ଡାରେ ବସିଲ – ନେଳମଣି ଘରୁ ବାହାର···]

ନେଳମଣି : ଏଇ କଥାକୁ, ନାଆ ପେଲ୍ ଦେଲ କଲିକତାକୁ । ଷବଥେଲେ – ଏଇଥିରେ ଡରିଯିବେ । କେତେ ଏମିତ ଘର ଦୁଆର ଛାଡ଼ି ପଳେଇଲେଣି – ତାଙ୍କ ଏଇ ପଳେଇ ଯିବ – ଯା’ ସ୍ୱ’ଶ—ତୋ ପଛରେ ସବୁ ଗୋଡ଼େଇ ଯିବେ ? କ’ରେ ! ରୁ ମାଇମୁହାଁ ମାଡ଼ ଖାଇ ସେଠୁ ସ୍ୱେରଙ୍କ ପଶ ପଳେଇ ଗଲୁ କାହିଁକ ? କକେଇଙ୍କି ଡକେଇ ଦେଇ ସିଆଡ଼େ ଲୁଚଲୁ କାହିଁକ ରେ ମାଇମୁହାଁ ?

ଛକଡ଼ି : ଆଲେ ସିମିତ କାହିଁକ ହଉଚୁ ବା ରହ···ସକାଲେ ସବୁ କୁଆଡ଼େ ଯିବେ, କମିତ ଯିବେ ଯାଆନ୍ତୁ – ଆମର ଭୂନ ହୋଇ ରହିଲେ ଗଲ···।

ନେଳମଣି : ହଁ ସେଇ କଥା···।

● ଚତୁର୍ଥ ଦୃଶ୍ୟ

[ତହିଁ ଆରଦନ ସକାଳେ – ବରଜୁ ପିଣ୍ଡାରେ ବସିଛି – ଛକଡ଼ି ଠିଆ ହୋଇଛି ।]

ବରଜୁ : କ’ଣ ଏବେ ତ ସବୁ ବୁଝିନେଲୁ – ଆଉ କ’ଣ ?

ଛକଡ଼ି : ଏବୁ ସବୁ ଅଧେ ଅଧେ କରି ନେଲେ··· ?

ବରଜୁ : ନାହିଁରେ ଛକଡ଼ି – ମୋର ଏଥିରେ କିଛି କଳପଣା ଅଛି ବୋଲି ଷବୁଚୁ ? ମୋଟେ ନୁହଁ – ବା’ ମନା କରିଚ ଯେତେବେଳେ ସମ୍ପତ୍ତି ବଣ୍ଟାବ ହବନ—ଆଉ ଭିନେ ହବା କଥା - ସେ କଥା ମୁଁ ବୁଝି ଦଉଚ ସାଥି ସାଥି···।

Digitized by srujanika@gmail.com

ଛକଡ଼ି : (ବିରକ୍ତ ହୋଇ) ହଉ, ଯାହା କରିବ କର—ଏଥିରେ ଆଉ କିଏ କ'ଣ କରିବ – ମୁଁ ଯାଉଚି – କାମ ଅଛି··· ।

[ବିରଜୁ ଛକଡ଼ିକୁ ବଡ଼ାଏ କାଗଜପତ୍ର ଦେଇ]

ବିରଜୁ : ତେବେ ନେ, ଏ କାଗଜ ବଡ଼ାଟା ସାନବୋହୂକୁ ଜମା କରି ଦେଇ ଯା – ଏଥିରେ ଜମିର ପଟ୍ଟା ପାଉତି ସବୁ ଅଛି ।

[ଛକଡ଼ି ବଡ଼ାଟା ନେଇ ନିଜ ଘର ଭିତରକୁ ଗଲା – ତାକୁ ରଖିଦେଇ ବାହାରି ଆସିଲା ଓ ଦାଣ୍ଡଆଡ଼େ ପ୍ରସ୍ଥାନ କଲା ।]

ବିରଜୁ : (ଡାକିଲା) ହାଗିବୋଉ ! ଏ ହାଗିବୋଉ !

[ହାଗି ବୋଉର ପ୍ରବେଶ]

ହାଗି ବୋଉ : କ'ଣ କହୁଚ ?

ବିରଜୁ : କ'ଣ ସଜିଲ ହେଲୁ ?

ହାଗି ବୋଉ : ହଁ, ବନ୍ଧାଛନ୍ଦା କରୁଚି··· ।

ବିରଜୁ : ମ, ବନ୍ଧାଛନ୍ଦା କରୁଚୁ ଫେରେ କ'ଣ ? କ'ଓ – ପୁରୁଣା ଲୁଗା ଦି'ଖଣ୍ଡ ନବାକୁ ତୋର ଏତେବେଳ କ'ଣ ଲାଗୁଚି ? ଯା'ର ଦେଇଗି —ସାନ ବୋହୂକୁ ଦେଖେଇ କରି ବାନ୍ଧ – ବୁଝିଲୁ, ଗଣ୍ଡେ କ'ଣ ଖାଇବାକୁ ଦବୁ··· । (ପ୍ରସ୍ଥାନ)

[କଥାବାର୍ତ୍ତା ହୋଇ ଯଦୁ, ଧରମୁ ଓ ସନିଆର ପ୍ରବେଶ]

ଧରମୁ : ଆରେ ହ, – ବିରଜୁଆଇ – ଆମଚୁ ଗୁଡ଼ି ଗୁଲିସିବ—ଖାଲି ମାହାରଥା ପଡ଼ିବ ·· ?

ଯଦୁ : ସିଏ ତ ବୁଳୁଗା ରଥ – ଅଣନେଉଟା – ତୁ ଆଉ କରିବୁ କ'ଣ ଧରମୁ··· ?

ଧରମୁ : ଏଁ, କ'ଣ କରିବ ? ସିଏ ପୁଆଡ଼େ ସିବ ମୁଁ ସିଆଡ଼େ ସିବ – ସେ ତ ଏତେ ସମ୍ପତ୍ତି ଘୁଞ୍ଚା ଧରଉଚି – ଆଉ ମୋ ଜମିଦାରିଗୁଡ଼ିକ କ'ଣ ଛିନ ଖରାପ ହେବା ଯାଉଚି କି ?

Digitized by srujanika@gmail.com

ସୁକୁଆ : ଧରମୁ ଠିକ୍ କଥା କହୁଚ — ବରଜୁ ପଧାନ ଚାଲିଗଲେ ଏ ଗାଁରେ ଆଉ ରହି କ'ଣ ଲଭ ?

ଧରମୁ : ଆମେ ଏତେ ଲୋକ ଥାଉଁ ଥାଉଁ ବରଜୁଆଇ ଗାଁ ଛାଡ଼ି ପଳେଇବ ? ··· କହୁ ହେଇଥେଲ ···

ସଦୁ : ଖାଲି ଚପୁ ବୁଝିହଉଚୁ — ସେ ତ ଭନେ ହବନ ବୋଲି ଘର ଛାଡ଼ୁଚୁ — ଆଉ ତୁ ତାକୁ ରଖିବୁ —

ଧରମୁ : ହିଁ, ଖାଲି ମାହାଣଆ ପଡ଼ିଚ — ଘର ଦୁଆର ଛାଡ଼ି ପଳେଇବ ? ଆମେ ଖାଲି ଭୂତ ବଇଚୁ ?

ସଦୁ : ସ୍ବାକୁ କହନ୍ତ ଗୋପାଳପୁରଆ ଗାଲୁଆ ?

[ବରଜୁର ପ୍ରବେଶ]

ବରଜୁ : (ହସି ହସି) କଏ ଗୋପାଳପୁରଆ ଗାଲୁଆ ?

ସଦୁ : ଏଇ ଧରମୁ ।

ବରଜ୍ : କାହିଁକ ?

ସଦୁ : କହୁଚ ତତେ ଗାଁରୁ ଛାଡ଼ିବନେଇଁ ।

ବରଜୁ : (ହସି) ମୋତେ ଛାଡ଼ିବ ନାହିଁ ? (ଧରମକୁ ଚାହିଁ) କ'ରେ ?

ଧରମୁ : ତମେ ଏ ଗାଁ ଛାଡ଼ି ଯାଇ ପାରିବନ··· ।

ବରଜୁ : ତା କମିତ ହବ ? ଏ ଗାଁ ମତେ ଛାଡ଼ିବାକୁ ହବ··· ।

ଧରମୁ : ହଉ, ତେବେ ମୁଁ ତମ ସାଥିରେ ଯିବି ତମେ ଯୁଆଡ଼େ ଯିବ ।

ବରଜୁ : (ହସି) ପାଗଲାଟାଏ କରେ ? ହାବୁବୋଉ ! ଏ ହାବୁବୋଉ ! କ'ଣ ସକଲି ହେଲା, ବେଗି ବାହାର ପଡ଼ — ଆଉ ଡେର କରନ··· ।

[ହାବୁବୋଉ ଗଣ୍ଠିଲି ଧରି ଓ ଦାମର ହାତ ଧରି ଆସି ବରଜୁ ସାମନାରେ ଠିଆ ହେଲା — ଗାଁ ଲୋକେ ବ୍ୟଥାଭରା ଆଖିରେ ଏ ଦୃଶ୍ୟ ଦେଖୁଥିଲେ — ଧରମୁ ଅବାକାବା ହୋଇ ଚାହିଁ ରହିଲା — ହସି ହସି

Digitized by srujanika@gmail.com

ବରଜୁ ଓ ହାଗୁବୋଉ ସମସ୍ତଙ୍କ ଠାରୁ ବଦାହୋଇ ବାହାରଲେ—
ନେଫମଣି ଜବାଟ ନକଟରୁ ଉକମାର ଗୃହିଲ ପ୍ରଫୁଲ୍ଲିତ ଚତ୍ୱରେ···
ନେପଥ୍ୟେ ଗୀତ]

ଗୀତ

"ଅଯୋଧ୍ୟାର ନରନାରୀ କହୁବେ ନଷ୍ଟସ୍ତୁ ।
ଅତ୍ୟନ୍ତ କାମୁକ ଏହୁ ଦଶରଥ ରାସ୍ତୁ ॥
ଲେଶମାତ୍ର ଏହାଙ୍କର ନାହିଁ ବୁଦ୍ଧି ଜ୍ଞାନ ।
ବେଦଭୂଲ୍ୟ ମଣନ୍ତ୍ର ଏ କୈକେୟୀ ବଚନ ॥"

● ପଞ୍ଚମ ଦୃଶ୍ୟ

[ଗାଁ ଦାଣ୍ଡର ଦୃଶ୍ୟ—ବରଜୁ ହାଗୁବୋଉ ଚାଲିଛନ୍ତି—ହାଗୁବୋଉ ମୁଣ୍ଡରେ ଗଣ୍ଠିଲି—ଦାମ ତାର ହାତ ଧରିଛି—ବରଜୁ ପଛରେ ଠେଙ୍ଗାଟି ଧରି ଚାଲିଛି—ତା ପଛକୁ ଯଦୁ, ଧରମୁ, ସନିଆ ଓ ଗାଁର ଅନ୍ୟାନ୍ୟ କେତେକ ପିଲାଛୁଆ, ସ୍ତ୍ରୀଲୋକ ଚାଲିଛନ୍ତି—କେତେକ କାନ୍ଦୁଛନ୍ତି—ଧରମୁ ଆଖିରେ ଲୁହ ।]

ବରଜୁ : ତମେ ସବୁ ଏଥର ଯାଅ, ଆଉ କାହିଁକି ଆସୁଚ ଫେରେ ?

ଯଦୁ : ଚାଲ ଆମେ ଆଉ ଟିକିଏ ବାଟେଇ ଦେଇ ଆସିବୁ··· ।

ବରଜୁ : ଗୋଡ଼ କାଢ଼ିହଉନି ପରା ?

ସନିଆ : ପଧାନେ—ଗୋଡ଼ ତ ଏ ଗାଁରୁ କାଢ଼ି ଦେଲ—ଆଉ କେମିତି କାଢ଼ନ୍ତି ? ଯାହା ଲୁଟିଥେବ ସେଇଆ··· ।

ବରଜୁ : (ହସିକି—ଅନ୍ୟମାନଙ୍କୁ ଫେରିଯିବାକୁ କହିଲି ।) ଗଲ ତମେ ସବୁ ଯାଅ । ତମେ ସବୁ ଫେରି ନ ଗଲେ—ମୁଁ ପାଦେ ଚାଲି ପାରିବିନି । ମୁଁ ଯଦୁଆ—ଏ ଗାଁ କଥା ତତେ ଲାଗିଲା ।

Digitized by srujanika@gmail.com

ଯଦୁ : (ହସି) ମୁଁ କ'ଣ ଏକା ସବୁ ପାରିବି ?

ବରଜୁ : ଫେରେ ସେଇ କଥା କହିଲୁ ? ତୁ ଏକା ? କହିଥିଲି ପରା "କରି କସରତ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ" । ତୋ ପାଖେ ପାଖେ ଆଉ ଜଣେ ଅଛି ରେ ଯଦୁଆ—ତୋ'ର ପରବାୟ କ'ଣ ? ଡର କାହାକୁ ? (ଯଦୁ ଆଖି ପୋଛିଲା—) ହଉ, ତମେ ସବୁ ଫେରିଯାଅ । ସନିଆ ! ଛକଡ଼ିକୁ ଭଲରେ ଚଳେଇବୁ । ପିଲା ଲୋକ – ଜମି ବାଡ଼ି କଥା କିଛି ଜାଣିନାହିଁ—ଯା' ଯଦୁଆ, ଗଲୁ ତୁ – ସନିଆ ଯା'— ଧରମୁ ! କରେ ଯା'—

[ସନିଆ ଓ ଯଦୁଆ ଫେରିଗଲେ, କିନ୍ତୁ ଧରମୁ ଗଲା ନାହିଁ]

ବରଜୁ : କରେ ଧରମୁ, —ଯା'…

ଧରମୁଁ : (ଅଶ୍ରୁଳ ଆଖିରେ) ମୁଁ ଯିବି ତମ ସାଥିରେ । ମୋତେ ତେମେ କଣ ଫେରେଇ ଦବ ବରଜୁଆଇ ?

ବରଜୁ : ହଁ ରେ ହଁ, ଫେରେଇ ଦେବି । (ବାଷ୍ପରୁଦ୍ଧ କଣ୍ଠରେ) ମୋ ଭାଗ୍ୟ ଦିନ ମୁଁ ତୁଲିବି—ତୁ କାହିଁକି ବାଇଆ ହଉଚୁ । ଯା'—ତୁ ଗଲୁ ।

[ଧରମା ଫେରିଗଲା କୁଣ୍ଠିତ ପଦକ୍ଷେପରେ—ବରଜୁ ଓ ତା'ର ସ୍ତ୍ରୀ ଅଶ୍ରୁ ଲୋଚନରେ ତା ଆଡ଼େ ଚାହିଁ ରହିଲେ ।]

ବରଜୁ : କଲେ, ଆସିଲା ବେଳେ ସାନବୋହୂକୁ କହି ଆସିଚୁଟିକି ? ଛକଡ଼ି କୁଆଡ଼େ ଗଲା ଯେ ଅଇଲା ବେଳେ ଟିକେ ଦେଖା ବି ହେଲାନି ।

ହାରବୋଉ : ହଁ, ସାନବୋହୂକୁ କହିଲି ଯେ – ମୁହିଁକୁ ଚିହ୍ନିଲାନି, କି ପଦେ କଥା ବି କହିଲାନି – ମୁଁ ଆଉ କ'ଣ କହନ୍ତି ?

ବରଜୁ : (ଦୀର୍ଘ ନିଶ୍ୱାସ ପକାଇ) ସାତପୁରୁଷି ଭିଟାମାଟି ଶେଷକୁ ଛାଡ଼ିବାକୁ ପଡ଼ିଲା । ହାରବୋଉ – ହଉ, ଛକଡ଼ି ସୁଖରେ ରହୁ—

Digitized by srujanika@gmail.com

[ପଛରୁ ଡାକ ଶୁଭିଲା]

ଗଉଡ଼ : ଏ, ବରଜୁଆଇ ! ଏ ବରଜୁଆଇ !

[ବରଜୁ ପଛକୁ ବୁଲିଲା]

ବରଜୁ : କିଏ ? ଗଉଡ଼ ପାଟି ଭଳିଆ ଶୁଭୁଚି ତ । (ଗଉଡ଼ ଧଇଁସଇଁ ହୋଇ ପହଞ୍ଚିଲା,) କରେ, ତୁ ଆମ ଗାଁ ଆଡ଼େ ଆଇଲୁ କିମିତି ଗଉଡ଼ ? ଏମିତି ଧଇଁ ସଇଁ କାହିଁକି ହଉଚୁ ?

ଗଉଡ଼ : (ଅଣନିଶ୍ୱାସୀ ହୋଇ) ତମର ଘରଠିକି ଯାଉଥିଲି – ସବୁ ଶୁଣି ଦଉଡ଼ିଚି । ବରଜୁଆଇ ମୋର ଗୋଟିଏ କଥା ରଖିବାକୁ ହବ··· ।

ବରଜୁ : କ'ଣ କହ ?

ଗଉଡ଼ : ରଖିବ ତ ?

ବରଜୁ : କ'ଣ କହ ?

ଗଉଡ଼ : ତେମେ ଆଗ କୁହ ।

ବରଜୁ : ହଁ, ରଖିବ କହ ।

ଗଉଡ଼ : ଆମ ଘରର ଆଗେ ଦନ ସୁରଣା ରହୁ ଯେବେ ପୁଆଟେ ଯିବ– ସୁର ଦନରୁ ଓଳଟିଏ ବେଶି ରହିବ ନାହିଁ –

ବରଜୁ : ମୋ କଥା ଶୁଣ ।

ଗଉଡ଼ : ମୁଁ କଥା ଶୁଣିବି ନାହିଁ । (ଗଉଡ଼ର ଆଖି ଛଳ ଛଳ ହେଲା)

ବରଜୁ : ଟୋକାଟା ଗୁଡ଼ାବନ—ଦେଖିଲ – ଆଖିରେ କିମିତି ଆଖିଏ ଲୁହ – (ବାଷ୍ପରୁଦ୍ଧ କଣ୍ଠରେ) ହଉ, ହଉ, ତୋର କଥା ହଉ – ଛକଡ଼ି ସିମିତି ତୁ ବି ସିମିତି – ତୋ କଥା ମୁଁ ତଳେ ପକେଇବି କିମିତି କହିଲୁ ? ଚାଲ— — ।

Digitized by srujanika@gmail.com

● ଷଷ୍ଠ ଦୃଶ୍ୟ

[ବରଜୁ ପଧାନର ଅଗଣା – ସମୟ ବେଲବୁଡ଼—ଘରଅଟେ ଶୂନସାନ – ବାରଣ୍ଡାରେ ଦାମର ଗୋଟାଏ ବ'ଟା ଖେଲନା ଷଢ଼େଇ, ମାଟିଗୁଲା ଇତ୍ୟାଦି ପଡ଼ିଚ—ଛକଡ଼ି ପ୍ରବେଶ କରି ଦେଖିଲା କେହି କେଉଁଠି ନାହାନ୍ତି – ସେ ଚମକ ପଡ଼ିଲା ।]

ଛକଡ଼ି : ନେତ, ନେତ ! ଭଇ, ଭଉଜ, ଦାମ କୁଆଡ଼େ ଗଲେ ସବୁ ?

[କେହି ଶୁଣିଲେ ନାହିଁ – ଛକଡ଼ିର ନଜର ପଡ଼ିଲା ବାରଣ୍ଡାରେ ସେଇ ଷଢ଼େଇ, ମାଟିଗୁଲା ଓ ଅନ୍ୟାନ୍ୟ ଆବୁରୁ ଜାବୁରୁ ପଦାର୍ଥଗୁଡ଼ିକ ଉପରେ—ଷଢ଼େଇଗୁଡ଼ିକ ଉଠାଇ ଧରିଲା – ପାଗଳଭଳି ସିଆଡ଼େ ଚାହିଁଲା—ସନଆ ଖେଇ ଅଗଣାରେ ଆସି ଛକଡ଼ିର ଏପରି ଅବସ୍ଥା ଦେଖି ଚୂପ ହୋଇ ଠିଆ ହେଲା – ଛକଡ଼ି ସନଆକୁ ଦେଖି···]

ସନଆ : ଘର ଛୁଡ଼ି ସବାରୁ ଗଲେଣି··· ।

ଛକଡ଼ି : ଏଁ, ଘର ଛୁଡ଼ି ଚାଲିଗଲେ ? ଆଉ ଆସିବେନ ?

ସନଆ : ନାଁ,

ଛକଡ଼ି : ସାଙ୍ଗରେ ଜନିଷପତ୍ର ଧରି କିଏ ଗଲା କି ?

ସନଆ : ଢନଟା ଚାରୁଆ ଗଲେ ପରା ।

ଛକଡ଼ି : କ'ଣ ଢନଟା ଚାରୁଆ ଗଲେ ମ ? କ'ଣ ଥଟା କରୁଚୁ ?

ସନଆ : ଆଉ ସେମିତି ଗୁଡ଼େ କଥା ପଚରୁଚ ? ଦେଖୁଚ ଘରେ ଯାହା ଯଉଠି ଥିଲା ସବୁ ସେମିତି ଅଛୁ – ଖାଲି ଖାଲି ତ ଭଇ, ତମର ଚାଲିଗଲେ – ଆଉ ପଚରୁଚ କ'ଣ ?

ଛକଡ଼ି : ଏଁ, ଖାଲି ଖାଲି ! କିଛି ନେଲନ ସାଥିରେ, କିଛି ନେଲନ ?

ସନଆ : କ'ଣ ଅପସନ୍ଦ ହଉଚ କି ?

ଛକଡ଼ି : ଏଁ କ'ଣ କହିଲୁ ?

Digitized by srujanika@gmail.com

ସନିଆ : ଆମେ ଗାଁ ଲୋକେ ସମସ୍ତେ ଦେଖିଚୁନ୍ତ, ବରକୂଆଇ ଗଲାବେଳେ ଗଣ୍ଡି ଉରେ କେଇଖଣ୍ଡ ପୁରୁଣା ଲୁଗା ଖାଲି ।

ଛକଡ଼ି : ଏଁ କ'ଣ ଆଉ କିଛି ନେଲା ନାହିଁ ? ଦାମ ପେଇଁ ବାଟକୁ ଖାଇବା ପେଇଁ ବି ନେଲାନି ?

ସନିଆ : ନାହିଁ··· ।

ଛକଡ଼ି : ସେମାନେ କେତେ ବାଟ ହେବେଣି ?

ସନିଆ : ଏଁ, ଦଉଡ଼ିଯାଇ ନେଉଟାଇ ଆଣିବ କି ?

ଛକଡ଼ି : କେତେ ବାଟ ଯାଇଥିବେ ?

ସନିଆ : ମଲା, ମୁଁ କିମିତି କଇବ ? ସକାଳ ପହରୁ ତ ଗଲେଣି ।

ଛକଡ଼ି : କେହ୍ନ ତେମେ ସବୁ ଅଟକେଇ ପାରିଲ ନାହିଁ ?

ସନିଆ : ତମେ ରଇଲ ନାହିଁ ବତେଇ ଦେଇଥାନ୍ତ ।

ଛକଡ଼ି : ଏମିତି କାହିଁକି ଟାଇଁ ଟାଇଁ କଥାଗୁଡ଼ କହୁଚୁ କିରେ ସନିଆ ?

ସନିଆ : ମତେ କଅଁଳିଆ କଥା ଆସେ ନାହିଁ । କଉ—ଗାଁଟା ଯାକ ଲୋକ ତ ଫାଟିଫୁଟି ଗଲେ—ତଥାପି ହେଲା ନାହିଁ—କାନ୍ଦିଲେ, ଗୋଡ଼ ହାତ ଧଇଲେ – ବରକୂ ପଧାନ କାଉଁଶିଆ କାଠି ଭାଙ୍ଗିବ ପଛେ ନଇଁବ ନାହିଁ ।

ଛକଡ଼ି : ଆଚ୍ଛା, ଏମିତି କ'ଣ କିଏ ପଳେଇ ଯାଏ ?

ସନିଆ : ଦୁଃଖ ହଉଚି କି ? ଜାଣି ଜାଣି ନାଗପୁର ହାଟକୁ ବାହାରିଗଲ ନାହିଁ ?

ଛକଡ଼ି : ମୁଁ କ'ଣ ସେଇ କଥାକୁ ସତ ମଣୁଥିଲି କି ?

ସନିଆ : ଝିଅକ ଚିହ୍ନି ନ ଥିଲ ? କାଲି ଖେତକୁ ହେର ଯିବ କି ନାହିଁ କଇଲ ?

ଛକଡ଼ି : ସେଇ ଗଲାବେଳେ ଆଉ କ'ଣ କହୁଥିଲା ?

ସନିଆ : ମୋର କାମ ଅଛି—ମୁଁ ଯାଉଚି (ପ୍ରସ୍ଥାନ)

Digitized by srujanika@gmail.com

ଛକଡ଼ି : ସନିଆ, ଏ ସନିଆ ! ଟୋ ସୁଅସ୍ତଣ ।

ସନିଆ : (ଭିତରୁ) କିମିତି ନୋକ ହୋ ? ବେରଗୁଡ଼ାକଟାରେ ସୁଅସ୍ତଣ ପକେଇ ଦଉଚ ? ଥରେ ପସ୍ତ କଇଲ୍ କଇ ପାରିବ ନାହିଁ । (ପ୍ରସ୍ଥାନ)

ଛକଡ଼ି : ହଁ, ଶୁଣିଲୁନି ? ସ୍ମଲଗଲା ?

[ଛକଡ଼ି ଉଠି ବାହାରକୁ ଗଲା ଓ ମୁଣ୍ଡବାଲଗୁଡ଼ାକ ଭିତରେ ହାତ ମୁସ୍ତଇ ଫେରି ଆସିଲା – ଝାଡ଼ୁ କରୁ କରୁ ନେଳମଣିର ପ୍ରବେଶ]

ନେଳମଣି : (ହସି ହସି) କଉ ! ଏତେ ବେରକୁ ଫେରୁଚ – ସକାଳୁ ଯାଇଚ ଯେ ଘରଟାଯାକ ସଜାଡ଼ି ସଜାଡ଼ି ମୁଁ ହାଲିଆ –

ଛକଡ଼ି : (ବିରକ୍ତ ସ୍ମସିରଖି) ମୁଁ କ'ଣ କରିବ ସେଥିପେଇଁ ? ଘର କାମ ତ କରୁଚୁ ?

ନେଳମଣି : ମଲା, ସାଇ ସାଉଜ ଘରଟା ଯାକ ଅଣିଆ କରି ପକେଇ ଦେଇ ଗଲେ । ମୁଁ ସଫା କରି କରି ମଲିଣି – କହୁଚୁ କ'ଣ ନା ଘର କାମ ତ କରୁଚ ? ମଲା ରେ ମୋର ଏକା ଘର କ ?

ଛକଡ଼ି : ଭାଇ ଆଜ ଫେରିବ ନାହିଁ ?

ନେଳମଣି : ଯାଉନୁ ଫେରେଇ ଆଣିବୁ – ସୁଆଗ ଗୁସ୍ତ ବୋହି ପଡ଼ୁଚି ।

[ମୁହଁ ମୋଡ଼ି ନେଳମଣିର ପ୍ରସ୍ଥାନ – ଛକଡ଼ି ଚନ୍ତାଚ୍ଛନ୍ନ ହୋଇ କିଛି ସମୟ ବସି ରହିଲା ।]

ଛକଡ଼ି : ମୋ ଆସିବା ଯାଏଁ ବ ରଇଲା ନାହିଁ ?

[ଛକଡ଼ି ଅସ୍ଥିର ଭାବରେ ବୁଲିବାକୁ ଲଗିଲା – ତା' ପରେ କ୍ରମେ ଅନ୍ଧକାର ହୋଇ ଆସିଲା – ଛକଡ଼ି ଅଦୃଶ୍ୟ ହେଲା – ଅନ୍ଧକାର ଗାଢ଼ ହେଲା – ନେଳମଣି ଗୋଟିଏ ଡିବରି ଧରି ପ୍ରବେଶ କଲା ।]

Digitized by srujanika@gmail.com

ନେତ୍ରମଣି : କୁଆଡ଼େ ଗଲୁ ? ମଲୁ— ଫେରେ ଝରେଇଲୁ କୁଆଡ଼େ ମ, ଗଲୁଣି ତା ମୁଣ୍ଡ ଚଗିଡ଼ - ଯାଉ କୁଆଡ଼େ ଯିବ—ପେଟ ପୋଡ଼ିଲେ ଘରେ ଫେରିବନି ଯେ··· (ପ୍ରସ୍ଥାନ)

[ଛକଡ଼ିର ପ୍ରବେଶ - କୁକୁରର ବଦଟ ଭୁକିବା ଶବ୍ଦ - ଛକଡ଼ି ବାରଣ୍ଡା ଆଡ଼କୁ ଗଢ କଲା ବେଳେ ଭିତରୁ ଶୁଭିଲା ।]

ନେତ୍ରମଣି : କିଏ ? ··· କିଏ ?

[ଛକଡ଼ି ଉତ୍ତର ନ ଦେଇ ବାରଣ୍ଡାରେ ଗାମୁଛା ପାରି ଶୋଇବା – ନେତ୍ରମଣିର ଡିବିରି ଧରି ପ୍ରବେଶ—ଛକଡ଼ି ନିକଟକୁ ଯାଇ]

ନେତ୍ରମଣି : ମଲା, ଏଠାଟାରେ ଇମିତ ଶୋଇଲୁ କିଣ ମ ? ଉଠ, ଖାଇବୁ ଆସ··· ।

ଛକଡ଼ି : ମୁଁ ଖାଇବିନି ।

ନେତ୍ରମଣି : କିଆଁ ?

ଛକଡ଼ି : ଯା, ଯା, ମୋତେ ଚଲାନା ଆଉରି ।

ନେତ୍ରମଣି : ତୁ ନ ଖାଇଲେ ତୋ ସାଇ ପିଆଡ଼େ ଉପାସେ ଶୋଇବ - ହଉ ନ' ଖା'—କେତେ ଦିନ ନ ଖାଇବୁ, ଦେଖିବି ତୋର ମରଦପଣିଆ । (ପ୍ରସ୍ଥାନ)

[ଛକଡ଼ି ଶୋଇ ରହିବା - ସଙ୍ଗୀତର ଏକ କରୁଣ ମୂର୍ଚ୍ଛନା ଅନ୍ଧାରରେ ମିଳାଇଗଲା—କ୍ରମେ ସକାଳ ହେଲା – ତା'ପରେ ଦିନ କ୍ରମେ ବଢ଼ିଲା ।]

[ବରଜୁର ଅଗଣା—ଛକଡ଼ି ଅସ୍ଥିରଭାବରେ ଘରୁ ବାହାର – ବାହାରୁ ଘର ହେଉଛି ।]

ଛକଡ଼ି : ହଁ ମ—କୁଆଡ଼େ ଯିବ ସେଇ । ତା' ଘର, ତା' ଦୁଆର, ଘରେ ଫେରିବନି ଯେ, ମୁଁ କାହିଁକି ଏତେ ବ୍ୟସ୍ତ ହେଉଛି ? ଘଣ୍ଟା କେତେ

Digitized by srujanika@gmail.com

ମାଡ଼ ମାଡ଼ ପଡ଼ୁଚ ହୋ – ଯା' ହୋ—ମାହାଣଅାଟାରେ ଭୂତ ଲଗିଲ ଭଳି ପରେଇଲ ? ଭଲେ ନ ହବା କଥା କଇଥେଲେ ମୁଁ କ'ଣ ମଙ୍ଗି ନ ଥାନ୍ତି ?

[ନେଦମଣିର ପ୍ରବେଶ]

ନେଦମଣି : ଏମିତ କାହିଁକ ଟହଲ ପକଉଚୁ ? ଯାଉନୁ ଦୋକାନକୁ ? ଦ' ଧନ ହେଲ ଦୋକାନ ବନ୍ଦ – (ଅଣ୍ଟାରୁ ଖୁବ କାଢ଼ି) ନଏ ଦୋକାନ ଖୁବ – ଯା ।

ଛକଡ଼ି : (ଖୁବ ନେଇ) ହଁ ଯାଉଚ – ଦୋକାନକୁ ଯିବ – ଯାଉଚ......

(ବାହାରକୁ ଖୁଲଗଲ ।)

ନେଦମଣି : ଆଲେ ଏ କି ଡଙ୍ଗ ଦେଖେଇଲଣି ଇଏ ? ମୁଣ୍ଡ ବିଗିଡ଼ି ଗଲଣି ନା ଧ'ଣ ?

[ଛକଡ଼ିର ପୁନଃପ୍ରବେଶ]

ନେଦମଣି : କରେ, ଫେର ଆଇଲୁ ?

ଛକଡ଼ି : ନାଃ, ମୁଁ ଦୋକାନକୁ ଯିବନ –

ନେଦମଣି : ଘରେ ବସି କ'ଣ କରବୁ ? ଯା' – ତାଙ୍କ ଶୋଇବା ଘରେ କ'ଣ ସବୁ ଜନଷପଜ ଅଛୁ ଦେଖି ଗଣି ରଖିବୁ ।

ଛକଡ଼ି : କାହିଁକ ଗୋଟାଏ କଟର କଟର ନଗେଇଚୁ ? ଖାଇ ତ ଘର ଛୁଡ଼ି ଗଲଣି – କଏ ସବୁ ଘିନ ପରଉଚ ?

ନେଦମଣି : କଲେ – କେତେ ତମ ବା ! ସେ ପରେଇଲେ ରୁ ଗୋଡ଼େଇ ଗଲୁନ ? ଯାଏଁ ଲେ ମା' – କେତେ ଆଡ଼ଢ ଏଡ଼ୁଛୁ ସିଆଡ଼େ··· ।

(ପ୍ରସ୍ଥାନ)

[ଛକଡ଼ି ଖାଇ ଘରେ ପଶିଗଲ – କେତେ ସମସ୍ତ ପରେ କେତେଗୁଡ଼ାଏ ପେଁକାଳ, ରବର ହଂସ ଇତ୍ୟାଦ ଧରି ବାହାରକୁ ଅସିଲ –

Digitized by srujanika@gmail.com

ଅନେକ ସମୟ ଧରି ସେଗୁଡ଼ିକ ଆଡ଼େ ଚାହିଁଲା— ଆଖିରୁ ଲୁହ ଧାର ଧାର ହୋଇ ଗଡ଼ି ପଡ଼ିଲା—କଣ୍ଢେଇଗୁଡ଼ିକ ଛାତିରେ ଚାପିଧରି ଚିତ୍କାର କରି ଉଠିଲା—]

ଛକଡ଼ି : ଦାମ, ଦାମରେ – ନେଇଯା ତୋ କଣ୍ଢେଇଟା ନେଇଯା –

[ନେତ୍ରମଣିର ପ୍ରବେଶ]

ନେତ୍ରମଣି : ମଲା ଏ କି ପାଳି ? ଛି, ଛି, ରେ ମାଇଚିଆ,—ଦିନେ କି ଦ'ଦିନ ଏମିତି ହବୁ—ସେଇଠୁ ? ଝିଅ ବାଡ଼ିପଡ଼ାପେଇଁ ଏତିକି ସୁଆଗ ?

ଛକଡ଼ି : (କ୍ରୋଧରେ) ନେଇ, ତୁନି ହ'—

ନେତ୍ରମଣି : ହଇରେ, ତୁନି ହେବି କିଆଁ ?

ଛକଡ଼ି : ତୁ ମୋ ଝିଅକୁ ବାଡ଼ିପଡ଼ା କହିବୁ ? ତୋର ଏତେ ବଡ଼ପଣ— (ନେତ୍ରମଣି ଆଡ଼କୁ ଆଗେଇ ଯାଇ) ତୋ ତଣ୍ଟି ଚିପି ଦେବି— ତୋରି ପାଇଁ ମୋ ଝିଅ ମତେ ଛାଡ଼ିକରି ଚାଲିଗଲା—ତୋରି ପାଇଁ— ସମସ୍ତଙ୍କୁ ଛାଡ଼ି ତୁ ଏଥର ଶାନ୍ତିରେ ରହ । ମୁଁ ବି ଯାଉଚି ଝିଅ ପଛେ ପଛେ—ମୋର ଆଉ କିଏ ଅଛି ? ମତେ କୋଳରେ ପିଠିରେ ଯୋଉ ଝିଅ ମଣିଷ କଲା ସିଏତ ଛାଡ଼ି ଚାଲିଗଲା – ପର କରି ଦେଇଗଲା – ତୁ' ଟା ମୋର କିଏ ?

ନେତ୍ରମଣି : ମୁଁ ତୋର କେହି ନୁହେଁ ?

ଛକଡ଼ି : ନା—ନା – ନା – ତୁ ଡାହାଣୀ – ତୁ ସବାଖାଇ ଡାହାଣୀ—ଯା – ଯା ଆଗରୁ କହୁଚି – ଝିଅ ଝିଅ—ତୋ ମନରେ ଏଇଆ ଥିଲା ? ନା—ନା ମୁଁ ତତେ ଛାଡ଼ି ରହି ପାରିବିନି । ତୁ ଯୋଉଠି ଥା, ମୁଁ ତତେ ଖୋଜି ବାହାର କରିବି – ହଁ, ହଁ, ବାହାର କରିବି—ତୁ ଯୁଆଡ଼େ ଯିବୁ,ମୁଁ ତୋ ପଛେ ପଛେ ଯିବି –

[ନେତ୍ରମଣି ଦୂରେଇ ଯାଇ ଶଙ୍କିଗଲା—ଛକଡ଼ି ଛାତିରେ ଯାକି ଧରିଥିବା କଣ୍ଢେଇକି ଚାହିଁବା ଓ କାନ୍ଦିବା ।]

Digitized by srujanika@gmail.com

● ସପ୍ତମ ଦୃଶ୍ୟ

[ଗୌରିଙ୍କ ସେଣର ଘରର ବାହାର – ଛକଡ଼ି ଧୀରେ ଧୀରେ ପ୍ରବେଶ କଲା – ବାରଣ୍ଡା ଉପରକୁ ଇତସ୍ତତଃ କରି ଉଠିଲା – ଦାଣ୍ଡ ଦୁଆରେ ହାତ ମାରିଲା – ଫେରି ଆସି ଠୁଙ୍କା ହୋଇ ଦାଣ୍ଡ ବାରଣ୍ଡାରେ ବସିଲା – ହାତରେ ତା'ର ରବର ହଂସ । କିଛି ସମୟ ପରେ ଦାଣ୍ଡ କବାଟ ଖୋଲିଲା – ଆଖି ମଳି ମଳି ଦାମର ପ୍ରବେଶ – ଛକଡ଼ିକୁ ଦେଖି ଖୁସି ହୋଇ]

ଦାମ : ଦାଦ ! (ଦୌଡ଼ି ଯାଇ ଛକଡ଼ି ହାତରୁ ରବର ହଂସଟା ନେଇ) ଦାଦ ଲୋ ! ତୁ କାହିଁକି ଜାଲି ଆମ ସାଥିରେ ଆଇଲୁନି ?

ଛକଡ଼ି : (କରୁଣରେ ସ୍ନେହସିକ୍ତ ଦୃଷ୍ଟିରେ ଚାହିଁ) ତୋ କୁନିଭାଇଟା ଘୁଞ୍ଚି ଅସିଥିଲା – ମୁଁ ସେଇଟା ନେଇ କରି ଆସିଚି ପରା – ।

ଦାମ : (ଛକଡ଼ି କୋଳରେ ବସି ପଡ଼ି) ତୁ କ'ଣ ଆମ ସାଙ୍ଗରେ ଯିବୁ ଦାଦ ?

ଛକଡ଼ି : ହଁ ରେ ଦାମ ଯିବ – ତୁ ମତେ ସାଙ୍ଗରେ ନବୁ ଦାମ ?

ଦାମ : (ଖୁବ୍ ଜୋରରେ) ହଁ ଦାଦ, ତୁ ଆମ ସାଙ୍ଗରେ ଯିବୁ । ତତେ ଘୁଞ୍ଚିବି ନାହିଁ – ।

ଛକଡ଼ି : ଦାମରେ, ମତେ ସାଥିରେ ନ ଆଣି ତୁ କେମିତି ଚାଲି ଅସିଲୁ ରେ ?

ଦାମ : ତୁ ତ ଘରେ ନ ଥିଲୁ ଦାଦ – ଦାଦ – ଆସ୍ ନୁ ଘରକୁ–

ଛକଡ଼ି : ନାହିଁ ରେ ଦାମ, ମୁଁ ଏଇଠି ବସିବି – ।

ଦାମ : (ଠିଆ ହୋଇ ଛକଡ଼ିର ହାତ ଧରି) ନାହିଁ ଦାଦ, ତୁ ଘର ଭିତରକୁ ଆ, – ମୁଁ ଯାଉଚି ବୋଉକୁ ଡାକି ଆଣିବି – (ଦୌଡ଼ି ଦୌଡ଼ି ଦାମର ପ୍ରସ୍ଥାନ – ଛକଡ଼ିର ମୁଣ୍ଡ ପୋତି ବସି ରହିବା – ଦରଜା ଓ ହାସ୍ୟବୋଉ ସହିତ ଦାମର ପ୍ରବେଶ)

Digitized by srujanika@gmail.com

ବରଜୁ : (ହସି) ଜରେ ଚଗଲା—ବାହାରେ ବସିଚୁ କଅଁ ? ଭିତରକୁ ଆ—କେତେବେଳୁ ଆସି ଏଠି ଏମିତ ବସିଚୁ ?

[ଛକଡ଼ି ବରଜୁ ମୁହଁକୁ ଚାହିଁଲା]

ବରଜୁ : ଜରେ ଏମିତ ଚାହିଁରହିଲୁ କ'ଣ ? ଆ' ଭିତରକୁ ଆ'—ଚାଠ ନ ପାଉଣୁ ଏଠି ଆସି ହାଜର—।

ଛକଡ଼ି : ମୁଁ ଯିବ—।

ବରଜୁ : ଜରେ କୁଆଡ଼େ ଯିବୁ ? (ଛକଡ଼ି ପାଖକୁ ଗଲା)

ଛକଡ଼ି : (ବରଜୁର ଗୋଡ଼ ଦ'ଟାକୁ ଯାବୁଡ଼ି ଧରି) ତୁ ପୁଆଡ଼େ ଯିବୁ ।

ହାବୁ ବୋଉ : ତା କମିତ ହବ ଛକଡ଼ି ? ଘରବାଡ଼ି, ନେଇ !

ଛକଡ଼ି : ମତେ କଛି କହନ ଭାଉଜ—ଯାଉ ସେ ଘରବାଡ଼ି—ସେ ଚାଣ୍ଡି ଭୋଗ କରୁ—ତାର କଥାରେ ପଡ଼ି···

ବରଜୁ : ଛି ଛି – ଏଗୁଡ଼ା ଚୁଣ୍ଡରେ ଧରନ୍ତୁ ?—ତୁ ଫେରଯା—ପିଲା ବୋହୁଟା ପୁଆଡ଼େ ଏକା – ତତେ ଖୋଜୁଥିବ—

ଛକଡ଼ି : ଖୋଜୁ କ ମରୁ—ମୁଁ ଆଉ ଫେରିବନ –

ବରଜୁ : (ଧମକେଇ) ଫେରିବୁନ କଅଣରେ ଟୋକା ? ବାପର ସମ୍ପତ୍ତି ବାଡ଼ ଭୂତ ଖାଇବେ – ବୋହୁଟା ନଆଶ୍ରୀ ହେଇଯିବ ।

ଛକଡ଼ି : (ବରଜୁ ପାଦରେ ମୁଣ୍ଡ ଘଷି) ଯାଉ ସବୁ—ତୁ, ଭାଉଜ, ଦାମ ତ ଘର ଛାଡ଼ିଲ – ମୋର ଆଉ କଏ ଅଛ ? ଦାମକୁ ଛାଡ଼ି ମୁଁ ରହି ପାରିବ ନ' ।

ବରଜୁ : ଆରେ ଚଗଲା—କାଲିକି କାଲି ତୋ କୋଳ ପୁରିଉଠିବ – ସଂସାର ହସି ଉଠିବ—

Digitized by srujanika@gmail.com

ଛକଡ଼ି : (ମୁହଁ ଉଠେଇ) ମୁଁ ତୋ କଥା କହୁ ଶୁଣିବନି ଭାଇ – ତୁ, ଘାଁ ଘୁଡ଼ି ଦେଲୁ – ଗାଁଟା ଖାଁ ଖାଁ – ମୋ ମୁହଁକୁ କେହି ଚାହୁଁ ନାହାନ୍ତି – ତୁ ଫେରି ଚାଲୁନୁ ତେବେ ?

ବଉଳୁ : ଚଗଲଟା ତୁ ବୁଝି ପାରୁନୁ – ମଣିଷର ପ୍ରକୃତ – ଲୋଭ ତାକୁ କେବେଁ ଛାଡ଼େନ – ମୁଁ ଫେରିଯିବି – ସବୁ ଠିକ୍ ଚାଲିବ ଖୁସିରେ – ହେଲେ କେଇଟା ଦିନ ? ତୋର ସଂସାର ବଢ଼ିବ । ଲୋଭ ବଢ଼ିବ – ହିଂସା ବଢ଼ିବ – ଫେର୍ ଯୋଉ କଥାକୁ ସେଇ କଥା – ବାଃ ମୋତେ ତୁ ଆଉ ସେ ଲୋଭ ହିଂସା ଭିତରକୁ ଟାଣି ନବାକୁ ଚେଷ୍ଟା କରନା – ବାପା ସମ୍ପତ୍ତି କରିଥିଲା – ମୁଁ ଭୋଗ କଲେ ଯାହା ତୁ ଭୋଗ କଲେ ସେଇଆ – (ଅଶ୍ରୁଳ କଣ୍ଠରେ) ଆରେ ଆମ ଦିହଟାଙ୍କର ପରି ଗୋଟାଏ ରକ୍ତ – ତୁ ଆଉ ଅବୁଝା ହନା – ଫେରିଯା – ।

ଛକଡ଼ି : ନାଁ ନାଁ ଭାଇ ନାଁ – ମୁଁ ଫେରିବନି ।

ବଉଳୁ : (ଦୃଢ଼ ଓ ଆଦେଶ ଦବା ଗଳାରେ) ତୋତେ ଫେରିବାକୁ ହବ ଛକଡ଼ି – ମତେ ଯଦି ସତ ସତ, ବାପ ଭଳି ଦେଖୁଚୁ ତାହେଲେ ତତେ ଫେରିବାକୁ ହବ – ଫେରିବାକୁ ହବ ।

[ଛକଡ଼ି ବକଲ ମୁହଁରେ ବଉଳୁ ମୁହଁକୁ ଚାହିଁଲା – ତାପରେ ହାବଭାବ ଓ ଦାମ ମୁହଁକୁ, – ମୁହଁରେ ଅସହାୟତାର ଭାବ – ହଠାତ୍ ବଉଳୁର ପାଦ ତଳେ ମୁହଁ ଗୁଞ୍ଜି ଭୋ ଭୋ କାନ୍ଦି ଉଠିଲା ।]

ବଉଳୁ : (ଛକଡ଼ିକୁ ଉଠେଇ ଛାତିରେ ଯାକି ଧରି) ଛି, ଛି, କାନ୍ଦୁଚୁ ଗୋଟେ କ'ଣରେ – ମାଇଚିଆ ଟୋକା— ।

— ସମାପ୍ତ —

Digitized by srujanika@gmail.com